୬ ଆଇସିସି ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଲେ ସୌରଭ ଗାଙ୍ଗୁଲି





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬୦ ● ୧୦ ଜୁଲାଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-160 ● 10th July 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଅ-ତିଥି ରଥଯାତ୍ରା: ଗଜପତି ମହାରାଜାଙ୍କ ଅନୁରୋଧକୁ ଇସ୍କନ'ର ପ୍ରତ୍ୟାଖାନ

# କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ଉପରେ ଆଘାତ

**ପୁରୀ, ୯ ।୭ : ନ୍ୟୁଜ୍ ବ୍ୟୁରୋ**

ଇଣ୍ଟରନ୍ୟାସନାଲ୍ ସୋସାଇଟି ଫର୍ ଶ୍ରୀକୃଷ୍ଣ କନ୍ସିଅସ୍ନେସ୍ (ଇସ୍କନ୍)ର ଅ-ତିଥି ରଥଯାତ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାନିଯାତ୍ରା ପାଳନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଗଜପତି ମହାରାଜ ଓ ଓଡ଼ିଶା ସରକାର ମଧ୍ୟ ଅସନ୍ତୋଷ ପ୍ରକଟ କରିଛନ୍ତି। ନିର୍ଦ୍ଧାରିତ ତିଥିରେ ସ୍ନାନଯାତ୍ରା, ଗୁଣ୍ଡିଚା, ବାହୁଡ଼ା ଆଦି ପାଳନ କରିବାକୁ ଇସ୍କନକୁ ବାରମ୍ବାର ଅନୁରୋଧ କରାଯାଇଛି। ଶେଷରେ ପୁରୀ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ଏହି ମର୍ମରେ ଲେଖିଥିବା ଚିଠିର ପ୍ରତ୍ୟୁତ୍ତର ଇସ୍କନ୍ ଦେଇଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୀତିନୀତି ଅନୁସାରେ ବିଦେଶରେ ଯାନିଯାତ୍ରା ଆଦି ପାଳିତ ହୋଇପାରିବ ନାହିଁ ବୋଲି ଇସ୍କନ ସିଧାସଳଖ ଗଜପତି ମହାରାଜାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛି।

ଗଜପତି ମହାରାଜା ଦିବ୍ୟସିଂହ ଦେବ ଚିଠିଦ୍ୱାରା କରିଥିବା ଅନୁରୋଧକୁ





ପଶ୍ଚିମବଙ୍ଗ କୋଲକାତାସ୍ଥିତ ମାୟାପୁରର ଇସ୍କନ ଗଭର୍ଣ୍ଣିଂ ବଡି କମିଶନ୍ ଚେୟାରମ୍ୟାନ୍ ପ୍ରତ୍ୟାଖ୍ୟାନ କରିଛନ୍ତି। ଗଜପତି ମହାରାଜାଙ୍କୁ ଚିଠିରେ ଉଲ୍ଲେଖ କରିଛନ୍ତି, ଏଣିକି ଏ ବିଷୟରେ କିଛି ବି କହିବୁ ନାହିଁ। ଏହି ଚର୍ଚ୍ଚାରୁ ସବୁଦିନ ପାଇଁ ସମ୍ମାନ ପୂର୍ବକ ଦୂରେଇ ରହିବେ ବୋଲି ଚେତାବନୀ ଶୁଣାଇଛନ୍ତି।

ପ୍ରଥମତଃ ମୂଳପୀଠର ବିଧି, ପରମ୍ପରା, ଶାସ୍ତ୍ର ନିର୍ଦ୍ଦେଶକୁ ଜଳାଞ୍ଜଳି ଦେଇ ଇସ୍କନ୍ ବିଦେଶରେ ମନଇଚ୍ଛା ନିଜ ସୁବିଧାରେ ରଥଯାତ୍ରା ଆୟୋଜନ କଲା। ବିଦେଶରେ ରହୁଥିବା ଓଡ଼ିଆ ଓ ଭାରତୀୟ ଜଗନ୍ନାଥପ୍ରେମୀ, ସମଗ୍ର ବିଶ୍ୱରେ ଥିବା କୋଟିକୋଟି ଭକ୍ତଙ୍କ ଭାବାବେଗ ସହ ଖେଳୁଥିବାରୁ ହିଁ ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ସମଗ୍ର ବିଶ୍ୱରେ ଭକ୍ତମାନେ ସ୍ୱର ଉଠାଇଛନ୍ତି। ତଥାପି ଇସ୍କନ ନିଜର ଜିଦ୍‌ରେ ଅଟଳ ରହି ଅଶାସ୍ତ୍ରୀୟ ପରମ୍ପରାକୁ ବାରମ୍ବାର ଦୋହରାଇ ଚାଲିଛି। ପୁଣି ଏହି ଆଲୋଚନାକୁ ଏଇଠି ବନ୍ଦ କରିବାକୁ ଚିଠିରେ ଦର୍ଶାଇ, ପରୋକ୍ଷରେ ମନଇଚ୍ଛା, ନିଜ ହିସାବରେ ଅ-ତିଥିରେ ରଥଯାତ୍ରା ଆୟୋଜନ କରିବ ବୋଲି ଇଙ୍ଗିତ ଦେଇସାରିଛି।

ଗତବର୍ଷ ଅକ୍ଟୋବର ୧୯ରେ ତତ୍କାଳୀନ ଇସ୍କନ ମୁଖ୍ୟାଳୟ ସମସ୍ତ ବିଚାର ବିମର୍ଶ ପରେ ନିଜେ କିଛି ଯୁକ୍ତି ରଖିଥିଲେ। ଦେଶ ଭିତରେ ରଥଯାତ୍ରା ନିର୍ଦ୍ଦିଷ୍ଟ ତିଥିରେ ପାଳନ କରାଯିବ। ବିଦେଶରେ ଏହାକୁ ମାନିପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ପୁଣି ସ୍ନାନଯାତ୍ରା ବିଶ୍ୱବ୍ୟାପୀ ଶାସ୍ତ୍ର ନିର୍ଦ୍ଧାରିତ ତିଥିରେ ପାଳନ ହେବ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ। ମାତ୍ର କୌଣସି ଗୋଟିଏ ବି କଥା ପାଳନ କରାଗଲା ନାହିଁ। ଏପରିକି ଦେଶ ଭିତରେ ମଧ୍ୟ ଅଦିନିଆ ରଥଯାତ୍ରା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଦେଶରେ ଅ-ତିଥିରେ ସ୍ନାନଯାତ୍ରା ଆୟୋଜନ ହୋଇ ଆସୁଥିଲା। ଏହାକୁ ଲକ୍ଷ୍ୟ କରି ଗଜପତି ମହାରାଜା ଜୁଲାଇ ୪ ତାରିଖରେ ଇସ୍କନ ଜିବିସିର ନୂଆ ଚେୟାରମ୍ୟାନ୍ *(ପୃଷ୍ଠା ୭ରେ)*

## ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରାକ୍-ପ୍ରସ୍ତୁତି

# ୨୧ରେ ରାଜ୍ୟ ନିର୍ବାଚନ କମିଶନଙ୍କ ବୈଠକ

**ଭୁବନେଶ୍ୱର, ୯ ।୭**
**ନ୍ୟୁଜ୍ ବ୍ୟୁରୋ**

୨୦୨୭ ମସିହାରେ ରାଜ୍ୟରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରାକ୍-ପ୍ରସ୍ତୁତି ଜୋରଦାର କରାଯାଇଛି। ଏହାର ଅଂଶସ୍ୱରୂପ ଆସନ୍ତା ୨୧ ତାରିଖରେ ରାଜ୍ୟ ନିର୍ବାଚନ କମିଶନଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ପ୍ଲାଟ୍‌ଫର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏ ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଏଥିରେ ସାମିଲ ହେବାକୁ ଚିଠି ଜାରି କରାଯାଇଛି। ଏହି ବୈଠକରେ ୨୦୨୭ ନିର୍ବାଚନର ପ୍ରସ୍ତୁତି ସହ ଜଡିତ ଦୁଇଟି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବ। ପ୍ରଥମେ, ବୁଥଭିତ୍ତିକ ଭୋଟର ତାଲିକା




ପ୍ରସ୍ତୁତି ପାଇଁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକ୍ରମର ରୂପରେଖ, କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ।

ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ୍ ଓ ଅଦ୍ୟତନ କରିବାକୁ କମିଶନ ଗୁରୁତ୍ୱ ଦେଉଛନ୍ତି। ସେହିପରି ୨୦୨୨ ମସିହାରେ ଅନୁଷ୍ଠିତ ପୌର ନିର୍ବାଚନ ସମ୍ପର୍କିତ ବାକି ରହିଥିବା ଡିସି ବିଲ୍ ଏବଂ ଉପଯୋଗିତା ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାର ଅଗ୍ରଗତି ମଧ୍ୟ ବୈଠକରେ ସମୀକ୍ଷା କରାଯିବ। ବାକି ଥିବା ଆର୍ଥିକ ଓ ପ୍ରଶାସନିକ ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବା ଉପରେ ମଧ୍ୟ ଜୋର ଦିଆଯିବ। ଏହି ଭିଡିଓ କନଫରେନ୍ସିଂରେ ସମସ୍ତ ଜିଲ୍ଲାପାଳଙ୍କ ସମେତ ପୌର ନିର୍ବାଚନର ନୋଡାଲ ଅଫିସର ଭାବେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାପାଳ, ସମସ୍ତ ଇଆରଓ, ଏଇଆରଓ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ପୃକ୍ତ ସେକ୍ସନର ଡେପୁଟି କଲେକ୍ଟର ଓ ଆସିଷ୍ଟାଣ୍ଟ କଲେକ୍ଟରମାନଙ୍କୁ ନିଜ ନିଜ ଜିଲ୍ଲାର ଓସ୍ୱାନ କେନ୍ଦ୍ରରେ ଉପସ୍ଥିତ ରହିବାକୁ କୁହାଯାଇଛି।


୨୦୨୭ରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ କମିଶନ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଥିବାରୁ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଶାସନିକ ମହଲରେ ବିବେଚନା କରାଯାଉଛି।

# ଭାରତ–ଅଷ୍ଟ୍ରେଲିଆ ମଧ୍ୟରେ ୟୁରାନିୟମ୍ ଚୁକ୍ତି

**ମେଲବୋର୍ଣ୍ଣ, ୯ ।୭**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୟୁରାନିୟମ୍ ଯୋଗାଣକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମେଲବୋର୍ଣ୍ଣରେ ଆୟୋଜିତ ଦ୍ୱିପାକ୍ଷୀୟ ବୈଠକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିରକ୍ଷା, ବାଣିଜ୍ୟ, ଶକ୍ତି, ମହାକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଅନେକ ସହଯୋଗୀ ଚୁକ୍ତି ଘୋଷଣା କରିଛନ୍ତି।ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏବଂ ଅଷ୍ଟ୍ରେଲିଆ ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ କରିଡର ବିକଶିତ କରିବେ। ସେହିପରି କୋକୋସ୍ (କିଲିଂ) ଦ୍ୱୀପପୁଞ୍ଜରେ ଏକ ମହାକାଶ ଟ୍ରାକିଂ ଟର୍ମିନାଲ ସ୍ଥାପନ କରାଯିବ, ଯାହା ଭାରତର ଗଗନଯାନ ମିଶନ ପାଇଁ ସହାୟକ ହେବ।ମୋଦୀ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆର ନୀତିକୁ ପ୍ରଶଂସା କରିଥିଲେ। ପରେ ସେ ମେଲବୋର୍ଣ୍ଣରେ ପ୍ରାୟ ୩୦,୦୦୦ ଭାରତୀୟ ସମୁଦାୟର ସଦସ୍ୟଙ୍କୁ ସମ୍ବୋଧନ କରିଥିଲେ।

ଏହି ଚୁକ୍ତି ପରେ ଅଷ୍ଟ୍ରେଲିଆ ଭାରତକୁ



ୟୁରାନିୟମ୍ ଯୋଗାଣ କରୁଥିବା ପଞ୍ଚମ ଦେଶ ହୋଇଛି। ୟୁରାନିୟମ୍ ପରମାଣୁ ଶକ୍ତି ଉତ୍ପାଦନ ସହିତ ପରମାଣୁ ପ୍ରଯୁକ୍ତି ପାଇଁ ଏକ ଅତ୍ୟନ୍ତ ଆବଶ୍ୟକ ଇନ୍ଧନ।ପ୍ରଧାନମନ୍ତ୍ରୀ ମୋଦୀ ଭାରତ–ଅଷ୍ଟ୍ରେଲିଆ ସମ୍ପର୍କକୁ କ୍ରିକେଟ ସହ ତୁଳନା କରି କହିଥିଲେ, "ଦୁଇ ଦେଶର ସମ୍ପର୍କ କ୍ରିକେଟ ପରି। ଆମର ବୈଠକ ଏକଦିନିକିଆ ମ୍ୟାଚ୍ ପରି ସୁପରିକଳ୍ପିତ, ନିଷ୍ପତ୍ତି ଟି–୨୦ ପରି ଦ୍ରୁତ ଏବଂ ସହଭାଗୀତା ଟେଷ୍ଟ ମ୍ୟାଚ୍ ପରି ଦୀର୍ଘସ୍ଥାୟୀ ଓ ଦୃଢ଼। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ କହିଛନ୍ତି ଯେ ୨୦୧୫ ଭାରତ–ଅଷ୍ଟ୍ରେଲିଆ ପରମାଣୁ ସହଯୋଗ ଚୁକ୍ତି ଅନୁଯାୟୀ ଭାରତକୁ ୟୁରାନିୟମ୍ ରପ୍ତାନି ପାଇଁ ଏକ ବ୍ୟବସ୍ଥାରେ ସ୍ୱାକ୍ଷର କରାଯାଇଛି। ଏହା ଦ୍ୱାରା ଉଭୟ ଦେଶର କୌଶଳଗତ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ସେ କହିଛନ୍ତି।ଏହାଛଡ଼ା, ଉଭୟ ଦେଶ ଅଷ୍ଟ୍ରେଲିଆ-ଭାରତ ସାଇବର କ୍ରିଟିକାଲ୍ ଟେକ୍ନୋଲୋଜି ଏବଂ ସପ୍ଲାଇ ଚେନ୍ ପାର୍ଟନରସିପ୍ ଆରମ୍ଭ କରିବାକୁ ସମ୍ମତ ହୋଇଛନ୍ତି। ଏହି ସହଭାଗୀତା ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ସାଇବର *(ପୃଷ୍ଠା ୭ରେ)*

## ୧୧ରେ ଜଳାବତରଣ କରିବ ଆଇଏନ୍ଏସ୍ ମହେନ୍ଦ୍ରଗିରି

**ନୂଆଦିଲ୍ଲୀ, ୯ ।୭**

ଆସନ୍ତା ୧୧ ତାରିଖରେ ଜଳାବତରଣ କରିବ ଭାରତୀୟ ନୌସେନାର ଷଷ୍ଠ ପ୍ରୋଜେକ୍ଟ-୧୭ଇ ଷ୍ଟେଲ୍ଥ ଫ୍ରିଗେଟ୍ ଆଇଏନ୍ଏସ୍ ମହେନ୍ଦ୍ରଗିରି । ବିଶାଖାପଟନମରେ ଭାରତୀୟ ନୌସେନାରେ ଆନୁଷ୍ଠାନିକ ଭାବେ ଏହାର କମିଶନିଂ କରାଯିବ। ପରେ ଭାରତୀୟ ନୌସେନାରେ ଏହା ସକ୍ରିୟ ଯୁଦ୍ଧଜାହାଜ ଭାବେ କାର୍ଯ୍ୟ କରିବ। ଆଇଏନ୍ଏସ୍ *(ପୃଷ୍ଠା ୭ରେ)*

## ନାଇଜରର ୧୫ତମ ସମାବର୍ତ୍ତନ ଉତ୍ସବ

# ବିକଶିତ ଭାରତ ଗଠନରେ ଯୁବ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ଉପରାଷ୍ଟ୍ରପତି




**ଭୁବନେଶ୍ୱର, ୯ ।୭**
**ନ୍ୟୁଜ୍ ବ୍ୟୁରୋ**

ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ ୧୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି ଯେ 'ଆଜି ମହାନ ବୈଜ୍ଞାନିକ ହୋମି ଭାଭା ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଆଜି ମୁଁ ମୋ ସମ୍ମୁଖରେ ଶତାଧିକ ହୋମି ଭାଭାଙ୍କୁ ବସିଥିବାର ଦେଖିପାରୁଛି।' କେବଳ ଗବେଷଣା ନୁହେଁ, ବରଂ ଜାତୀୟ ସୁରକ୍ଷା ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ନାଇଜର'ର ଅଙ୍ଗୀକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଶୋପିଆନ୍ ଅପରେସନର ଷଷ୍ଠ ଦିନରେ ସୁରକ୍ଷା ବାହିନୀ ଦ୍ୱିତୀୟ ଲସ୍କର-ଏ-ତୋଏବା ଆତଙ୍କବାଦୀଙ୍କ ସନ୍ଧାନ ଜାରି।
- ଭାରତ-ଆଫଗାନିସ୍ତାନ ମିଳିତ କମିଟି ବୈଠକରେ ମାନବିକ ସହାୟତା ଜାରି ରଖିବା ଉପରେ ଗୁରୁତ୍ୱାରୋପ।
- ତୃଣମୂଳ କଂଗ୍ରେସର ତିନି ପୂର୍ବତନ ରାଜ୍ୟସଭା ସଦସ୍ୟ ଯୋଗଦେଲେ ବିଜେପିରେ।
- ବାଂଲାଦେଶରେ ବର୍ଷା ବିପ୍ୟାତ, ମଦ୍ରାସା ଭୁଶୁଡିଲା, ୮ ମୃତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୪୪ (+୧୩୧)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୨୪୦ (+୧୨୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦, ୮୩୩ (+୯୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (-୧୦)

# ମଧ୍ୟରାତ୍ରିରେ ଗର୍ଜିଲା ଆମେରିକୀୟ ସେନା



**ତେହେରାନ, ୯ ।୭**

ଆମେରିକା ବୁଧବାର ରାତିରେ ଇରାନ ଉପରେ ପୁଣିଥରେ ପ୍ରଚଣ୍ଡ ଆକ୍ରମଣ କରିଛି। ଆମେରିକୀୟ ସେନା ଇରାନ ଆକାଶରେ ଗର୍ଜନ କରିଛି। ଇରାନ ଲୋକେ ଏହି ସମୟରେ ଭୟଭୀତ ଅବସ୍ଥାରେ ଥିଲେ। ଇରାନ ମଧ୍ୟ ଏହାର କଡା ଜବାବ ଦେଇଛି। ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ବୁଧବାର ଠାରୁ ପାଞ୍ଚଟି ପ୍ରଦେଶରେ ଆମେରିକାର ଆକ୍ରମଣରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି ଓ ୭୮ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ୍ (ଆଇଆରଜିସି) ବାହାରିନ୍ ଓ କୁଏତରେ ଥିବା ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଛି।

ଇରାନର ସରକାରୀ ଗଣମାଧ୍ୟମ ଦେଶର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ହୋଇଥିବା ରିପୋର୍ଟ କରିଛି, ଯେଉଁଥିରେ ବୁଶେହର, ଦକ୍ଷିଣ ବନ୍ଦର ସହର ଚାବାହାର, କୋନାରାକ, ବନ୍ଦର ଆବାସ ଓ ସିରିକ ମଧ୍ୟ ସାମିଲ ଅଛି। ବୁଶେହରରେ ଇରାନର ପରମାଣୁ ଶକ୍ତି କେନ୍ଦ୍ର କମ୍ପ୍ଲେକ୍ସ ଅବସ୍ଥିତ। ଇରାନସହରର *(ପୃଷ୍ଠା ୭ରେ)*

# ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସିତ ହେଲା ଏବର୍ଷର ପ୍ରଥମ ବନ୍ୟାଜଳ



**ସମ୍ବଲପୁର, ୯ ।୭ : ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ଜଳ ନିଷ୍କାସିତ ହୋଇଛି। ସକାଳ ୧୧ଟା ପରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଗେଟ୍ ଖୋଲିଛି । ପରମ୍ପରା ଅନୁସାରେ ପ୍ରଥମେ ହୀରାକୁଦ ପଟୁ ୭ ନମ୍ବର, ପରେ ଆବଶ୍ୟକତା ଅନୁସାରେ ଅନ୍ୟ ଗେଟ୍ ଖୋଲାଯାଇଛି । ମିଳିଥିବା ସୂଚନା ମୁତାବକ ଗୁରୁବାର ୪ଟି ଗେଟ(ବାମ ପାର୍ଶ୍ୱରୁ ୩ଟି, ଡାହାଣ ପାର୍ଶ୍ୱରୁ ୧ଟି) ଖୋଲାଯାଇଥିବାବେଳେ ୧ ଲକ୍ଷ କ୍ୟୁସେକଜଳ ନିଷ୍କାସିତ ହେଉଛି । ଗୁରୁବାର ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୯୩ ଫୁଟ ରହିଥିଲା । ୧ ଲକ୍ଷ ୪୧ ହଜାର ୪୩୮ କ୍ୟୁସେକ ପାଣି ହୀରାକୁଦକୁ ପ୍ରବେଶ କରୁଥିବାବେଳେ ସାଧାରଣତଃ ହୀରାକୁଦରୁ ଛଡ଼ାଯାଉଥିବା ବନ୍ୟାଜଳ ଖଇରମାଳ ଏବଂ ବରମୁଳ ପହଞ୍ଚିବା ପାଇଁ ୧୨ରୁ ୧୬ ଘଣ୍ଟା ଲାଗିଯାଏ। ମୁଣ୍ଡଳୀରେ ପହଞ୍ଚିବା ବେଳକୁ ପ୍ରାୟ ୩୬ରୁ ୪୮ ଘଣ୍ଟା ସମୟ ଲାଗିଥାଏ।




## ଏକାଳ ପଖାଳ



ଇସ୍କନ୍ ମୁହଁ ବଢେ ବହୁତ
ଭାଙ୍ଗୁନାହିଁ ତା'ର ତୋଡ
ଅଦିନିଆ ରଥ ଯାତରା କରୁଛି
ଅନ୍ୟାୟ ଅଧର୍ମ ବଡ
ସମାଧାନବାଟ କିଛି କାଢ
ଡବଲ ଇଞ୍ଜିନ୍ ସରକାର ଆମ
ଇସ୍କନ ବେକକୁ ମୋଡ।

# ଭାରତରେ ଲଞ୍ଚ୍ ହେଲା ବିଶ୍ୱର ପ୍ରଥମ ସାପ୍ତାହିକ ଇନସୁଲିନ




**ନୂଆଦିଲ୍ଲୀ, ୯ ।୭**

ଗୁରୁତର ମଧୁମେହ ରୋଗୀଙ୍କ ପାଇଁ ଭଲ ଖବର। କାରଣ ଭାରତରେ ଲଞ୍ଚ ହୋଇଛି ବିଶ୍ୱର ପ୍ରଥମ ଓ ଏକମାତ୍ର ସାପ୍ତାହିକ ଇନସୁଲିନ। ଡେନମାର୍କର ଔଷଧ ନିର୍ମାଣକାରୀ କମ୍ପାନୀ ନୋଭୋ ନୋରଡିସ୍କ ପକ୍ଷରୁ ଆୱିକ୍ଲି ବା ଇନସୁଲିନ ଆଇକୋଡେକକୁ ଭାରତରେ ଉପଲବ୍ଧ କରାଯାଇଛି।

ଏହା ବିଶ୍ୱର ପ୍ରଥମ ସପ୍ତାହିକ ଭିତ୍ତିକ ଇନସୁଲିନ ଭାବେ ପରିଚିତ। ଟାଇପ ୧ ଓ ଟାଇପ ୨ ମଧୁମେହ ବା ଡାଇବେଟିସରେ ଆକ୍ରାନ୍ତ ପ୍ରାପ୍ତ ବୟସ୍କ ପ୍ରତିଦିନ ବଦଳରେ ଏହାକୁ ସପ୍ତାହକୁ ଗୋଟିଏ ଥର ନେଇପାରିବେ। ଇନସୁଲିନ ଇକୋଡେକ ଏଣିକି ଭାରତର ମଧୁମେହ ଚିକିତ୍ସାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଏହି ନୂଆ ଚିକିତ୍ସା ପ୍ରଣାଳୀ ଯୋଗୁ ବର୍ଷକୁ ୩୬୫ଟି ଇନସୁଲିନ୍ ଇଞ୍ଜେକ୍ସନ୍ ବଦଳରେ ମାତ୍ର ୫୨ଟି ଇଞ୍ଜେକ୍ସନ୍ ନେବାକୁ ପଡ଼ିବ।

ଇନସୁଲିନ୍ ହେଉଛି ଏକ ହରମୋନ୍, ଯାହା ରକ୍ତରେ ଥିବା ଗ୍ଲୁକୋଜକୁ ଶରୀରର କୋଷଗୁଡ଼ିକରେ ପହଞ୍ଚାଇ ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରଣ କରେ। ଟାଇପ୍-୧ ଡାଇବେଟିସ୍ ଏବଂ ଅଗ୍ରଗତ ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କୁ ସାଧାରଣତଃ ପ୍ରତିଦିନ ଥରେ କିମ୍ବା ଏକାଧିକ ଥର ଇନସୁଲିନ୍ ନେବାକୁ *(ପୃଷ୍ଠା ୭ରେ)*

# ଲଘୁଚାପ ପ୍ରଭାବ ! ଆଉ ୩ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର, ୯ ।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସକ୍ରିୟ ରହିଛି ମୌସୁମୀ। ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ସ୍ୱଳ୍ପ ଧରଣର ବର୍ଷା ମଧ୍ୟ ହେଉଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

୩ ଦିନ ଯାଏ ସୁନ୍ଦରଗଡ, ମୟୂରଭଞ୍ଜ ଓ କେନ୍ଦୁଝରରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ୬ ଜିଲ୍ଲାକୁ ଝଡବର୍ଷା ନେଇ ସତର୍କ କରାଯାଇଥିଲା। ଉତ୍ତର ଓଡ଼ିଶାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଘଡଘଡି ଲାଗି ରହିବ ବୋଲ ସୂଚନା ଦିଆଯାଇଛି।

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ



ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ବର୍ତ୍ତମାନ ସଦୃଶ ଲଘୁଚାପ ଉତ୍ତର ପଶ୍ଚିମ ମଧ୍ୟପ୍ରଦେଶ ଏବଂ ଏହା ସଂଲଗ୍ନ ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଅଞ୍ଚଳରେ ସକ୍ରିୟ ରହିଛି। ଦୁର୍ବଳ ହେବା ପରେ ପାଗ ବଦଳିବା ସହ ବର୍ଷା କମିଛି, ଆସନ୍ତା ୫ ଦିନ ପର୍ଯ୍ୟନ୍ତ କେତେକ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜୁଲାଇ, ୨୦୨୬ ଶୁକ୍ରବାର





# ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ : ବର୍ଷେ ହେଲା କାମ ସରୁନି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଅସରାଏ ବର୍ଷା ଜଳରେ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଫଳରେ ଯାତାୟାତ ନିମନ୍ତେ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ଓ ଧର୍ମଶାଳା ବ୍ଲକ୍‌କୁ ସଂଯୋଗ କରୁଥିବା ବ୍ରହ୍ମବରଦା-ଉତ୍ତରପ୍ରତାପ ମୁଖ୍ୟ ରାସ୍ତା କ୍ଷେତ୍ରରେ। ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିନରେ ଥିବା ଧର୍ମଶାଳା ବ୍ଲକ ଉତ୍ତରପ୍ରତାପଠାରୁ ମଙ୍ଗଳପୁର ପଞ୍ଚାୟତ ରାସ୍ତା ସମ୍ପ୍ରସାରଣ ନିମନ୍ତେ ପାଖାପାଖି ୨ ବର୍ଷ ପୂର୍ବେ ବ୍ୟୟ ଅଟକଳ କରାଯାଇ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ୪ କିମି ରାସ୍ତା ପାଇଁ ପାଖାପାଖି କୋଟିଏ ଟଙ୍କା ଅଟକଳ କରାଯାଇଥିଲା। ଏହି ରାସ୍ତାକୁ ୨ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ରାସ୍ତା ଅଧପନ୍ତରିଆ ହୋଇପଡ଼ିଛି। କାଁ ଭାଁ କେଉଁଠି ପିଚୁ ତ କେଉଁଠି କଂକ୍ରିଟ୍ ରାସ୍ତା କରାଯାଇଥିବା ବେଳେ ବହୁ ସ୍ଥାନରେ କାମ ଅଧପନ୍ତରିଆ ହୋଇ ପଡରହିଛି। ସେପଟେ ବିନା ସୂଚନା ଫଳରେ କାମ କରାଯାଉଥିବା ବେଳେ ଜନସାଧାରଣ କାର୍ଯ୍ୟର ଅବଧି ଶେଷ ସମୟ ଜାଣି ନ ପାରିବାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ପାରୁ ନାହାନ୍ତି। ଏହି ଅଧପନ୍ତରିଆ ରାସ୍ତାରେ ସ୍ଥାନୀୟ ଜନସାଧାରଣ ଯାତାୟତ ନିମନ୍ତେ ସୁରକ୍ଷା ମଣୁ ନାହାନ୍ତି। ଏପରିକି ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ମଧ୍ୟ ନଜର ରହିଛି। ଅନେକ ସ୍ଥାନରେ କଲଭର୍ଟ କାମ ଅଧାରେ ପଡ଼ିରହିଥିବା ବେଳେ ମୁଖ୍ୟ ରାସ୍ତା ମଝିରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ରାସ୍ତା ସେହି ଭଳି ପଡ଼ି ରହିଛି। ଯାହାକି ରାସ୍ତା ସମ୍ପ୍ରସାରଣରେ ବାଧା ଉପୁଜିଛି। ସେପେଟ ଧର୍ମଶାଳା ବ୍ଲକ ମଙ୍ଗଳପୁର ପଞ୍ଚାୟତରୁ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ବ୍ରହ୍ମବରଦାର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ମାତ୍ର ସୀମା ପାଇଁ ଏହି ୧ କିମି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିରହିଛି। ଏହା ଦୀର୍ଘ ଦିନ ହେବ ମରାମତି ନ ହେବାରୁ ରାସ୍ତାରେ ଖାଲଖମା ହୋଇ ବର୍ଷା ପାଣି ଜମି ରହୁଛି। ଯାହାକି ଯାତାୟାତ କରିବା ପାଇଁ ବୃଦ୍ଧବୃଦ୍ଧା ଓ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ତୁରନ୍ତ ସମ୍ପ୍ରସାରଣ ଓ ମରାମତି ପାଇଁ ଉଭୟ ବ୍ରହ୍ମବରଦା ଓ ମଙ୍ଗଳପୁର ପଞ୍ଚାୟତବାସୀ ଦାବି କରିଛନ୍ତି।

# ନଳକୂପ ଅଚଳ, ପିଇବା ପାଣି ବିନା କେମିତି ଚାଲିବ ବିଦ୍ୟାଳୟ : ଛାତ୍ରଛାତ୍ରୀ ହନ୍ତସନ୍ତ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମ ପଞ୍ଚାୟତର ଅମେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ଭାବେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଥିବା ନଳକୂପ ଗତ ତିନି ମାସ ଧରି ଅଚଳ ହୋଇ ପଡ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ମରାମତି ପାଇଁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପ୍ରତିଦିନ ବିଦ୍ୟାଳୟକୁ ଆସୁଥିବା କୁନି କୁନି ଛାତ୍ରଛାତ୍ରୀ ପିଇବା ପାଣି ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଅଭିଭାବକଙ୍କ କହିବା ଅନୁଯାୟୀ, ସ୍କୁଲରେ ପାଣି ନଥିବାରୁ ଛାତ୍ରଛାତ୍ରୀଙ୍କ ଖାଦ୍ୟ ଗ୍ରହଣ, ହାତ ଧୋଇବା, ପରିଷ୍କାର-ପରିଚ୍ଛନ୍ନତା ଓ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରଭାବିତ ହେଉଛି। ପାଣି ଆଣିବା ପାଇଁ କେବେ ପଡ଼ୋଶୀ ଘର ତ କେବେ ଦୂର ସ୍ଥାନକୁ ଯିବାକୁ ପଡୁଥିବା ଅଭିଯୋଗ ହେଉଛି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଅସୁରକ୍ଷିତ ଓ ଅପରିଷ୍କାର ପାଣି ବ୍ୟବହାର କରିବାକୁ ପଡ଼ିଲେ ଛାତ୍ରଛାତ୍ରୀମାନେ ବିଭିନ୍ନ ଜଳବାହିତ ରୋଗର ଶିକାର ହୋଇ ପାରନ୍ତି ବୋଲି ଅଭିଭାବକ ଓ ସଚେତନ ମହଲ ଆଶଙ୍କା ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ଭବିଷ୍ୟତ ଗଢ଼ାଯାଉଛି, ସେଠାରେ ତିନି ମାସ ଧରି ପାନୀୟ ଜଳ ଭଳି ମୌଳିକ ସୁବିଧା ଅଚଳ ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ଦୃଷ୍ଟି କାହିଁକି ପଡୁନାହିଁ? ଗ୍ରାମବାସୀ ଓ ବୁଦ୍ଧିଜୀବୀ ମାନଙ୍କ ମତରେ, ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ଦୁଇ ଦିନ ପାଇଁ ପାଣି ବନ୍ଦ ହୋଇଯାଏ, ତେବେ ତୁରନ୍ତ ବ୍ୟବସ୍ଥା ଗ୍ରହଣ କରାଯାଏ। କିନ୍ତୁ ଏଠାରେ ତିନି ମାସ ଧରି ଛାତ୍ରଛାତ୍ରୀଙ୍କ ପାଇଁ ଏକମାତ୍ର ନଳକୂପ ଅଚଳ ରହିଥିବା ସତ୍ତ୍ୱେ ପ୍ରଶାସନର ନୀରବତା ଦାୟିତ୍ୱବୋଧ ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅମେରା ଗ୍ରାମବାସୀଙ୍କ ଦାବି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତର ସମସ୍ୟାକୁ ଆଉ ଅଣଦେଖା ନ କରାଯାଉ। ବୋଡେନ ବ୍ଲକ ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ଓ ପାନୀୟ ଜଳ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଅଚଳ ନଳକୂପର ମରାମତି କରି ବିଦ୍ୟାଳୟରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ। ଏନେଇ ବୋଡ଼େନ ବିଡ଼ିଓ ଚିନ୍ମୟ ସାଗରଙ୍କୁ ଯୋଗାଯୋଗ କରାଯିବାରୁ ସେ ତୁରନ୍ତ ନଳକୂପ ମରାମତି ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କାଦୁଅ ସରସର ପୁଝାରିଗୁଡ଼ା-ସୁନାମୁଦି ଗୁଡ଼ା ରାସ୍ତା

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ବଡ଼ପୁଝାରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପୁଝାରିଗୁଡ଼ା-ସୁନାମୁଦିଗୁଡ଼ା ରାସ୍ତାରେ ଏବେ ଯିବା ଆସିବା କଷ୍ଟକର ହୋଇପଡ଼ିଛି। ଅସରାଏ ବର୍ଷାରେ ରାସ୍ତା କାଦୁଅ ସରସର। ବହୁ କଷ୍ଟରେ ବାଇକ୍‌କୁ ଠେଲିଠେଲି ନେବାକୁ ପଡୁଛି। ସ୍କୁଲ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବର୍ଷା ହେଲେ ସ୍କୁଲ ଯିବା ବନ୍ଦ ହୋଇଯାଏ। ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରେ ନାହିଁ। ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ। ବିଭିନ୍ନ ସମୟରେ ଏହି ରାସ୍ତା ମରାମତି ନାମରେ ଅନେକ ଟଙ୍କା ଖର୍ଚ୍ଚ ହୋଇଛି ହେଲେ କୌଣସି ସୁଫଳ ମିଳୁ ନାହିଁ। ଏହି ରାସ୍ତାର ତୁରନ୍ତ ମରାମତି କାର୍ଯ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

# ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମପଞ୍ଚାୟତର ଭଣ୍ଡା ଗ୍ରାମର ମୁଖ୍ୟ ବଜାର ଛକପରି ଏକ ସମ୍ବେଦନଶୀଳ ସ୍ଥାନରେ ଚାଲିଥିବା ଏକ ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଦ ଦୋକାନ ଯୋଗୁଁ ଅଞ୍ଚଳର ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଉକ୍ତ ମଦ ଦୋକାନର ଅତି ନିକଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନ ରହିଛି। ସେଗୁଡ଼ିକ ମଧ୍ୟରେ ଭଣ୍ଡା ଡାକ୍ତରଖାନା ଏବଂ ପଶୁ ଚିକିତ୍ସାଳୟ ସହିତ ଆର.ଆଇ. ଅଫିସ୍, ଜଙ୍ଗଲ ବିଭାଗ କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଡାକ ବଙ୍ଗଳା ଏବଂ ଏକ ପବିତ୍ର ଶିବ ମନ୍ଦିର ରହିଛି। ଅନ୍ୟପକ୍ଷରେ ଏହି ମଦ ଦୋକାନ ନିକଟରେ କଂସରା (କ) ପ୍ରାଥମିକ ବିଦ୍ୟାଳୟ ଓ ଭଣ୍ଡା-କଂସରା ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ମାତ୍ର ମଦ୍ୟପଙ୍କ ଅଶ୍ଳୀଳ ଆଚରଣ ଏବଂ ଉପଦ୍ରବ ଯୋଗୁଁ ସ୍ଥାନୀୟ ଅଭିଭାବକ ଏବଂ ଶିକ୍ଷକମାନେ ନିଜ ପିଲାମାନଙ୍କ ସୁରକ୍ଷାକୁ ନେଇ ସଦାସର୍ବଦା ଚିନ୍ତାରେ ରହୁଛନ୍ତି। ଏହି ମଦ ଦୋକାନକୁ ଜନବସତି ଏବଂ ଶିକ୍ଷାନୁଷ୍ଠାନଠାରୁ ଦୂରକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ପୂର୍ବରୁ ଅନେକ ଥର ପ୍ରଶାସନ ନିକଟରେ ଦାବି କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ, ଆଜି ପର୍ଯ୍ୟନ୍ତ ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନିରବଦ୍ରଷ୍ଟା ସାଜିଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରଶାସନର ଏଭଳି ଉଦାସୀନ ମନୋଭାବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ରୋଧ ଏବଂ ଅସନ୍ତୋଷ ଦ୍ୱିଗୁଣିତ ହେବାରେ ଲାଗିଛି। ଯଦି ଶୀଘ୍ର ଏହି ମଦ ଦୋକାନକୁ ସ୍ଥାନାନ୍ତର କରାନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଓ ମହିଳା ସଂଗଠନ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ୩ ମାସ ଭିତରେ ଫାଟିଗଲା ମୁଖ୍ୟମନ୍ତ୍ରୀ ସଡ଼କ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଜାତୀୟ ରାଜପଥ ୨୧୭ରୁ ଗୋଇମୁଣ୍ଡ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ ତିନି ମାସ ଭିତରେ ଦବି ଯାଇଛି। ପ୍ରାୟ ୫.୨୨ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଅଳ୍ପ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ରାସ୍ତା ଦବି ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରାସ୍ତା ନିର୍ମାଣ ସମୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ କାମ ନେଇ ବାରମ୍ବାର ଅଭିଯୋଗ କରା ଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ରାସ୍ତାରେ ନିର୍ମିତ ପୋଲ ନିକଟରେ ଗାର୍ଡ ୱାଲ୍ ନିର୍ମାଣ କରାଯାଇଥିଲେ ରାସ୍ତା ଏପରି କ୍ଷତିଗ୍ରସ୍ତ ହୋଇ ନ ଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ନିରପେକ୍ଷ ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାସ୍ତା ପାଲଟିଛି ମରଣଯନ୍ତା : ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟରେ କୃତ୍ରିମ ପୋଖରୀ

**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସହର ଲାଞ୍ଜିଗଡ଼ ଥାନା ପଛପଟ ତଥା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟସ୍ଥ ରାସ୍ତା ମରଣଜନ୍ତା ପାଲଟିଛି। ପୋଖରୀ ନିକଟସ୍ଥ ମୁନିଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ଦୀର୍ଘ ୫ ବର୍ଷ ପୂର୍ବେ ନିର୍ମାଣ ହୋଇ ଥିଲା ଏବଂ ବର୍ତ୍ତମାନ ତାହା ଖାଲ ଖମାରେ ଭର୍ତ୍ତି ହୋଇଯାଇଥିବା ବେଳେ ଖାଲଗୁଡ଼ିକରେ ପାଣି ଭର୍ତ୍ତି ହୋଇ ରହୁଛି। ଏହି ରାସ୍ତାଦେଇ ଛାତ୍ରୀଛାତ୍ର ସ୍କୁଲ କଲେଜ ଯାଉଥିବା ବର୍ଷାଯୋଗୁଁ ପାଣି ଜମି ରହୁଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରୀଯାନଗୁଡ଼ିକ ଯାଇ ରାସ୍ତାର ଅବସ୍ଥା ଏଭଳି ପରିସ୍ଥିତି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ରଥଯାତ୍ରା ସମୟରେ ମୁଖ୍ୟ ରାସ୍ତା ଉପରେ ୯ ଦିନ ରଥ ରହି ରାସ୍ତା ବନ୍ଦ ରହୁଥିବା ବେଳେ ୯ ଦିନ ପର୍ଯ୍ୟନ୍ତ ସମସ୍ତ ଯାନ ବାହାନ ସମେତ ସ୍କୁଲ ବସ୍ ମଧ୍ୟ ଏହି ରାସ୍ତାଦେଇ ଯିବା ଆସିବା କରିଥାନ୍ତି। ଅନେକ ଥର ରଥଯାତ୍ରା ସମୟରେ ବର୍ଷା ଯୋଗୁଁ ଏହି ରାସ୍ତାରେ ଅନ୍ୟ ଗାଡ଼ିଗୁଡ଼ିକୁ ରାସ୍ତା ଦେଉଥିବା ବେଳେ ସ୍କୁଲ ବସ୍ ଓ ଭାରୀଯାନ ରାସ୍ତାରେ ଫସିଯିବା ନଜିର ରହିଛି। ଲାଞ୍ଜିଗଡ଼ ପଞ୍ଚାୟତ ତରଫରୁ ଏହି କାମ କରିବା କଥା କିନ୍ତୁ ପଞ୍ଚାୟତର ଅଧିକାରୀ ମାନଙ୍କର କାହାରି ନଜର ପଡୁନଥିବା ଅଭିଯୋଗ ହୋଇଛି। ଆସନ୍ତା ୧୬ ତାରିଖରେ ରଥଯାତ୍ରା ଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହି ରାସ୍ତାର ମରାମତି ବ୍ୟବସ୍ଥା ପାଇଁ କାହାରି ନଜର ପଡୁନାହିଁ। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପ୍ରଶାସନ ତରଫରୁ ଶୀଘ୍ର ମରାମତି କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଲାଞ୍ଜିଗଡ଼ ଗ୍ରାମ ପଞ୍ଚାୟତ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ଏହି ରାସ୍ତାର କାମ ପାଇଁ ପଞ୍ଚାୟତରେ ପାଣ୍ଠି ନାହିଁ ଏବଂ ଯାହାବି ଅଛି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ତିଆରି ହେଉଛି। ଏହି ରାସ୍ତା ବିଷୟରେ ଲାଞ୍ଜିଗଡ ବିଡ଼ିଓଙ୍କୁ ମଧ୍ୟ ଜଣାଯାଇଛି। ଏହି ରାସ୍ତାର ମରାମତି କାମ କେତେଦିନ ଭିତରେ ହେବ ଦେଖିବାକୁ ବାକିରହିଲା।

# ୫୯ନଂ ଜାତୀୟ ରାଜପଥରେ ମାଳମାଳ ଗାଈ-ଛେଳି ଟ୍ରାଫିକ୍ ସମସ୍ୟା ସହ ବଢୁଛି ଦୁର୍ଘଟଣା



**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଦେଇ ଯାଇଥିବା ୫୯ ନଂ ଜାତୀୟ ରାଜପଥ ଗାଈ, ବଳଦ ଛେଳିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏବେ ଲଗାଣ ବର୍ଷା କାରଣରୁ ଚାରିଆଡ଼େ ପାଣି ଓ କାଦୁଅ ଥିବାରୁ ଅଧିକା ଗାଈ, ବଳଦ ରାଜପଥ ଉପରେ ଶୋଉଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇବା ସହ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି। ବାଲିଗୁଡ଼ା ଠାରୁ ଦାରିଙ୍ଗବାଡ଼ି ପ୍ରାୟ ୫୦ କି.ମି ଦୂରତା ମଧ୍ୟରେ ରହିଥିବା ଗାଁ ଗୁଡ଼ିକରେ ବୁଲା ଗାଈ ଓ ବଳଦ ସହ ଛେଳି ମଧ୍ୟ ରାଜପଥ ଉପରେ ହିଁ ଦିନରାତି ରହୁଥିବା ଓ ଯାତ୍ରୀଙ୍କ ସମସ୍ୟା ବୃଦ୍ଧି ହେଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ରାଜପଥ ଉପରେ ଶହ ଶହ ବିଭିନ୍ନ ପ୍ରକାର ଯାନ ତଥା ଯାତ୍ରୀବାହୀ ବସ୍ ସମେତ ଟ୍ରକ୍, ଅଟୋ, ବାଇକ, ଟ୍ୟାକ୍ସି ଆଦି ଯାତାୟାତ କରୁଥିବା ବେଳେ ରାଜପଥର ପ୍ରତି ୩ ରୁ ୪ କି.ମି ମଧ୍ୟରେ ଏଭଳି ଗାଈ, ବଳଦଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଥିପ୍ରତି ପ୍ରଶାସନ ଦୃଢ଼ ପଦକ୍ଷେପ ନେଇ ଗାଈ, ବଳଦ ମାଲିକଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

# ଏମ୍‌କେସିଜି ମେଡ଼ିକାଲ୍‌ର ସେଣ୍ଟ୍ରାଲ୍ ଆଇସିୟୁରେ ଗୁରୁତର ରୋଗୀଙ୍କ ହେଉନି ଡାଏଲିସିସ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କିଡ୍‌ନୀ ରୋଗୀଙ୍କ ନିମନ୍ତେ ଡାଏଲିସିସ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏମ୍‌କେସିଜି ମେଡ଼ିକାଲ୍‌ର ସେଣ୍ଟ୍ରାଲ୍ ଆଇସିୟୁରେ ଚିକିତ୍ସିତ ଥିବା ରୋଗୀଙ୍କ ଆବଶ୍ୟକ ସ୍ଥଳେ ଡାଏଲିସିସ୍ ହେଉନଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେବ ଏଭଳି ଅବ୍ୟବସ୍ଥା ଚାଲିଥିବା ବେଳେ ଏହାର ସମାଧାନ ନିମନ୍ତେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଫଳରେ ଏମ୍‌କେସିଜି ମେଡ଼ିକାଲ୍‌ର ଆଇସିୟୁରେ ଚିକିତ୍ସା ହେଉଥିବା ରୋଗୀ ବିଭିନ୍ନ ସମୟରେ ଡାଏଲିସିସ୍ ସେବା ନ ପାଇ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ଏନେଇ ବ୍ରହ୍ମପୁର ସାଂସଦଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ରାଜୀବ କୁମାର ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତ ଅଞ୍ଚଳରୁ ବହୁ କିଡ୍‌ନୀ ରୋଗୀ ଉନ୍ନତ ଚିକିତ୍ସା ସେବା ପାଇଁ ଏମ୍‌କେସିଜି ମେଡ଼ିକାଲ୍‌ର ନେଫ୍ରୋଲୋଜି ବିଭାଗ ଉପରେ ନିର୍ଭର କରିଥାନ୍ତି। ଅନେକ ରୋଗୀଙ୍କର କିଡ୍‌ନୀ ଅକାମୀ ହୋଇଯାଇଥିବା ବେଳେ ସେମାନଙ୍କୁ ଡାକ୍ତର ଡାଏଲିସିସ୍ ନିମନ୍ତେ ପରାମର୍ଶ ଦେଇଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ମେଡ଼ିକାଲ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୧୨ଟି ଡାଏଲିସିସ୍ ମେସିନ୍ ସ୍ଥାପନ କରାଯାଇଛି। ଏଣେ ବିଭିନ୍ନ ସମୟରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଲେ ସେମାନଙ୍କୁ ଆଇସିୟୁ ଓ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ୍ ପକ୍ଷରୁ ସେଣ୍ଟ୍ରାଲ୍ ଆଇସିୟୁର କୋଠାରେ ଡାଏଲିସିସ୍ ମେସିନ୍ ଓ ଆରୋ ପ୍ଲାଣ୍ଟର ସ୍ଥାପନ କରାଯାଇଛି। କିନ୍ତୁ ଉକ୍ତ ମେସିନ୍ ରୋଗୀଙ୍କ ସେବାରେ ଲାଗିପାରିଲା ନାହିଁ। ଫଳରେ ଗୁରୁତର ରୋଗୀଙ୍କୁ ସେଣ୍ଟ୍ରାଲ୍ ଆଇସିୟୁରୁ ନେଫ୍ରୋଲୋଜି ବିଭାଗ ଅଧୀନରେ ଥିବା ଡାଏଲିସିସ୍ ସେଣ୍ଟରକୁ ନେବାକୁ ପଡୁଛି। ତେବେ ୬୦୦ ମିଟରରୁ ଉର୍ଦ୍ଧ୍ୱ ରାସ୍ତା ଏଭଳି ଗୁରୁତର ରୋଗୀଙ୍କୁ ନେବା ଆଣିବା କରିବା ଓ ଡାଏଲିସିସ୍ ସେଣ୍ଟରରେ ଘଣ୍ଟା ଘଣ୍ଟା ଧରି ଡାଏଲିସିସ୍ କରିବା ଦ୍ୱାରା ରୋଗୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏଭଳି କ୍ଷେତ୍ରରେ ଅନେକ ରୋଗୀ ଅକାଳରେ ଜୀବନ ଯାଉଥିବା ଅଭିଯୋଗ ହୋଇଛି।

# ରୋଟାରୀ କ୍ଲବର ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ପ୍ରକୃତି ଓ ମାନବ ସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃକ୍ଷ କେବଳ ପରିବେଶ କୁ ସବୁଜ ସୁନ୍ଦର ରଖି ନ ଥାଏ। ବରଂ ମାନବ ଜୀବନର ଅସ୍ତିତ୍ୱକୁ ସୁରକ୍ଷିତ ରଖିଥାଏ। ସମଗ୍ର ବିଶ୍ୱରେ ତାପମାତ୍ରା ବୃଦ୍ଧି, ଅନିୟମିତତା ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ପ୍ରଦୂଷଣ ଭଳି ଗଭିର ସମସ୍ୟାକୁ ମୁକାବିଲା କରିବା ପାଇଁ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ହେଉଛି ସର୍ବୋତ୍ତମ ଉପାୟ। ଏହାକୁ ଆଖି ଆଗରେ ରଖି ସାରା ରାଜ୍ୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଥିବା ବେଳେ ବ୍ୟାସନଗର କଲେଜର ପ୍ରତିଷ୍ଠା ଦିବସ ଅବସରରେ କଳିଙ୍ଗନଗର ରୋଟାରି କ୍ଲବ ଓ କଲେଜର ଆଲୁମିନି ସଦସ୍ୟଙ୍କ ମିଳିତ ସହଯୋଗରେ କଲେଜ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରୋଟାରି କ୍ଲବର ସଭାପତି ରୋଟାରୀୟାନ ଡ. ଦେବସ୍ମିତା ସାହୁ ଓ ସମ୍ପାଦକ ରୋଟାରୀୟାନ ଅରୁଣ କୁମାର ବେହେରାଙ୍କ ସମେତ ସମସ୍ତ ରୋଟାରି ପରିବାରର ସଦସ୍ୟ ଓ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ମିଷ୍ଟାନ ବଣ୍ଟନ କରି କ୍ଲବର ସମସ୍ତ ସଦସ୍ୟମାନେ ଖୁସି ମନାଇଥିଲେ। କାର୍ଯ୍ୟକ୍ରମରେ ଆଲୁମିନିର ସଦସ୍ୟ ବିଦ୍ୟାଧର ମହାନ୍ତି, କୁଶଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ମହାଳିକ, ଲୋକନାଥ ରାଉତ, ଅଚ୍ଛୁତାନନ୍ଦ ମହାନ୍ତି, ସୁଦିପ ମିଶ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜଳାଶୟ ପୋତି ଚାଲିଛି ବଡ଼ ବଡ଼ କୋଠା ନିର୍ମାଣ
## ନିଷ୍କାସିତ ହୋଇପାରୁନି ବର୍ଷା ଜଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ସରକାରୀ ଖାତାରେ ପ୍ଲଟ ଜଳାଶୟ। ହେଲେ ଜଳାଶୟ କିସମ ପ୍ଲଟ୍ ଉପରେ ହୋଇଛି ଘର ନିର୍ମାଣ। କଟକ ସହରରେ ଏଭଳି ଅନେକ ସ୍ଥାନରେ ଜଳାଶୟ ପୋତି ହୋଇଛି ନିର୍ମାଣ କାର୍ଯ୍ୟ। ବର୍ଷାଦିନେ ଜଳାଶୟଗୁଡ଼ିକ ବର୍ଷା ପାଣି ସଂରକ୍ଷଣରେ ସହାୟକ ହେବା ସହ ରାସ୍ତାଘାଟ କିମ୍ବା ଜନବସତି ଅଞ୍ଚଳରେ ପାଣି ଜମିବା ସ୍ଥିତିକୁ ଏଡ଼ାଇବାରେ ସହାୟକ ହୁଏ। ତାକୁ ଯଦି ପୋତି ନିର୍ମାଣ କାର୍ଯ୍ୟ କରାଯାଏ ତେବେ ଜଳାଶୟ ସଂଖ୍ୟା କମିବା ସହ ପ୍ରବଳ ବର୍ଷା ସମୟରେ ରାସ୍ତାଘାଟ ଜନବସତି ଅଞ୍ଚଳରେ ପାଣି ଜମିବ। କଟକ ସହରରେ ପୂର୍ବରୁ ୮୮ଟି ସରକାରୀ ଓ ୩୯୦ଟି ଘରୋଇ ଜଳାଶୟ ଥିବାବେଳେ ଏବେ ସେଥିମଧ୍ୟରୁ ୯ଟି ସରକାରୀ ଓ ୧୨୬ଟି ଘରୋଇ ଜଳାଶୟ ପୋତାଯାଇ ଗୃହ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯାଇଛି। ନିର୍ମାଣ କାର୍ଯ୍ୟ ସରିଥିବାରୁ ଏସବୁକୁ ପୁନରୁଦ୍ଧାର କରିବା ବର୍ତ୍ତମାନ ସମୟରେ ମହାନଗର ନିଗମ ପାଇଁ ସେତେଟା ସହଜ ନୁହେଁ। ତେବେ ବିନା ଅନୁମତିରେ ଏସବୁ ନିର୍ମାଣ କରାଗଲା ବେଳେ ସିଏମ୍‌ସି ରୋକିବା ପାଇଁ ପଦକ୍ଷେପ ନେଲା ନାହିଁ କାହିଁକି? ବର୍ତ୍ତମାନ ମଧ୍ୟ କିଛି କିଛି ଜଳାଶୟ ପୋତି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ମହାନଗର ନିଗମ ଏହାକୁ ବନ୍ଦ କରିବାକୁ ପଦକ୍ଷେପ ନ ନେଇ ଚୁପ୍ ବସିଛି। ଘଟଣା ସମ୍ପର୍କରେ ମହାନଗର ନିଗମ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଯାଇଛି। ଯଦି ସରକାରୀ ପଦକ୍ଷେପ ମନ୍ଥର ହୁଏ ତେବେ ସେସବୁ ଜଳାଶୟ ଉପରେ ମଧ୍ୟ ସ୍ଥାୟୀ ନିର୍ମାଣ ହୋଇଯିବ। ବ୍ୟାବହାରିକ ଦୃଷ୍ଟିକୋଣରୁ ସହରାଞ୍ଚଳରେ କୋଠାବାଡ଼ି ନିର୍ମାଣ ଆବଶ୍ୟକତା ରହିଛି। ହେଲେ ପ୍ରକୃତିଦତ୍ତ ଜଳାଶୟଗୁଡିକୁ ପୋତିଦେବା ଦ୍ୱାରା ଆମେ ଆଗକୁ ମଧ୍ୟ ଏହିଭଳି ଜଳବନ୍ଦୀ ସମସ୍ୟାର ସାମ୍ନା କରିବା ଛଡ଼ା ଅନ୍ୟ କୌଣସି ବାଟ ନାହିଁ।

# ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ : ପ୍ରଶାସନ ଚଢ଼ଉ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳ ହେଉ କି ସହର ସବୁଠାରେ ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ। ବର୍ତ୍ତମାନ ବର୍ଷା ଦିନ ଜାରି ରହିଥିବା ବେଳେ ପ୍ରଶାସନ ତୁରନ୍ତ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ପରିସ୍ଥିତି ଅଣାୟତ୍ତ ହେବା ଆଶଙ୍କା ଦେଖାଯାଇଛି। କୋରାପୁଟ ଜିଲ୍ଲାର ଲମତାପୁଟ, ନନ୍ଦପୁର, କୋରାପୁଟ, ସେମିଳିଗୁଡ଼ା, ଜୟପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, କୋଟପାଡ଼ ମୁଖ୍ୟ ବଜାରଠୁ ଆରମ୍ଭ କରି ପ୍ରତି ଗାଁର ଗଳି କନ୍ଦିରେ ଖୋଲାଖୋଲି ଭାବେ ବିକ୍ରି ହେଉଛି ବିଷାକ୍ତ ଖାଦ୍ୟ। ପୋଡ଼ା ତେଲରେ ୧୦ ଥର ଗରମ କରି ପକୋଡ଼ି, ବରା, ସିଙ୍ଗଡ଼ା, କାକରା, ଆଳୁଚପ୍ ଛାଣୁଛନ୍ତି ଯାହାକି ବିଷାକ୍ତ ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଖାଇ ଲୋକେ କ୍ୟାନସର ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବାସି ଖାଦ୍ୟ, ରଙ୍ଗମିଶା ଚାଉମିନ୍, ଚାଟ୍, ଦହିବରା ଆଳୁଦମ୍, ଅପମିଶ୍ରିତ ଟିଫିନ୍ ଲୋକଙ୍କ ପେଟରେ ଯେମିତି ବିଷ ଭର୍ତ୍ତି ହୋଇଯାଉଛି। ଆଉ ଖାଦ୍ୟ ନିରାପତ୍ତା ବିଭାଗ ଯେମିତି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି।

ସୂଚନା ମୁତାବକ, କୋରାପୁଟ ଜିଲ୍ଲାର ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳର ଅଧିକାଂଶ ମିଷ୍ଟାନ୍ନ ଦୋକାନରେ ପୂର୍ବଦିନର ବାସି ବରା, ଆଳୁଚପ୍‌କୁ ରାତିରେ ଫ୍ରିଜ୍‌ରେ ରଖି ସକାଳୁ ପୁନର୍ବାର ପୋଡ଼ା ତେଲରେ ଛାଣି ବିକ୍ରି କରୁଛନ୍ତି। ରସଗୋଲା, ଛେନାଗଜା ସହ ମିଠା ସାମଗ୍ରୀକୁ ପୁନର୍ବାର ସିରାରେ ଫୁଟାଇ ନୂଆ ନାଁରେ ବିକ୍ରି ହେଉଛି। ଫାଷ୍ଟଫୁଡ୍ ଦୋକାନୀ ମାନେ ୧୦ ଟଙ୍କିଆ ଟେକ୍ସଟାଇଲ୍ ରଙ୍ଗ ମିଶାଇ ଖାଦ୍ୟକୁ ଆକର୍ଷଣୀୟ କରୁଛନ୍ତି। ନିମ୍ନମାନର ଟମାଟୋ ଓ ଚିଲ୍ଲୀ ସସ୍ ଗ୍ରାହକଙ୍କୁ ଦେଉଛନ୍ତି। ପୋଡ଼ାତେଲରୁ ବାହାରୁଥିବା ବିଷାକ୍ତ ଧୂଆଁ ଲୋକଙ୍କ ଫୁସ୍‌ଫୁସ୍ ନଷ୍ଟ କରୁଛି। ଫଳରେ ଗ୍ୟାଷ୍ଟ୍ରିକ୍, ଲିଭର ଡ୍ୟାମେଜ୍, କିଡନୀ ଫେଲ୍ ହୋଇ ହସ୍ପିଟାଲରେ ଲାଇନ୍ ଲାଗୁଛି, କିନ୍ତୁ ମୂଳ କାରଣ ଉପରେ କାହାର ଦୃଷ୍ଟି ପଡୁ ନାହିଁ। ଗତ ବର୍ଷ ରଥଯାତ୍ରା ସମୟରେ ଖାଦ୍ୟ ନିରାପତ୍ତା ଅଧିକାରୀ ଥରେ ଚଢ଼ଉ କରି ନିଜ ଦାୟିତ୍ୱ ସାରିଦେଲେ। ତାହା ପରଠୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦୋକାନ ସିଲ୍ ହେଲାନି, ଗୋଟିଏ ବି ଜରିମାନା ହେଲାନି। ଫଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ଆକାଶ ଛୁଇଁଲାଣି। ଲାଇସେନ୍ସ ନାହିଁ, ସ୍ୱଚ୍ଛତା ନାହିଁ, ନିୟମ ନାହିଁ କେବଳ ଲୋଭ ଓ ଲାଞ୍ଚର ଖେଳ। ଧୂଳି ଉଡୁଥିବା ରାସ୍ତା କଡ଼ରେ ଖୋଲା ଡେକ୍‌ଚିରେ ମିଷ୍ଟାନ୍ନ ତିଆରି ହେଉଛି। ମାଛି ବସୁଛି, କୁକୁର ଶୁଙ୍ଘୁଛି ଓ ଚାଟୁଛି, ଆଉ ମଣିଷ ଖାଉଛି। ଆଉ କେତେ ଜୀବନ ଗଲେ ଖାଦ୍ୟ ନିରାପତ୍ତା ବିଭାଗ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବ। ତେଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବି ହେଉଛି। ଏହା ସହ ଏହି ବିଷାକ୍ତ ଖାଦ୍ୟ ସହ ଦର ଦାମ୍ ବି କମ୍ ନୁହଁ। ବରା ଗୋଟାକୁ ୧୦ ଟଙ୍କା, ସିଙ୍ଗଡା ୧୦ ଟଙ୍କା, ଆଳୁଚପ ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ଏହା ସଂଘ ନିଷ୍ପତ୍ତି ବୋଲି ଉତ୍ତର ମିଳୁଛି। ରାସ୍ତା କଡ଼ର ଦୋକାନ, ଜିଏସ୍‌ଟି ନାହିଁ କି ଟେକ୍ସ ନାହିଁ ସ୍ପଷ୍ଟ ଦିବା ଲୋକରେ ଚାଲିଛି ଲୁଟ୍। ଏପରି ଲୁଟ୍ ଚାଲିଥିବା ବେଳେ କୋରାପୁଟ ଜିଲା ପ୍ରଶାସନ ଦର ନିୟନ୍ତ୍ରଣ କରିବାରେ ମଧ୍ୟ ବିଫଳ ହୋଇଛି। ଏପରି ସ୍ଥିତିରେ ଜିଲାବାସୀ ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି।

# କୋରାପୁଟରେ କଫି ଉତ୍ପାଦନ ଆଦିବାସୀଙ୍କ ଉଦ୍ୟମିତାର ପ୍ରତୀକ

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଉତ୍ପାଦିତ ଏହି କଫି ମୁଖ୍ୟତଃ ଆରାବିକା ପ୍ରଜାତିର ଏବଂ ଏହାକୁ ଆଦିବାସୀ ଚାଷୀମାନେ ପରିବେଶ ଅନୁକୂଳ ପଦ୍ଧତିରେ ଛାଇରେ ଚାଷ କରିଥାନ୍ତି। ଏହାର ସ୍ୱତନ୍ତ୍ର ଚକୋଲେଟ୍ ଏବଂ ବାଦାମୀ ସ୍ୱାଦ ପାଇଁ ଏହା ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି ଏବଂ କୋରାପୁଟକୁ ଏକ ଉଦୀୟମାନ ସ୍ୱତନ୍ତ୍ର କଫି କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଛି। ଏହି କଫି କେବଳ ଏକ କୃଷିଜାତ ଉତ୍ପାଦ ନୁହେଁ, ବରଂ ଆଦିବାସୀ ସମ୍ପ୍ରଦାୟର ଜୀବିକାରେ ଏକ ଐତିହାସିକ ପରିବର୍ତ୍ତନର ପ୍ରତୀକ। ହଜାର ହଜାର ଆଦିବାସୀ ଚାଷୀ ଏବଂ ମହିଳାମାନେ କଫିର ଚାଷ, ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ବିପଣନ କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ହୋଇ ସ୍ଥାୟୀ ରୋଜଗାର ସୃଷ୍ଟି କରୁଥିବା ବେଳେ କୋରାପୁଟର ସମୃଦ୍ଧ ଜୈବ ବିବିଧତାର ସଂରକ୍ଷଣରେ ମଧ୍ୟ ଅବଦାନ ରଖୁଛନ୍ତି। ପୁରୀ-କୋରାପୁଟ ଏକ୍ସପ୍ରେସ୍‌ର ଶୁଭାରମ୍ଭ ଏହି ସଫଳତାକୁ ଆହୁରି ସୁଦୃଢ଼ କରିବ। ଏହି ନୂତନ ରେଳ ସେବା କୋରାପୁଟକୁ ଓଡ଼ିଶାର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଗୁଡ଼ିକ ସହିତ ଅଧିକ ଦୃଢ଼ ଭାବେ ସଂଯୋଗ କରିବ। ଉନ୍ନତ ରେଳ ସଂଯୋଗ ଫଳରେ ସ୍ଥାନୀୟ ଉତ୍ପାଦକ ମାନେ ଉତ୍ତମ ବଜାର ସୁବିଧା ପାଇବେ, କୋରାପୁଟ କଫି ପରି ଅନେକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେବ ସହିତ ଉତ୍ପାଦର ପରିବହନ ସହଜ ହେବ, ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ ଏବଂ ଏହି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ ପାଇଁ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି ହେବ। ପୁରୀ-କୋରାପୁଟ ଏକ୍ସପ୍ରେସ ଏବଂ କୃତି କୋରାପୁଟ କଫି ଏକାଠି ହୋଇ ସମାବେଶୀ ବିକାଶର ଏକ ଉଦାହରଣ ପାଲଟିବ, ଯେଉଁଠାରେ ଉନ୍ନତ ଭିତ୍ତିଭୂମି ସ୍ଥାନୀୟ ଉଦ୍ୟୋଗକୁ ସଶକ୍ତ କରି ଓଡ଼ିଶାର ଆଦିବାସୀ ଉତ୍ପାଦକୁ ଜାତୀୟ ଓ ବିଶ୍ୱ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ।

# କୂଳ ଲଙ୍ଘୁଛି ସମୁଦ୍ର : ଚିନ୍ତାରେ ମତ୍ସ୍ୟଜୀବୀ ସମ୍ପ୍ରଦାୟ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ଜିଲ୍ଲାରେ ସମୁଦ୍ର କୂଳ କ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ପୋଡ଼ମପେଟା ସମେତ ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର କୂଳ ଲଙ୍ଘନ କରୁଥିବା ବେଳେ ଏବେ ଛତ୍ରପୁର ଉପକଣ୍ଠର ବଡ଼ ଆର୍ଯ୍ୟପଲ୍ଲୀ, ସାନ ଆର୍ଯ୍ୟପଲ୍ଲୀ ଓ ଏହାର ଆଖପାଖ ଗ୍ରାମରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି। ସମୁଦ୍ରର ଜୁଆର କ୍ରମଶଃ କୂଳ ଅତିକ୍ରମ କରି ଜନବସତି ଆଡ଼କୁ ଅଗ୍ରସର ହେଉଥିବା ବେଳେ ବର୍ତ୍ତମାନ ସମୁଦ୍ର ଓ ଜନବସତି ମଧ୍ୟରେ ଦୂରତା ୧୦୦ ମିଟରରୁ ମଧ୍ୟ କମ୍ ରହିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ପ୍ରଭାବରେ ମାଛଧରା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ହଜାର ହଜାର ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେଉଛନ୍ତି। ମତ୍ସ୍ୟଜୀବୀମାନଙ୍କ କହିବାନୁସାରେ, ସେମାନଙ୍କ ପରିବାରର ସମ୍ପୂର୍ଣ୍ଣ ଭରଣପୋଷଣ ମାଛଧରା ଉପରେ ନିର୍ଭରଶୀଳ। ଲଘୁଚାପ ଜନିତ କଟକଣା ଯୋଗୁଁ ସମୁଦ୍ରକୁ ଯାଇପାରୁ ନଥିବା ବେଳେ ଅନ୍ୟପଟେ ସମୁଦ୍ର କୂଳ ଲଙ୍ଘନ କରୁଥିବାରୁ ଡଙ୍ଗା ରଖିବା ଓ ସମୁଦ୍ରକୁ ଯିବା ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଏହି ଦୁଇମୁହାଁ ସମସ୍ୟା ସେମାନଙ୍କୁ ଚିନ୍ତାରେ ପକାଇଛି।

ସାନ ଆର୍ଯ୍ୟପଲ୍ଲୀର କିଛି ମତ୍ସ୍ୟଜୀବୀ କହିଛନ୍ତି ଯେ, ସମୁଦ୍ର ଭିତରେ ପାଗ ଅନୁକୂଳ ଥିବାରୁ ସେମାନେ ପୁଣି ଥରେ ମାଛଧରା ଆରମ୍ଭ କରିବା ଆଶାରେ ଜାଲ ବୁଣି ପ୍ରସ୍ତୁତ ରହିଛନ୍ତି। ତଥାପି ପ୍ରଶାସନର କଟକଣାକୁ ସମ୍ମାନ ଜଣାଇ ସେମାନେ ସମୁଦ୍ରକୁ ଯାଉନାହାନ୍ତି। କିନ୍ତୁ ଦୀର୍ଘ ଦିନ ଧରି ରୋଜଗାର ବନ୍ଦ ରହିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିବା ସେମାନେ କହିଛନ୍ତି। ଏପଟେ ଆର୍ଯ୍ୟପଲ୍ଲୀ, କଣମଣା ଓ ଆଖପାଖ ପଞ୍ଚାୟତର ଗ୍ରାମବାସୀ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି। ସମୁଦ୍ର କୂଳ ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିରୋଧ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ସେମାନଙ୍କ ଆଶଙ୍କା ଯେ, ଉଚିତ ସମୟରେ ପଦକ୍ଷେପ ଗ୍ରହଣ ନ କରାଗଲେ ସମୁଦ୍ର ଜନବସତି ଆଡ଼କୁ ଅଗ୍ରସର ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇ ପାରେ। ଭବିଷ୍ୟତରେ ସମୁଦ୍ରଜଳ ତାମ୍ପରା ହ୍ରଦ ଅଞ୍ଚଳ ଅତିକ୍ରମ କରି ଛତ୍ରପୁର ସହର ଆଡ଼କୁ ମଧ୍ୟ ବିପଦ ସୃଷ୍ଟି କରିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୦ ଜୁଲାଇ ୨୦୨୬ ଶୁକ୍ରବାର





# ଜିପିଏସ୍ ସହାୟତାରେ ଠାବ ହେଲା ଚୋରି ବୋଲେରୋ:ଜଣେ ଗିରଫ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡା ଜିଲ୍ଲା ସ୍ଥିତ ବେଲପାହାଡ ଥାନା ପୋଲିସ ଏକ ଚୋରି ହୋଇଥିବା ବୋଲେରୋ ପିକ୍-ଅପ୍ ଗାଡ଼ିକୁ ମାତ୍ର ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ଏହି ଘଟଣାରେ ବେଲପାହାଡ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗତ ୬ ତାରିଖରେ ବେଲପାହାଡ ଥାନା ଅନ୍ତର୍ଗତ ଗୁମାଡେରା ଅଞ୍ଚଳରୁ ଏକ ବୋଲେରୋ ପିକ୍-ଅପ୍ ଗାଡ଼ି ଚୋରି ହୋଇଥିଲା। ଏନେଇ ୧୧୨ ଜରୁରୀକାଳୀନ ସେବା ମାଧ୍ୟମରେ ସୂଚନା ପାଇବା ପରେ ବେଲପାହାଡ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିରେ ଲାଗିଥିବା ଜିପିଏସ୍ ବ୍ୟବସ୍ଥାକୁ ଆଧାର କରି ପୋଲିସ ମହିଜୋର ଅଞ୍ଚଳରେ ଚଢ଼ଉ କରିଥିଲା। ସେଠାରୁ ଚୋରି ହୋଇଥିବା ବୋଲେରୋ ପିକ୍-ଅପ୍ ଉଦ୍ଧାର କରିବା ସହ ବେଲପାହାଡ ଥାନା ଅନ୍ତର୍ଗତ ଲୁହୁରାପଡା ଗ୍ରାମର ସୂରଜ ବାଂଚୋର (୨୪)ଙ୍କୁ କାବୁ କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଚୋରି ହୋଇଥିବା ଗାଡ଼ିକୁ ଜବତ କରାଯାଇଛି। ବେଲପାହାଡ ଥାନା କେସ୍ ନଂ–୧୩୦, ୬ ତାରିଖରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଜିଲ୍ଲା ପୋଲିସ ପକ୍ଷରୁ କୁହାଯାଇଛି ଯେ, ଗୁରୁତର ଅପରାଧର ଶୀଘ୍ର ତଦନ୍ତ ଏବଂ ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ଲଗାଣ ବର୍ଷାରେ ଚାରିଘରିଆ ଗାଁ ରାସ୍ତାରେ ପାଣି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତ ଚାରିଘରିଆ ଗାଁ ରାସ୍ତାଟି ଲଗାଣ ବର୍ଷାରେ ଜଳାର୍ଣ୍ଣବ ହୋଇଛି। ଉକ୍ତ ରାସ୍ତାଟି ବରପଦା-ଆଗରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଗ୍ରାମ ମଧ୍ୟକୁ ଯାଇଛି। ଗ୍ରାମରେ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମେତ ନିକଟରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବାରୁ ଛୋଟ ଛୋଟ ପିଲାମାନେ ପାଣି ଜମି ରହିବାରୁ ଯିବାଆସିବା କରିପାରୁନାହାନ୍ତି। ଗତ ୨୦୨୪ ମସିହାରେ ରସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ଯୋଗୁ ରାସ୍ତା ଉପରେ ପାଣି ଜମି ରହୁଛି। ଏପରିକି ଗାଁର ଚତୁଃପାର୍ଶ୍ୱରେ ପାଣି ଜମି ରହିବା ଯୋଗୁ କୃତିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଖବରପାଇ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଯୁବନେତା ଅମୂଲ୍ୟ ରତ୍ନ ନନ୍ଦ, ଗୋପାଳ କୃଷ୍ଣ ଦାଶ, ମାନସ ପଟ୍ଟନାୟକ, ସେକ୍ ମୁସ୍‌ଲିମ୍, ସେକ୍ ଜାମିର୍ ହୁସେନ୍ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଗ୍ରାମବାସୀଙ୍କ ସମସ୍ୟା ସହ ଅବଗତ ହୋଇଛନ୍ତି। ଉପରୋକ୍ତ ସମସ୍ୟାର ସମାଧାନ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

# ବୌଦ୍ଧ ଜିଲ୍ଲାରେ ଟ୍ରାଫିକ୍ କଟକଣାକୁ କଡ଼ାକଡ଼ି କରାଯିବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ସଡ଼କ ସୁରକ୍ଷା ବ୍ୟବସ୍ଥା, ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର, ମୋଟର ଭେହିକିଲ୍ ଆଇନ୍‌ର କଡ଼ାକଡ଼ି ପାଳନ, ପୂର୍ବ ବୈଠକର କାର୍ଯ୍ୟ ବିବରଣୀ ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରାଯାଇଥିଲା। ବୈଠକ ଆରମ୍ଭରେ ଆଳିକ ପରିବହନ ଅଧିକାରୀ ସୁଷମା ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପାୱାର ପଏଣ୍ଟ ମାଧ୍ୟମରେ ବିଭାଗର କାର୍ଯ୍ୟକଳାପ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଓ ଜୀବନର ସୁରକ୍ଷା ସର୍ବାଧିକ ପ୍ରାଥମିକତା ପାଇବ। ଏଥିପାଇଁ ପରିବହନ, ପୋଲିସ, ଅବକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଟ୍ରାଫିକ୍ ନିୟମ ପାଳନ ଓ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ପାର୍ଶ୍ୱରେ ହୋଇଥିବା ସମସ୍ତ ବେଆଇନ୍ ଜବରଦଖଲ ଉଚ୍ଛେଦ କରିବା, ଟ୍ରକ୍ ଓ ଭାରୀ ଯାନବାହାନକୁ ରାସ୍ତା ଉପରେ ପାର୍କିଂ ନକରିବା, ବର୍ତ୍ତମାନ ଏଭଳି ପାର୍କିଂ ହେଉଥିବା ସ୍ଥାନଗୁଡ଼ିକର ତିନି ଦିନ ମଧ୍ୟରେ ଯାଞ୍ଚ କରି ରିପୋର୍ଟ



ଦାଖଲ କରିବାକୁ ଏନ୍‌ଏଚ୍, ପରିବହନ ଓ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ନିର୍ମାଣାଧୀନ ରାସ୍ତା ଓ ସେତୁ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବା, ନିର୍ମାଣର ଗୁଣବତ୍ତା ଯାଞ୍ଚ, ସମସ୍ତ ଆବଶ୍ୟକୀୟ ସାଇନବୋର୍ଡ, ସତର୍କତା ସଙ୍କେତ ଓ ରୋଡ୍ ମାର୍କିଂ ସ୍ଥାପନ କରିବା ସହ ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛର ଡାଳ ଓ ବୁଦାକୁ ହଟେଇ କରି ଦୃଶ୍ୟମାନତା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ମ୍ୟୁନିସିପାଲିଟି ଅଞ୍ଚଳରେ କୌଣସି ଭାରୀ ଯାନ ୧୦ ମିନିଟରୁ ଅଧିକ ସମୟ ରାସ୍ତା ଉପରେ ରହିପାରିବନାହିଁ ଏବଂ ସମସ୍ତ ଲୋଡିଂ-ଅନଲୋଡିଂ କାର୍ଯ୍ୟ ରାତ୍ରି ସମୟରେ କରିବାକୁ କୁହାଯାଇଥିଲା। ସହର ଭିତରେ ଭାରୀ ଯାନବାହନ ପାଇଁ ଦୁଇଟି ଉପଯୁକ୍ତ ପାର୍କିଂ ସ୍ଥାନ ଚିହ୍ନଟ କରି ବ୍ୟବସ୍ଥା କରିବାକୁ ତହସିଲଦାର ଓ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ଚାଷ ଋତୁକୁ ଦୃଷ୍ଟିରେ ରଖି ରାସ୍ତାରେ ଟ୍ରାକ୍ଟରରେ କେଜ୍ ହ୍ୱିଲ୍ ଲଗାଇ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହି ନିଷେଧାଦେଶକୁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ବିଭାଗ ମିଳିତ ଭାବେ କଡ଼ାକଡ଼ି ପାଳନ କରିବେ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମାନ ବୈଠକରେ ସ୍ପଷ୍ଟ କରିଥିଲେ। ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଠାରେ ଆବଶ୍ୟକ ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ ୨୦୨୬ ମସିହାର ପ୍ରଥମ ଛଅ ମାସରେ ଜିଲ୍ଲାରେ ମୋଟ୍ ୫,୮୯୦ଟି ଚାଲାଣ କଟାଯାଇ ୧ କୋଟି ୬୫ ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆରଟିଓ ପକ୍ଷରୁ ସିଟ୍ ବେଲ୍ଟ ନପିନ୍ଧିବା ପାଇଁ ୭୭ଟି, ହେଲମେଟ୍ ନପିନ୍ଧିବା ପାଇଁ ୨,୨୩୩ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୨,୨୧୯ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୫୨ଟି ମାମଲା ରୁଜୁ ହୋଇଥିବା ବେଳେ ୮୯ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ପୋଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୯୦୧ଟି ଏବଂ ସିଟ୍‌ବେଲ୍ଟ ନ ପିନ୍ଧିବା ପାଇଁ ୩୩୫ଟି ଚାଲାଣ କଟାଯାଇଛି। ଚଳିତ ବର୍ଷର ପ୍ରଥମ ଚାରି ମାସରେ ସଡ଼କ ଦୁର୍ଘଟଣାରେ ୪୫ ଜଣଙ୍କ ମୃତ୍ୟୁ ଏବଂ ୩୭ ଜଣ ଗୁରୁତର ଆହତ ହୋଇଥିବା ସୂଚନା ବୈଠକରେ ଦିଆଯାଇଥିଲା। ଦୁର୍ଘଟଣାଗ୍ରସ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ହସ୍ପିଟାଲରେ ଭର୍ତ୍ତି କରାଇ ତୁରନ୍ତ ଚିକିତ୍ସା ସୁନିଶ୍ଚିତ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଇ.ଓ ମ୍ୟୁନିସିପାଲିଟି ସତ୍ୟନାରାୟଣ ପ୍ରଧାନ, ଟ୍ରାଫିକ୍ ଇନ୍‌ସପେକ୍ଟର ଦେବାଶିଷ ନାୟକ, ଏକ୍ସିଇ (ଏନ୍‌ଏଚ୍) ପ୍ରଶାନ୍ତ କୁମାର ସାହୁ, ଇ-ଡିଏଆର୍‌ଏମ୍ ନିତ୍ୟବ୍ରତ ଗର୍ଡ଼ିଆ, ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ଶିବ ପ୍ରସାଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଲାଇନ୍ ବିଭାଗର ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରଥ ଯାତ୍ରାରେ ବିପଦ ସାଜିବ ମୁକୁଳା ଡ୍ରେନ୍

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ରଥ ଯାତ୍ରାରେ ପୁରୀକୁ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ରଥ ଯାତ୍ରୀ ଆସିବାର ସମ୍ଭାବନା ରହିଛି। ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରି ବିଜେ ଓ ଅନ୍ୟ ଦିନମାନଙ୍କରେ ପର୍ଯ୍ୟାୟକ୍ରମେ ରଥଯାତ୍ରୀ ପୁରୀକୁ ଆସିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପୁରୀ ମହାନଗର ନିଗମ ଘୋଷଣା ହୋଇ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ପୁରୁଣା ପୌରସଂସ୍ଥା ପରି କାର୍ଯ୍ୟ ଚାଲିଛି। କେବଳ ଅଧିକାରୀ ବଢ଼ିଛନ୍ତି କିନ୍ତୁ କାର୍ଯ୍ୟ ବଢ଼ିନାହିଁ। ସହର ବିଭିନ୍ନ ସ୍ଥାନରେ ମୁକୁଳା ଡ୍ରେନ୍ ମୃତ୍ୟୁର ଘଣ୍ଟି ବଜାଇବା ପାଇଁ ଠିକ୍ ରହିଛି। ବଡ଼ ଦାଣ୍ଡର ଦୁଇପାର୍ଶ୍ୱର ଅଧିକାଂଶ ସ୍ଥାନରେ ଡ୍ରେନ୍ ସ୍ଲାବ୍ ପୁରୁଣା ଓ ଫଟା ରହିଥିବାରୁ ଅଧିକ ଲୋକ ସ୍ଲାବ୍ ଉପରେ ଠିଆ ହେଲେ ତାହା ଗଳିପଡିବାର ସମ୍ଭାବନା ରହିଛି। ବିଗତ ଦିନରେ ଗଜପତି ନଗର ପ୍ରଦୀପ ଚୌଧୁରୀ (୫୩) ବର୍ଷ, କଲିକତାର ହେମନ୍ତ ଗଜ, ଚନ୍ଦନପୁରର ନିଧି ଭୋଇ, ସମଗରାର ଏଣ୍ଡଳ ନାୟକ, କଳିଆ ପଣ୍ଡାର ୨ଜଣ ଓ ଦତ ଟୋଟାରା ୧ ଜଣ ମୋଟ୍ ୮ ଜଣଙ୍କ ଜୀବନ ଲିଭି ଯାଇଥିବା ବେଳେ ଏ ସମ୍ପର୍କରେ ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ ଦାଶ ରାଜ୍ୟ ମାନବାଧିକାର ଆୟୋଗର ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ମହାନଗର କର୍ମଚାରୀମାନେ ବଡଦାଣ୍ଡର ଅନେକ ସ୍ଥାନରେ ସ୍ଲାବ୍‌କୁ ସ୍ଲାବ୍ ମିଶୁନଥିବା ବେଳେ କେତେକ ସ୍ଲାବ୍ ବଡ଼ ଦାଣ୍ଡକୁ ବଢ଼ି ରହିଥିବାରୁ ରଥ ଯାତ୍ରାରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ସହରରେ ଖୋଲା ରହିଥିବା ମୁକୁଳା ଡ୍ରେନ୍ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସ୍ଲାବ୍ ପକାଇବା ପାଇଁ ସାଧାରଣରେ ଦାବି ହେଉଛି।

# ୯ ଲକ୍ଷ ଟଙ୍କାର ମଦ ଜବତ:ଜଣେ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ରିଜ୍ ଛକ ନିକଟରୁ ବିଦେଶୀ ମଦ ଓ ବିଅର ଜବତ କରି ଜଣଙ୍କୁ ଗିରଫ କରାଯାଇଛି। ପ୍ରାପ୍ତଖବରରୁ ପ୍ରକାଶ ଯେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ବ୍ରିଜ୍ ଛକ ଠାରେ ଚେକିଂ ଚାଲିଥିଲା। ଏହି ସମୟରେ ସୋନପୁରରୁ ବୌଦ୍ଧକୁ ଆସୁଥିବା ପିକ୍ଅ ଭ୍ୟାନ୍‌ରେ ବିପୁଳ ପରିମାଣର ମଦ ଥିବା କୌଣସି ସୂତ୍ରରୁ ସୂଚନା ପାଇ ଅବକାରୀ ବିଭାଗ ଭ୍ୟାନ୍‌ଟିକୁ ଅଟକାଇଥିଲେ। ଯାଞ୍ଚ କରିବାରୁ ସେଥିରେ ଭାରତ ତିଆରି ଦେଶୀ ମଦ ୭୭୯.୭୬୦ ଲିଟର ରହିଥିବା



ବେଳେ ବିଅର ୫୦୭ ଲିଟର ରହିଥିଲା। ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ୯୫ ହଜାର ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ପିକ୍ଅ ଡ୍ରାଇଭର ଅଭିଯୁକ୍ତ ଲିଙ୍ଗରାଜ କହଁର (୩୪) ସୋନପୁର ଜିଲ୍ଲା ଛେପାପାଲି ଗ୍ରାମର ଜଣାପଡିଥିବା ବେଳେ ତାକୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢଉରେ ଅବକାରୀ ଇନ୍‌ସପେକ୍ଟର ଦିଲ୍ଲୀପ କୁମାର ଶତପଥୀ, ସଦର ଓଆଇସି ସତ୍ୟନାରାୟଣ ପ୍ରଧାନ, ଏଏସ୍‌ଆଇ ଅସିତ କୁମାର ପ୍ରଧାନ, ଲୋକନାଥ ଭୋଇ, ନିରଞ୍ଜନ ମଲ୍ଲିକ, କୈଳାସ ଚନ୍ଦ୍ର ସାହୁ, ଆନନ୍ଦ ଚନ୍ଦ୍ର ମେହେର ସାମିଲ ହୋଇଥିଲେ।

## ଅନ୍‌ଲାଇନ୍ ଗେମ୍ ଛଡ଼ାଇ ନେଲା ଅଶୁଂମାନର ହସଖୁସି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ଯୁଗରେ ସବୁ କିଛି ସ୍ମାର୍ଟ ଫୋନ୍‌ରେ ହେଉଛି ସତ, କିନ୍ତୁ ସ୍ମାର୍ଟ ଫୋନ୍ ଅନେକ କ୍ଷେତ୍ରରେ ବିଶେଷ କରି ଯୁବପିଢ଼ିଙ୍କୁ ଅବାଟରେ ନେଇ ଜୀବନ ହାରିବାକୁ ବାଧ୍ୟ କରୁଛି। ଅନ୍ ଲାଇନ୍ ପାଠ ପଢା ନାମରେ ସ୍ମାର୍ଟ ଫୋନ୍ ଧରୁଥିବା ଛୋଟ ପିଲାଙ୍କୁ କିପରି ମୃତ୍ୟୁ ମୁଖକୁ ଠେଲି ଦେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଅଞ୍ଚଳରେ। ଆଡ଼ିଆ ପଞ୍ଚାୟତ ଓଲଡ଼ାଙ୍ଗ ଗ୍ରାମର ଅଲେଖ ଦାସ ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ୧୧ ବର୍ଷର ପୁଅ ଅଶୁଂମାନ ନିକଟସ୍ଥ ଏକ ଘରୋଇ ସ୍କୁଲରେ ପାଠ ପଢୁଥିଲେ। କୋଭିଡ୍ ସମୟରେ ଅନ୍ ଲାଇନ୍‌ରେ କ୍ଲାସ୍ କରୁଥିବା ବେଳେ ଅଶୁଂମାନ ବିପଦଜ୍ଜନକ ବ୍ଲୁ ହ୍ୱେଲ୍ ଗେମ୍ ଟାକ୍ସ (ଲେବୁଲ୍) ପୂରଣ କରିବାକୁ ଯାଇ ୨୦୨୨ ମସିହା ଫେବୃଆରୀ ୫ ତାରିଖରେ ଭାରସ୍ୟାମ ହରାଇ ବେଲ୍ଟରେ ଫାଁସି ଲଗାଇ ଦେଇଥିଲେ। ଦୀର୍ଘ ୩ ମାସ ଧରି ଆଇସିୟୁରେ ରହିବା ପରେ ଅଶୁଂମାନଙ୍କ ଜୀବନ ବଞ୍ଚିଯାଇଛି ସତ କିନ୍ତୁ ପାଠ ପଢାରେ ଡୋରି ବାନ୍ଧି ବିଛଣାରେ ପଡ଼ିରହିବା ବାପା ଓ ମା' ଡ଼ାକ ଛଡ଼ା ତା' ପାଟିରୁ ଆଉ କିଛି ବାହାରୁନାହିଁ। ଏଣେ ବ୍ୟୟ ବହୁଳ ଖର୍ଚ୍ଚ କରିନପାରି ପିତାମାତା ପୁଅକୁ ଧରି ଗାଁକୁ ଫେରି ଆସିଥିଲେ। ପୁଅର ଚିକିତ୍ସା ପାଇଁ ଜମିବାଡ଼ି ବିକ୍ରି କରି ସର୍ବସ୍ୱାନ୍ତ ହେବା ପରେ ଭଗବାନଙ୍କ ଭରସାରେ ପଡ଼ି ରହିଛନ୍ତି ପରିବାର ଲୋକ। ନିୟମିତ ଓଲଟପୁର ଯାଇ ଅଶୁଂମାନର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅର୍ଥର ଅଭାବ ଦେଖାଦେବା ଯୋଗୁ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗ ଲୋଡ଼ିଛନ୍ତି ପିତାମାତା। ଅଶୁଂମାନ ଏବେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ବେଳେ ସ୍ମାର୍ଟ ଫୋନ୍ ତାଙ୍କ ପରିବାରକୁ ଉଜାଡ଼ି ଦେଇଛି।

## ଆଇଆଇସି ମୃତ୍ୟୁ ଘଟଣାର ବିଧିବଦ୍ଧ ତଦନ୍ତ ଦାବିକଲେ ସାଂସଦ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ବ୍ୟୁଟି ମହାନ୍ତି ମୃତ୍ୟୁ ମାମଲାର ତଦନ୍ତ ଦାବି କଲେ ସାଂସଦ ଭର୍ତ୍ତୃହରି ମହତାବ। ଏଭଳି ସମ୍ବେଦନଶୀଳ ଘଟଣାର ବିଦ୍ଧିବଦ୍ଧ ଓ ସବିଶେଷ ତଦନ୍ତ ଦାବି କରିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। ଭର୍ତ୍ତୃହରି କହିଛନ୍ତି, ଯେଉଁଭଳି ପରିସ୍ଥିତିରେ ବ୍ୟୁଟି ମହାନ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି, ତାହା ଅତ୍ୟନ୍ତ ଚିନ୍ତାର ବିଷୟ। ତାଙ୍କ ଭାଇ କହିଛନ୍ତି ଏହା ଆତ୍ମହତ୍ୟା ନୁହେଁ। ପୋଲିସ ଚାକିରିରେ ଚାପର ଶିକାର ହେବା ସ୍ୱାଭାବିକ। ସେ ବିଭିନ୍ନ ଜିଲ୍ଲାରେ କାମ କରିବା ଭିତରେ ଅନେକ ଚାପକୁ ପ୍ରତିହତ କରିଛନ୍ତି। ତେଣୁ କେଉଁ ପରିସ୍ଥିତିର ସମ୍ମୁଖୀନ ହୋଇ ସେ ଏଭଳି ପଦକ୍ଷେପ ନେଲେ ତାହାର ସବିଶେଷ ତଦନ୍ତ ନିହାତି ଆବଶ୍ୟକ ବୋଲି କହିଛନ୍ତି ଭର୍ତ୍ତୃହରି। ସେପଟେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି, କଣ ପାଇଁ ଏ ଘଟଣା ଘଟିଲା ତାହା ତଦନ୍ତ ସାପେକ୍ଷ। ଗତ ଦୁଇ ବର୍ଷରେ ପୋଲିସ ଉପରେ କୌଣସି ପ୍ରକାର ରାଜନୈତିକ ଚାପ ସୃଷ୍ଟି କରାଯାଇନାହିଁ। ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ପ୍ରସଙ୍ଗରେ ମନମୋହନ କହିଛନ୍ତି, ସବୁ ସମୟରେ କିଛି ଅଫିସର ରିଜାଇନ୍ କରନ୍ତି, କଣ ବ୍ୟକ୍ତିଗତ କାରଣ ଥାଇପାରେ।



## ବାପାମାଆଙ୍କୁ ଘରୁ ତଡ଼ିଦେଲେ ପୁଅ ବୋହୂ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜୀବନର ଅନ୍ତିମ ସମୟରେ ନାତି ନାତୁଣୀଙ୍କ ସହ ଖେଳିବା ବେଳେ ପୁଅ ବୋହୂ ୮୦ ବର୍ଷ ବୟସ୍କା ବାପା ମାଆଙ୍କୁ ମାଡ଼ ମାରି ଘରୁ ତଡିଦେଇଥିବାରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି ବୃଦ୍ଧ ଦମ୍ପତି। ଘଟଣାରୁ ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ଅରଗଳ (ଅରଗଳ ଶାସନ) ଗ୍ରାମର ଟୁନି ବେହେରା ଏବଂ ତାଙ୍କ ସ୍ୱାମୀଙ୍କୁ ଘରୁ ପୁଅ ଓ ବୋହୂ ତଡିଦେବା ଫଳରେ ଦୀର୍ଘ ମାସ ହେଲା ଏହି ବୃଦ୍ଧ ଦମ୍ପତି ଆଳି ବିଡିଓ, ତହସିଲଦାର, କେନ୍ଦ୍ରାପଡା ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ଥାନା ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ବୃଦ୍ଧ ଦମ୍ପତି ବୁଧବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି ପ୍ରକାଶ କରିଛନ୍ତି। ଆଖିକୁ ଦିଶୁନଥିବା ଏବଂ ଚାଲିପାରୁନଥିବା ଏହି ବୃଦ୍ଧ ଦମ୍ପତି ଅତି ଦୟନୀୟ ଅବସ୍ଥାରେ ଧାରଣାରେ ବସିଛନ୍ତି। ଖବରପାଇ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ ଏହି ଧାରଣାରତ ବୃଦ୍ଧ ଦମ୍ପତିଙ୍କ ପାଖକୁ ଆସି ତାଙ୍କୁ ଆଶ୍ୱାସନା ଦେବା ପରେ ଉଭୟେ ଧାରଣା ପ୍ରତ୍ୟାହାର କରିଥିବା ଜଣାପଡିଛି।

**/////////// କଟକ ରଥଯାତ୍ରା ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ ///////////**

# ଶାନ୍ତିପୂର୍ଣ୍ଣ ଯାତ୍ରା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ କଟକରେ ରଥଯାତ୍ରା ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସହ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଳଜିତ ଦାସ ରଥର ସୁରକ୍ଷା ପାଇଁ ରଥ ଗତି କରୁଥିବା ପଥଗୁଡିକରୁ ବିଦ୍ୟୁତ ତାର, ଟିଭି କେବୁଲ ତାର ସହ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ବିଛା ଯାଇଥିବା କେବୁଲ ତାର ଅପସାରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା କରିବା ସହ ରଥ ରହଣିସ୍ଥଳ ମାନଙ୍କରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆଶୁ ଚିକିତ୍ସା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆଦି ସମ୍ବନ୍ଧରେ ଆଲୋଚନା କରିଥିଲେ।



ଦେଖାଦେଉଥିବା କେବୁଲ ତାର ଅପସାରଣର ସମସ୍ୟା ନିମନ୍ତେ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନିରିକ୍ଷକ ଦଳ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନଗୁଡିକ ପରିଦର୍ଶନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ସହରରେ ହରିପୁର-ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟ ସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପିଠାପୁର, ଯୋବ୍ରା ସହ ଚଳିତ ବର୍ଷ ନୂତନ ଭାବେ ଅନୁଷ୍ଠିତ ହେବାକୁ ଥିବା ସିଡିଏ ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ଆଦି ସ୍ଥାନ ମାନଙ୍କରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ରଥ ଯାତ୍ରାରେ ଧାର୍ମିକ ମନୋଭାବ ସହ କର୍ତ୍ତବ୍ୟ ପରାୟଣ ହୋଇ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜର କାର୍ଯ୍ୟ ସମ୍ପାଦନ କରି ଚଳିତ ବର୍ଷ ରଥଯାତ୍ରାକୁ ସରସ, ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ବୈଠକରେ ଆଲୋଚନା କରଯାଇଥିଲା। ରଥ ନିର୍ମାଣ, ନୀତି ନିର୍ଘଣ୍ଟ ପ୍ରସ୍ତୁତି ତଥା ଆବଶ୍ୟକୀୟ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥାପନା କରିଥିବା ବେଳେ, ରାସ୍ତାଘାଟର ମରାମତି, ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ନୀରବଚ୍ଛିନ୍ନ ବିଦ୍ୟୁତସେବା, ଜଳସିଞ୍ଚନ, ଆଶୁ ଚିକିତ୍ସା, କେବୁଲ ତାର ଅପସାରଣ, ରଥଯାତ୍ରା ସମୟରେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମା ଗୁଡିକର ସଫେଇ ଓ ଜଳନିଷ୍କାସନ, ଟ୍ରାଫିକ୍ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବ୍ୟବସ୍ଥା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ଚଳିତ ବର୍ଷ ରଥଯାତ୍ରା ସହରରେ ଅନୁଷ୍ଠିତ ହେଉଥିବାରୁ ସମସ୍ତ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ବୈଠକରେ ଅତିରିକ୍ତ ପୋଲିସ ଉପ ଆୟୁକ୍ତ ରଞ୍ଜନ ପୃଷ୍ଟିଙ୍କ ସମେତ ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ଟିପିସିଓଡ଼ିଏଲ୍, କଟକ ମହାନଗର ନିଗମ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି, ଭିକାରି ଦାସ, ରାଣିହାଟ ବଳଦେବଜୀଉ ରଥଯାତ୍ରା କମିଟି ସଭାପତି, ବିଜୟ କୁମାର ସାହୁ, ହରିପୁର ଦଳମୁଣ୍ଡାଇ ରଥଯାତ୍ରା କମିଟି ପକ୍ଷରୁ ହରେକୃଷ୍ଣ ପ୍ରଧାନ, ତୁଳସୀପୁର ମଠସାହି ରଥଯାତ୍ରା କମିଟି, ପିଠାପୁର ରଥଯାତ୍ରା କମିଟିର, ଯୋବ୍ରା ଓ.ସି.ଡି.ଏ ଶ୍ରୀ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟିର ସଦସ୍ୟ ତଥା ଉପସ୍ଥିତ ରହି ମତାମତ ପ୍ରକାଶ କରିଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୦୭।୨୦୨୬, ଆଷାଢ଼ ଦ୨୬ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୨୩ ଚନ୍ଦ୍ରୋଦୟ- ରାଘ ୧।୩୫।୩୬**


ଦଶମୀ ଦିଘ ୮।୧୯ ପର୍ଯ୍ୟନ୍ତ। **ଦ୍ୱିଜା ନକ୍ଷତ୍ର-** ଦିଘ ୧।୧୬ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ସଂଘ ୬।୪୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। ସଂଘ ୬।୪୫ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। ସଂଘ ୬।୪୫ ଗତେ ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୮।୧୯ ଗତେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୧୨ ଗତେ ଦିଘ ୭।୦୫ ମଧ୍ୟେ। ଦିଘ ୧୨।୧୯ ଗତେ ଦିଘ ୨।୫୭ ମଧ୍ୟେ। **ପର୍ବୋତ୍ସବ-** ଅନବସର ଦଶମୀ ଓ ଶ୍ରୀଜୀଉଙ୍କ ଚକା ବିଜେ।



**ମେଷ:** ମନରେ ଆନନ୍ଦ ଆସିବ। ବନ୍ଧୁ ସାଙ୍ଗେ ଅସହଯୋଗ। ପୁରୁଣା କାର୍ଯ୍ୟରେ ସଫଳତା ଦେଖାଦେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଅଶାନ୍ତି ଦେଖାଦେଇପାରେ। ଦେହ ଭଲ ରହିବ।



**ବୃଷ:** ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ। ଦେହ ଓ ମନରେ ଶାନ୍ତି ରହିବ। ଦେବ ଦର୍ଶନ ସହିତ ପୂଜାର ସୁଯୋଗ ସୃଷ୍ଟି ହେବ। ରୋଜଗାର ଭଲ ହେବ। ଗୃହେ ଆନନ୍ଦ ଲାଭ ହେବ।



**ମିଥୁନ:** ଶରୀର ଅସୁସ୍ଥତା ଦେଖାଦେବ। ମନରେ ଅଶାନ୍ତି ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ କଳହ ଜାତ ହେବ। ପଲାମାନେ ସୁଖୀ ହେବେ। ମହିଳାମାନେ ଗର୍ବୀ ହେବେ।



**କର୍କଟ:** ନୂତନ ଦାୟିତ୍ୱ ହାତକୁ ଆସିପାରେ। ଦୂରକୁ ଯାତ୍ରା କରିପାରନ୍ତି। ଉତ୍ସାହ ବଢ଼ିବ। ବନ୍ଧୁ ମିଳନରେ ଆପ୍ୟାୟିତ ହେବେ। ରୋଜଗାର ବଢ଼ିବ। ଘରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଓ ମନ ଭଲ ରହିବ।




**ସିଂହ:** ଆଜି ଆପଣଙ୍କର ଦିନଟି ସେତେ ଭଲ ନୁହେଁ। ତେଣୁ ସାବଧାନ ସହକାରେ ରହିବେ। କାର୍ଯ୍ୟ ହାନୀ। ଦୁର୍ଘଟଣାର ଶିକାର ହୋଇପାରନ୍ତି। ଖର୍ଚ୍ଚର ମାତ୍ରା ଅଧିକ ହୋଇପାରେ। ଗୃହେ ଅଶାନ୍ତି ଦେଖାଦେଇପାରେ।



**କନ୍ୟା:** ଆପଣ ସବୁ ଦେଖି ଶୁଣି ନିରବ ରହିବା ଭଲ। ଅନ୍ୟଥା କଳହ ଦେଖାଦେଇପାରେ। ବନ୍ଧୁଙ୍କ ଅକାଟ୍ୟ ଯୁକ୍ତି ଗ୍ରହଣ କରି ଖୁସି ହେବେ। ପାରିବାରିକ ଆନନ୍ଦ ଦେଖାଦେବ। ଶରୀର ସୁସ୍ଥ ରହିବ।




**ତୁଳା:** ସତର୍କ ନହେଲେ ଠକାମିର ଶିକାର ହେବେ। କ୍ରୋଧ ବଢ଼ିବ। ଭୁଲାପଣ ଆପଣଙ୍କୁ ବ୍ୟଥିତ କରିବ। ଦ୍ରବ୍ୟ ନଷ୍ଟର ଆଶଙ୍କା। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ଆନନ୍ଦ ଦେଖାଦେବ।




**ବିଛା:** ନିଜର ପ୍ରତିଷ୍ଠାନ ପାଇଁ ଆତ୍ମତୃପ୍ତି ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଯୋଗଦାନ କରି ପ୍ରଶଂସା ଲାଭ କରିବେ। ଆୟରେ ଉନ୍ନତି ହେବ। ପରିବାରରେ ଶ୍ରମ ବଢ଼ିବାର ସୂଚନା। ମନ ଭଲ ରହିବ।



**ଧନୁ:** ଆୟ ଓ ବ୍ୟୟର ପରିମାଣ ସମାନ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପୁରୁଣା କାର୍ଯ୍ୟ ହାତକୁ ଆସିବ। ଆଶାବାଦୀ ହୋଇ କାର୍ଯ୍ୟ କରିବେ। ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା।



**ମକର:** ଦୂରଯାତ୍ରା ସଫଳ ହେବ। ସମସ୍ତ କାର୍ଯ୍ୟରେ ସହଯୋଗ ତଥା ସୌଜନ୍ୟ ଲାଭ ହେବ। ସମସ୍ୟାର ସମାଧାନ ହେବ। ଘରେ ବନ୍ଧୁ ମିଳନର ଯୋଗ ରହୁଛି। ଆୟର ପରିମାଣ ବଢ଼ିବ। ଦେହ ଭଲ ରହିବ।



**କୁମ୍ଭ:** ନିଜର ଲୋକ ଦ୍ୱାରା ପ୍ରତାରିତ ହେବେ। କ୍ରୋଧ ମନରେ ଆସିବ। ତଥାପି ନିଜକୁ ସଂଯତ ରଖିଲେ ଭଲ। ରୋଜଗାର ପୂର୍ବପରି ରହିବ। ପରିବାରରେ ବିରକ୍ତି ପ୍ରକାଶ ପାଇବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।



**ମୀନ:** ଦୂର ସ୍ଥାନରୁ ସମ୍ବାଦ ପ୍ରାପ୍ତି। ମନରେ ଆନନ୍ଦ ଆସିବ। ଦ୍ରବ୍ୟ ଲାଭ ଯୋଗ ରହୁଛି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ହସ ଖୁସି ମିଳିବାର ସୂଚନା। ଉତ୍ତମ ଭୋଜନ ମିଳିବ।

## ଅଙ୍ଗନୱାଡ଼ି କେନ୍ଦ୍ରର ଛାତରୁ ଅତଡ଼ା ଖସି ଦୁଇ ଶିଶୁ ଆହତ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚଟୁ ଅନକା ପଞ୍ଚାୟତ ଅନ୍ତର୍ଗତ କୁର୍ଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଛାତରୁ ଅତଡ଼ା ଖସି ଦୁଇ ଜଣ ଶିଶୁ ଆହତ ହୋଇଛନ୍ତି। ଆହତ ଶିଶୁ ଦ୍ୱୟଙ୍କୁ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ମେଡିକାଲ୍‌କୁ ନିଆଯାଇଥିଲା। ସକାଳେ କେନ୍ଦ୍ର ଚାଲିଥିବା ଘର ଛାତରୁ ଦଲକାଏ ସିମେଣ୍ଟ ଅତଡ଼ା ଖସି ଶିଶୁମାନଙ୍କ ଉପରେ ପଡ଼ିଥିଲା। ଫଳରେ ଗୋଟିଏ ଶିଶୁର ମୁଣ୍ଡ ଓ ଅନ୍ୟ ଶିଶୁର ହାତରେ ଆଘାତ ଲାଗିଥିଲା। ସେମାନଙ୍କୁ ଡ୍ରେସିଂ ପରେ ପିତାମାତାଙ୍କ ଜିମାରେ ଛାଡି ଦିଆଯାଇଥିଲା।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୦୭।୨୦୨୬, ଆଷାଢ଼ ଦ୨୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୪୫ ଚନ୍ଦ୍ରୋଦୟ- ରାଘ ୨।୩୫।୫୨**

ଏକାଦଶୀ ପ୍ରାଘ ୫।୨୪ ଗତେ ଦ୍ୱାଦଶୀ କ୍ଷୟ। **କୃତ୍ତିକା ନକ୍ଷତ୍ର-** ଦିଘ ୧୧।୦୪ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ପ୍ରାଘ ୫।୨୪ ଗତେ ପୋଇ ଓ ମସୁର ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଦିଘ ୧୨।୧୯ ମଧ୍ୟେ। ଦିଘ ୩।୧୦ ଗତେ ଦିଘ ୩।୪୯ ମଧ୍ୟେ। **ପର୍ବୋତ୍ସବ-** ସର୍ବସମ୍ମତ ତ୍ରିସ୍ପୃଶା ଏକାଦଶୀ ଓ ଅଣସର ଏକାଦଶୀ।

32 YEARS
ସମ୍ବାଦ କଳିକା

# ଇଥାନଲ୍ ପେଟ୍ରୋଲ୍‌କୁ ନେଇ ବଢ଼ିଲା ଚିନ୍ତା

ଇଥାନଲ୍ ପେଟ୍ରୋଲ୍‌କୁ ନେଇ ବଢ଼ିଲା ଚିନ୍ତା E-୨୦ ବିବାଦ ପରେ E-୨୫ ନେଇ ବଢ଼ିଲା ସନ୍ଦେହ । ଗାଡ଼ିଚାଳକଙ୍କର ଗାଡ଼ିରେ ମାଇଲେଜ୍ କମିବ ନା ଇଞ୍ଜିନ୍ ବର୍ବାଦ ହେବ । E-୨୫ ଉପରେ କାହିଁକି ଲାଗିଲା ବ୍ରେକ୍ ? ଦେଶରେ ନବେଦିନରେ ମିଶ୍ରିତ ପେଟ୍ରୋଲ୍‌କୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । E-୨୦ ପେଟ୍ରୋଲ୍ ବ୍ୟବହାରକୁ ନେଇ ଇଞ୍ଜିନ୍ କାର୍ଯ୍ୟଦକ୍ଷତା ଓ ମାଇଲେଜ୍ କମିବା ଭଳି ଅଭିଯୋଗ ଉଠିଥିବା ବେଳେ, ଏବେ E-୨୫ ପେଟ୍ରୋଲ୍‌କୁ ନେଇ ନୂଆ ଆଶଙ୍କା ଦେଖାଦେଇଛି । ତେବେ ବିବାଦ ସ୍ଥିତିକୁ ଦେଖି ସରକାର E-୨୫ ଲଞ୍ଚରେ ଶୀଘ୍ରତା ନକରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ରିପୋର୍ଟ ଅନୁସାରେ, E-୨୦ ପେଟ୍ରୋଲ୍‌କୁ ନେଇ ଉଠିଥିବା ସମସ୍ତ ଅଭିଯୋଗ ଓ ପ୍ରଭାବର ସମ୍ପୂର୍ଣ୍ଣ ସମୀକ୍ଷା ପରେ ହିଁ ସରକାର E-୨୫ ପେଟ୍ରୋଲ୍ ଲଞ୍ଚ କରିବେ । ନୂଆ ଗ୍ରେଡ୍ ଇନ୍ଧନରେ ୭୫% ପେଟ୍ରୋଲ୍ ଏବଂ ୨୫% ଇଥାନଲ୍ ରହିବ । ଏପର୍ଯ୍ୟନ୍ତ ଏହାର ଲଞ୍ଚ ତାରିଖ ସରକାର ଘୋଷଣା କରିନାହାନ୍ତି । ସରକାର ୨୨% ରୁ ୩୦% ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଉପରେ ଉତ୍ପାଦ ଶୁଳ୍କ ବାତିଲ୍ କରିଛନ୍ତି । ସେହିପରି, ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ (BIS) ମଧ୍ୟ ଏହି ଗ୍ରେଡ୍ ଇନ୍ଧନ ପାଇଁ ମାନକ ନିର୍ଦ୍ଧାରଣ କରିସାରିଛି । ଏହାରୁ ସ୍ପଷ୍ଟ ହେଉଛି ଯେ E-୨୫ ପାଇଁ ପ୍ରସ୍ତୁତି ପ୍ରାୟ ସରିଛି । ଯେ E-୨୦ ପେଟ୍ରୋଲର ଯାନବାହାନ ଉପରେ ପ୍ରଭାବ ସମ୍ପର୍କରେ ଦାବିଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ ହିଁ ଏକ ନୂତନ ପେଟ୍ରୋଲ ଲଞ୍ଚ କରାଯିବ । E-୨୦ ପେଟ୍ରୋଲ୍ ବ୍ୟବହାର ପରେ ଅନେକ ଯାନମାଲିକ ମାଇଲେଜ୍ କମିବା ଓ ଇଞ୍ଜିନ୍ କାର୍ଯ୍ୟଦକ୍ଷତା ହ୍ରାସ ପାଇବା ନେଇ ଅଭିଯୋଗ କରିଛନ୍ତି । ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଛନ୍ତି । ବିଶେଷଜ୍ଞଙ୍କ ମତରେ ଇଥାନଲ୍‌ର ମୂଲ୍ୟ ପେଟ୍ରୋଲ୍‌ଠାରୁ କମ୍ ଥିବାରୁ କିଛି କାରରେ ମାଇଲେଜ୍ ପ୍ରଭାବିତ ହୋଇପାରେ । ସରକାରୀ ଅଧିକାରୀଙ୍କ କହିବା ଅନୁଯାୟୀ E-୨୦ ପେଟ୍ରୋଲ୍ ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି । ଏବେ, E-୨୫ କାର୍ଯ୍ୟକାରୀ କରିବା ପୂର୍ବରୁ, ଯାନବାହାନ ନିର୍ମାତାଙ୍କ ସହିତ ମଧ୍ୟ ଆଲୋଚନା କରାଯିବ । ପୂର୍ବରୁ ଥିବା ଯାନବାହାନରେ ଏହି ଗ୍ରେଡ୍ ପେଟ୍ରୋଲ୍ ବ୍ୟବହାର କରିବା ପୂର୍ବରୁ, ଏହାକୁ ସମସ୍ତ ଦିଗରୁ ଯାଞ୍ଚ କରାଯିବ । ପ୍ରକୃତରେ, ସରକାର ୨୦୩୦ ସୁଦ୍ଧା ସାରା ଦେଶରେ E-୨୦ ପେଟ୍ରୋଲ୍ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଏହା ୫ ବର୍ଷ ପୂର୍ବରୁ କାର୍ଯ୍ୟକାରୀ କରାଯାଇଛି । ତଥାପି, ଅନେକ ଡ୍ରାଇଭର ଦାବି କରିଛନ୍ତି ଯେ ଏହି ଇନ୍ଧନ ସେମାନଙ୍କ ଯାନବାହାନକୁ କ୍ଷତି ପହଞ୍ଚାଉଛି । ରିପୋର୍ଟରେ କୁହାଯାଇଛି ଯେ ଇଥାନଲ୍ ଏକ କମ୍ କ୍ୟାଲୋରୀ ଇନ୍ଧନ, ଯାହା ଯୋଗୁଁ ଯାନବାହାନର ମାଇଲେଜ୍ ହ୍ରାସ ପାଇଛି ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଧୃତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଅତି ଧୃତ ବହୁତ ଖରାପ । ତୁମେ ଯେତେ ଘୋଡାଇ ହେଲେବି ତୁମର ଧୃତତାକୁ କେହିନା କେହି ଦେଖି ଚାଲିଛି । କେହି ନଦେଖିଲେ ବି ଈଶ୍ୱର ଦେଖୁଛନ୍ତି। ଏହାର କାରଣ ହେଉଛି ମୁର୍ଖତା । ଅନ୍ୟକୁ ହେୟ ଜ୍ଞାନ କରିବା । ଅହଂକାର କରିବା, ଅତିଧୃତ ହିଁ ଅହଂକାର । ତେଣୁ ଦିନେ ନା ଦିନେ ତୁମର ଧୃତ ବା ଚାଲାକ ପଣିଆ ସମାଜର ଆଦୃତ ହେବ । ପ୍ରତ୍ୟେକ ମୁହୂର୍ତ୍ତର କର୍ମ, ପ୍ରତ୍ୟେକ ଦିନର କର୍ମ, ପ୍ରତ୍ୟେକ ମାସର କର୍ମ, ପ୍ରତ୍ୟେକ ବର୍ଷର କର୍ମ ଭିତରେ ତୁମର ଧୃତ ବୁଦ୍ଧିର ପାହାଡ ସାରା ଦେଶ ବା ବିଶ୍ୱରୁ ବ୍ୟାପିଯାଇ ତୁମକୁ ତୁମରି ଫାନ୍ଦରେ ହିଁ ପକାଇ ଲୋକ ଲୋଚନକୁ ଆଣିଦିଏ ତୁମକୁ କର୍ମଫଳ ଯେମିତି ଧୃତରାଷ୍ଟ୍ର ଜଣେ ଏତେ ବଡ ପ୍ରଭାବଶାଳୀ ମହାରାଜା ନିଜର ସଂସାରର ମୋହରେ ପଡି ନିଜର ସଂସାରକୁ ଛାରକାର କରିଦେଲା । ଏହା ହିଁ ସତ୍ୟ, ଯୁଗେ ଯୁଗେ ପ୍ରତିଯୁଗେ ଏହି ସନ୍ଦେଶ ଈଶ୍ୱର ଆମକୁ ଦେଇଚାଲିଛନ୍ତି । କିନ୍ତୁ ତଥାପି ଆମେ ଭୂଲବାଟରେ ଯାଉଛୁ । ଏହାର ତାତ୍ପର୍ଯ୍ୟ ହେ ଭକ୍ତରୂପେ ଭକ୍ତ କି ଶିଷ୍ୟ ହୁଅ ମନାନାହିଁ । କିନ୍ତୁ ତୁମ୍ଭେମାନେ ଅନ୍ୟର ଦୁଃଖକୁ ଦେଖି ପରିହାସ କରନାହିଁ କି ତୁମ ପରିଭକ୍ତକୁ କଷ୍ଟ ଦିଅନାହିଁ । କାୟ, ମନ, ବାକ୍ୟରେ ଆଉ ଯଦି ଦେଉଥାଅ ସେ ନିଆଁରୁ ତୁମକୁ କେହି ରକ୍ଷା କରିପାରିବେନାହିଁ । ତେଣୁ କଥାରେ ଅଛି "ଜୀବଟି ଜଗନ୍ନାଥ ହୋଇ ଅଗ୍ନିଟି ଅନନ୍ତ ଗୋସାଇଁ" ତେଣୁ ସାଧୁ ସାବଧାନ ନଚେତ୍ ଠକିଯିବଟି । ହରି ଓଁ ।

### "ପୂଜା"

ଶ୍ରଦ୍ଧେୟ ଭକ୍ତବୃନ୍ଦ ପୂଜାର ତାତ୍ପର୍ଯ୍ୟ ହେଉଛି "ପୂର୍ଣ୍ଣ ଜାଗ୍ରତ" ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପଣ । ଲୋକ ଦେଖାଣିଆ ନ ହୋଇ ଈଶ୍ୱରଙ୍କ ପାଖରେ କାୟ, ମନ, ବାକ୍ୟକୁ ଅର୍ପଣ କରିବା ହିଁ ସୋହଁ । ସବୁ ସେଇ ସେ ଅର୍ଥ ଈଶ୍ୱର "ଈ" ଏହି ଅକ୍ଷରଟି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅକ୍ଷର ବ୍ରହ୍ମ । ତେଣୁ ଯାହାର ଇଙ୍ଗିତର କୋଟୀ କୋଟୀ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ସଂହାର ତାକୁ ଆମେ କଣ ଦେଇ ପୂଜା କରିପାରିବା । ସେଇଠି କେବଳ ଭାବ, ଭକ୍ତି, ପ୍ରେମର ଭୋଗକୁ, ଉତ୍ସର୍ଗୀକୃତ କରି ପାରିଲେ ଈଶ୍ୱରଙ୍କ ପୂଜାର ଶ୍ରେଷ୍ଠ ଉପହାର ଭକ୍ତର ହୋଇଥାଏ। ଏହାହିଁ ସରଳ ମାର୍ଗ । ତେଣୁ ଭଗବାନ ଶବ୍ଦଟି ହେଉଛି "ଭ" ଭବସଂସାରରୁ ଯେ ତାରଣ କରି ଭକ୍ତକୁ ଯେଉଁ ପ୍ରଭୁ ଶ୍ରେଷ୍ଠ ମାର୍ଗ ପ୍ରଦାନ କରିଥାଆନ୍ତି ସେହିଁ ଭଗବାନ।

"ଗ"ର ଅର୍ଥ ହେଉଛି ବା ଆକାଶ ପରି ଯେ ସର୍ବବ୍ୟାପକ ସେ ହିଁ ଈଶ୍ୱର ବା ଭଗବାନ ତୃତୀୟ ଅକ୍ଷରଟି ହେଲା "ବା" ବାୟୁ ବା ପବନ ରୂପରେ ସକଳ ଜୀବ ଦେହରେ ପ୍ରାଣବାୟୁ ହୋଇ ଜୀବକୁ ଜୀବ ଜଗତରୁ ଯେ ସକଳ ଆନନ୍ଦ ପ୍ରଦାନ କରିଥାଆନ୍ତି ସେ ହିଁ ଭଗବାନ ଚତୁର୍ଥ ଅକ୍ଷରଟି ହେଲା "ନ" ନ ଅକ୍ଷରଟି ହେଲା ନକରାତ୍ମକ ନର୍କରୁ ଭକ୍ତଙ୍କୁ ଉଦ୍ଧାର କରି ନର ନାରାୟଣ ରୂପରେ ଜଗତରୁ ଜୀବକୁ ଶିବ ତତ୍ତ୍ୱ ବା ସ୍ୱହଂ ମନ୍ତ୍ରରେ ଦୀକ୍ଷିତ କରି ସକଳ ପାପ ତାପରୁ ମୁକ୍ତ କରି ପରବ୍ରହ୍ମ ତତ୍ତ୍ୱକୁ ଗୁରୁ ଶିଷ୍ୟ ପରମ୍ପରାରେ ସୁଦୃଢ଼ କରି ଜଗତରେ ସମଭାବର ସମନ୍ୱୟ ସୃଷ୍ଟି କରିଥାଆନ୍ତି । ସେହିଁ ଭଗବାନ, ସେହିଁ ଈଶ୍ୱର, ସେହିଁ ଜଗତଗୁରୁ, ଏହି ଭାବନାରେ ଜୀବ ବ୍ରତୀ ହୋଇ ସକଳ ସେହେ ନାରାୟଣଙ୍କ ଦର୍ଶନ କରିବାହିଁ ପୂଜା । ହରିଓଁ ।

# ଭାରତୀୟ ନାଗରିକତାର ପ୍ରମାଣ: ସରକାର ଦୂର କରନ୍ତୁ ଦେଶବାସୀଙ୍କ ସନ୍ଦେହ



ସୌଜନ୍ୟ କୁମାର ପରିଡା
ବାରୁଅ, କେନ୍ଦ୍ରାପଡ଼ା
ମୋ-୮୨୪୯୯୪୩୨୪୭

'ନାଗରିକତା କେବଳ ଏକ ଆଇନଗତ ପରିଚୟ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ସମ୍ବିଧାନିକ ଅଧିକାର, ସମ୍ମାନ ଓ ରାଷ୍ଟ୍ର ସହ ତାଙ୍କର ସମ୍ପର୍କର ମୂଳ ଆଧାର । ତେଣୁ ନାଗରିକତା ପ୍ରମାଣ ନେଇ କୌଣସି ଅସ୍ପଷ୍ଟତା ରହିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ କେବେ ମଧ୍ୟ ଶୁଭ ସଙ୍କେତ ନୁହେଁ ।'

ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ସମାନ ଅଧିକାର, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କରିଛି । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜି ମଧ୍ୟ ଦେଶର ଅନେକ ସାଧାରଣ ନାଗରିକ ଜାଣିନାହାନ୍ତି ଯେ ଭାରତୀୟ ନାଗରିକତାର ପ୍ରକୃତ ଆଇନଗତ ପ୍ରମାଣ କ'ଣ? କେଉଁ ଦଲିଲକୁ ଅନ୍ତିମ ଭାବେ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରାଯିବ? ଏହି ପ୍ରଶ୍ନ ଆଜି କେବଳ ଆଇନଗତ ନୁହେଁ, ବରଂ ସାମାଜିକ ଓ ଜାତୀୟ ଚର୍ଚ୍ଚାର ବିଷୟ ପାଲଟିଛି ।

ସମୟ ସମୟରେ ନାଗରିକତା ସଂଶୋଧନ ଆଇନ (CAA), ଜାତୀୟ ନାଗରିକ ପଞ୍ଜି (NRC), ଜନଗଣନା, ଭୋଟର ତାଲିକା ସଂଶୋଧନ କିମ୍ବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ଆଲୋଚନା ହେବା ସମୟରେ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୁଏ । କେହି କହନ୍ତି ଆଧାର କାର୍ଡ ହିଁ ନାଗରିକତାର ପ୍ରମାଣ, କେହି କହନ୍ତି ଭୋଟର ପରିଚୟପତ୍ର, ଆଉ କେହି ପାସପୋର୍ଟ କିମ୍ବା ଜନ୍ମ ପ୍ରମାଣପତ୍ରକୁ ଚୂଡ଼ାନ୍ତ ଦଲିଲ ବୋଲି ମନେ କରନ୍ତି । ଏହି ବିଭ୍ରାନ୍ତି ଲୋକଙ୍କ ମନରେ ଭୟ ଓ ଅନିଶ୍ଚିତତା ସୃଷ୍ଟି କରୁଛି ।

ବାସ୍ତବରେ ଭାରତୀୟ ନାଗରିକତା ନାଗରିକତା ଆଇନ, ୧୯୫୫ (Citizenship Act, ୧୯୫୫) ଅନୁଯାୟୀ ନିର୍ଣ୍ଣୟ ହୁଏ । ଏହି ଆଇନରେ ଜନ୍ମ, ବଂଶାନୁକ୍ରମ, ପଞ୍ଜୀକରଣ, ସ୍ୱାଭାବିକୀକରଣ (Naturalisation) ଏବଂ ଭୂଖଣ୍ଡ ମିଶ୍ରଣ ମାଧ୍ୟମରେ ନାଗରିକତା ପ୍ରଦାନର ବ୍ୟବସ୍ଥା ରହିଛି । ଆଇନ ନାଗରିକତା ପ୍ରାପ୍ତିର ଉପାୟ କହିଛି, କିନ୍ତୁ ସମସ୍ତ ଭାରତୀୟଙ୍କ ପାଇଁ ଏକ ମାତ୍ର 'ନାଗରିକତା ପ୍ରମାଣପତ୍ର' ଜାରି କରିବାର ବ୍ୟବସ୍ଥା ନାହିଁ । ଏହି କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଯାଉଛି ।

ଅନେକେ ଆଧାର କାର୍ଡକୁ ନାଗରିକତାର ପ୍ରମାଣ ବୋଲି ଭାବନ୍ତି । କିନ୍ତୁ ଆଧାର ଆଇନ ସ୍ପଷ୍ଟ କହିଛି ଯେ ଆଧାର କେବଳ ପରିଚୟ ଓ ବାସସ୍ଥାନ ସହ ଜଡ଼ିତ ଏକ ଦଲିଲ, ଏହା ନାଗରିକତାର ପ୍ରମାଣ ନୁହେଁ । ସେହିପରି ଭୋଟର ପରିଚୟପତ୍ର ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦର୍ଶନ କରେ, ପାନ୍ କାର୍ଡ କରଦାତାଙ୍କ ପରିଚୟ, ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚଳାଇବାର ଅନୁମତି, ଏବଂ ରାସନ କାର୍ଡ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇଁ ବ୍ୟବହୃତ ହୁଏ । ପାସପୋର୍ଟ ଜାରି କରିବା ସମୟରେ ନାଗରିକତା ସମ୍ବନ୍ଧୀୟ ଯାଞ୍ଚ ହୁଏ, କିନ୍ତୁ ଆଇନର ବ୍ୟବହାରିକ ପ୍ରୟୋଗରେ କେଉଁ ଦଲିଲ କେଉଁ ପରିସ୍ଥିତିରେ ଚୂଡ଼ାନ୍ତ ପ୍ରମାଣ ହେବ, ତାହା ନେଇ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା ନାହିଁ ।

ଏହି ଅସ୍ପଷ୍ଟତାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ଗରିବ, ଗ୍ରାମାଞ୍ଚଳବାସୀ, ବୟସ୍କ ନାଗରିକ, ଆଦିବାସୀ, ପ୍ରାକୃତିକ ବିପର୍ଯ୍ୟୟରେ ଦଲିଲ ହରାଇଥିବା ପରିବାର ଏବଂ ଅଶିକ୍ଷିତ ଲୋକଙ୍କ ଉପରେ । ଅନେକଙ୍କ ପାଖରେ ପୁରୁଣା ଜନ୍ମ ପ୍ରମାଣପତ୍ର ନାହିଁ । ଅନେକ ସ୍ଥାନରେ ପୂର୍ବରୁ ଜନ୍ମ ପଞ୍ଜୀକରଣର ପ୍ରଚଳନ ମଧ୍ୟ ନଥିଲା । ବନ୍ୟା, ବାତ୍ୟା କିମ୍ବା ଅଗ୍ନିକାଣ୍ଡରେ ଦଲିଲ ନଷ୍ଟ ହୋଇଯାଇଥିବା ପରିବାର ମଧ୍ୟ ଅଛନ୍ତି । ଏଭଳି ପରିସ୍ଥିତିରେ ସେମାନେ କିପରି ନିଜ ନାଗରିକତା ପ୍ରମାଣ କରିବେ? ଏହାର ସ୍ପଷ୍ଟ ଉତ୍ତର ସାଧାରଣ ଲୋକଙ୍କ ପାଖରେ ନାହିଁ ।

ଏକ ଗଣତାନ୍ତ୍ରିକ ଦେଶରେ ନାଗରିକମାନେ ନିଜ ଅଧିକାର ଓ ଆଇନଗତ ସ୍ଥିତି ବିଷୟରେ ସ୍ପଷ୍ଟ ଭାବରେ ଜାଣିବା ଉଚିତ । ଏହା ସରକାରଙ୍କ ମଧ୍ୟ ଦାୟିତ୍ୱ ଯେ ସେମାନେ ଲୋକଙ୍କୁ ସରଳ ଭାଷାରେ ଆଇନ ବୁଝାଇବେ । ଆଇନ କେବଳ ଓକିଲ କିମ୍ବା ଅଧିକାରୀଙ୍କ ପାଇଁ ନୁହେଁ, ବରଂ ସାଧାରଣ ଲୋକଙ୍କ ବୁଝିବା ପାଇଁ ମଧ୍ୟ ହେବା ଦରକାର ।

ଆଜି ଦେଶର ଆବଶ୍ୟକତା ହେଉଛି କେନ୍ଦ୍ର ସରକାର ଗୋଟିଏ ସରକାରୀ 'ନାଗରିକତା ସ୍ପଷ୍ଟୀକରଣ ନିର୍ଦ୍ଦେଶିକା' ପ୍ରକାଶ କରନ୍ତୁ । ଏହି ନିର୍ଦ୍ଦେଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହୁ ଯେ କେଉଁ ଦଲିଲ କେବଳ ପରିଚୟ, କେଉଁଟି ବାସସ୍ଥାନର ପ୍ରମାଣ, କେଉଁଟି ଭୋଟଦାନର ଯୋଗ୍ୟତା ପ୍ରମାଣ କରେ ଏବଂ କେଉଁ ଦଲିଲ କିମ୍ବା ଦଲିଲଗୁଡ଼ିକର ସମନ୍ୱୟରେ ନାଗରିକତା ପ୍ରମାଣିତ ହୋଇପାରିବ । ସେହିପରି, ଯେଉଁମାନଙ୍କ ପାଖରେ ପୁରୁଣା ରେକର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ କରାଯାଉ ।

ଏହି ନିର୍ଦ୍ଦେଶିକାକୁ ସମସ୍ତ ଭାରତୀୟ ଭାଷାରେ ପ୍ରକାଶ କରାଯିବା ସହ ଗ୍ରାମ ପଞ୍ଚାୟତ, ବ୍ଲକ, ତହସିଲ, ଜିଲ୍ଲା କାର୍ଯ୍ୟାଳୟ, ସ୍କୁଲ, କଲେଜ ଏବଂ ଡିଜିଟାଲ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଯିବା ଆବଶ୍ୟକ । ଏହା ଦ୍ୱାରା ଗୁଜବ, ଭୁଲ ତଥ୍ୟ ଓ ଅନାବଶ୍ୟକ ଭୟର ଅବସାନ ଘଟିବ । ସରକାର ଯଦି ଚାହାନ୍ତି, ତେବେ ଏକ ସ୍ୱେଚ୍ଛାକୃତ 'ନାଗରିକତା ପ୍ରମାଣପତ୍ର' ବ୍ୟବସ୍ଥା ମଧ୍ୟ ବିଚାର କରିପାରନ୍ତି, ଯାହା ପାଇଁ ଆଇନସମ୍ମତ ଯାଞ୍ଚ ପରେ ଇଚ୍ଛୁକ ନାଗରିକମାନେ ଆବେଦନ କରିପାରିବେ । ଏହା କୌଣସି ବାଧ୍ୟତାମୂଳକ ପ୍ରକ୍ରିୟା ନୁହେଁ, ବରଂ ଭବିଷ୍ୟତରେ ନାଗରିକଙ୍କ ସୁବିଧା ପାଇଁ ଏକ ବିକଳ୍ପ ହୋଇପାରେ । ଆମର ଉଦ୍ଦେଶ୍ୟ କୌଣସି ରାଜନୈତିକ ବିତର୍କ ସୃଷ୍ଟି କରିବା ନୁହେଁ । ଏହା ଏକ ସାଧାରଣ ନାଗରିକଙ୍କ ନ୍ୟାୟସଙ୍ଗତ ପ୍ରଶ୍ନ । ଯେତେବେଳେ ଜଣେ ଭାରତୀୟ ନିଜ ଦେଶର ନାଗରିକ, ସେତେବେଳେ ସେ ନିଶ୍ଚିତ ଭାବେ ଜାଣିବାର ଅଧିକାର ରଖନ୍ତି ଯେ ଆଇନ ଅନୁଯାୟୀ ତାଙ୍କ ନାଗରିକତାର ପ୍ରମାଣ କ'ଣ । ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନରେ ନୁହେଁ, ବରଂ ନାଗରିକଙ୍କ ବିଶ୍ୱାସରେ ନିହିତ । ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ଯେତେ ସୁଦୃଢ଼ ହେବ, ଦେଶ ସେତେ ଶକ୍ତିଶାଳୀ ହେବ । ସେହି ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ନାଗରିକତା ଭଳି ସମ୍ବେଦନଶୀଳ ବିଷୟରେ ସ୍ପଷ୍ଟ, ସରଳ ଓ ସର୍ବସାଧାରଣଙ୍କ ପାଇଁ ବୋଧଗମ୍ୟ ସରକାରୀ ମାର୍ଗଦର୍ଶିକା ଜାରି କରିବା ଆଜିର ସମୟର ଆବଶ୍ୟକତା ।

ନାଗରିକତା ଉପରେ ସ୍ପଷ୍ଟତା କେବଳ ଆଇନର ପ୍ରଶ୍ନ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ଅଧିକାର ସହ ଜଡ଼ିତ । ସେଥିପାଇଁ କେନ୍ଦ୍ର ସରକାର ଏହି ବିଷୟରେ ଯଥାଶୀଘ୍ର ଏକ ସ୍ପଷ୍ଟ ଓ ପ୍ରାମାଣିକ ନିର୍ଦ୍ଦେଶିକା ପ୍ରକାଶ କରନ୍ତୁ । ଏହା ଦ୍ୱାରା ଦେଶବାସୀଙ୍କ ମନରେ ଥିବା ସନ୍ଦେହ ଦୂର ହେବ, ଭ୍ରାନ୍ତିର ଅବସାନ ଘଟିବ ଏବଂ ଗଣତନ୍ତ୍ର ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ ।

# ଜୀବନ ଏକ ଅଦ୍ଭୁତ ଅନୁଭବ– ୨



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ଦିନ ରାତି ମନ ଭିତରେ ଉଦ୍‌ବେଳିତ କରୁଥିବା ଚିନ୍ତନର ଦାବାନଳକୁ ସାମୟିକ ଭାବେ ପ୍ରଶମିତ କରି ଦେବା ପାଇଁ ସେ ଚାଲି ଯାନ୍ତି ସମୁଦ୍ର କୂଳରେ ଜମା ହୋଇ ରହିଥିବା ବାଲି ସ୍ତୁପ ଉପରକୁ । ସମୁଦ୍ର ପାଦ ଦେଶରେ ତରଙ୍ଗାୟିତ ଭଳି ଦୃଶ୍ୟମାନ ହେଉଥିବା ବାଲିସ୍ତୁପ ଗୁଡାକ ତାଙ୍କ ମନରେ ବିଚିତ୍ର ବର୍ଣ୍ଣବିଭା ସୃଷ୍ଟି କରେ । ସମ୍ମୁଖରେ ନୀଳ ସମୁଦ୍ରର ମନୋରମ ଆକର୍ଷଣ ଆଉ ଉପରେ ଅନନ୍ତ ଆକାଶର ପ୍ରଶାନ୍ତି ତାଙ୍କୁ ମୁଗ୍ଧ କରିଦିଏ । ଅନେକ ସମୟ ପର୍ଯ୍ୟନ୍ତ ସେହି ସମୁଦ୍ର କୂଳରେ ନିଜର ଜୀବନକୁ ସମୀକ୍ଷା ପୂର୍ବକ ଆନନ୍ଦରେ ଉପଭୋଗ କରି ପୁନର୍ବାର ଫେରି ଆସନ୍ତି ଓକ୍ ପାର୍କର ଜନପଦକୁ ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସେ ସେନାବାହିନୀରେ ଯୋଗ ଦେବା ପାଇଁ ବିଶେଷ ଆଗ୍ରହୀ ଥିଲେ ମଧ୍ୟ ଦୁର୍ବଳ ଦୃଷ୍ଟି ଶକ୍ତି ଯୋଗୁଁ ସେନାବାହିନୀରେ ଯୋଗ ଦେଇ ପାରିଲେ ନାହିଁ । ଶେଷରେ ରେଡକ୍ରସ୍ ସଂସ୍ଥାର ଆମ୍ବୁଲାନ୍‌ସ ଚାଳକ ଭାବେ ଜନ ସେବା ଆରମ୍ଭ କଲେ । ଏହିପରି କିଛି ଦିନ କାଟିବା ପରେ ୧୯୨୦ ମସିହା ବେଳକୁ ସେ ଓକ୍ ପାର୍କକୁ ଫେରି ଆସି ଉପନ୍ୟାସ ଲେଖିବା ପାଇଁ ମନୋନିବେଶ କଲେ। ଜୀବନର ତାରୁଣ୍ୟ ତାଙ୍କୁ ଭିନ୍ନ ମୋଡରେ ପହଞ୍ଚାଇ ଦେଉଥିଲା । ସେ ଅନୁଭବ କଲେ ସତେ ଯେପରି ସମାଜର ବ୍ୟବସ୍ଥାକୁ ଦେଖି ତାଙ୍କ ହୃଦୟରେ ଉଦ୍‌ବେଳିତ ହେଉଥିବା କଠୋର ଓ ଶାଣିତ ଶବ୍ଦ ଗୁଡାକ ନିଷ୍ପ୍ରଭ ହୋଇଯାଉଥିଲା । ଏହି ଦ୍ୱନ୍ଦ୍ୱ ତାଙ୍କ ମନକୁ ବାରମ୍ବାର କ୍ଷତାକ୍ତ କରୁଥିଲେ ବି ତାହାକୁ ପ୍ରକାଶ କରିବା ପାଇଁ ଯେଉଁ ଦୁର୍ବାର ସାହସ ଆବଶ୍ୟକ ହେଉଥିଲା, ତାହାକୁ ଚରିତାର୍ଥ କରିବା ପାଇଁ ତତ୍କାଳୀନ ଆମେରିକାର ଦୁଇଟି ପ୍ରସିଦ୍ଧ ପତ୍ରିକା କମ୍ପାନୀ ସାହାଯ୍ୟ କରିଥିଲେ । ଟରେଣ୍ଟୋଷ୍ଟାର ଓ ଚିକାଗୋ ଟ୍ରିବ୍ୟୁନ ପତ୍ରିକାରେ ଚାକିରି କଲେ ଓ ମାତ୍ର ସାତଦିନ ମଧ୍ୟରେ ତାଙ୍କର ପ୍ରଥମ ବ୍ୟଙ୍ଗାତ୍ମକ ଉପନ୍ୟାସ ଓ ଟୋରେଣ୍ଟୋସ ଅବସ୍ଥିଂକୁ ପ୍ରକାଶ କଲେ । ଏହି ପ୍ରଥମ ପ୍ରକାଶିତ ପୁସ୍ତକର ସମୟ ଥିଲା ୧୯୨୪ ମସିହା । ଏହାପରେ ତାଙ୍କ ଲେଖନୀରୁ ଜନ୍ମଲାଭ କଲା ଅନେକ ସଫଳ ଉପନ୍ୟାସ । ଯାହାକି ତତ୍କାଳୀନ। ମେରିକାରେ ଗୋଟାଏ ସୁଦୁର ପ୍ରସାରୀ ସାଂସ୍କୃତିକ ବିପ୍ଳବର ସୂତ୍ରପାତ କଲା । ତାଙ୍କ ରଚିତ ଉପନ୍ୟାସ ମଧ୍ୟରେ ପ୍ରତିଟି ହୃଦୟକୁ ସ୍ତବ୍ଧ କରିଦେବା ଭଳି ଏକ ଉପନ୍ୟାସ ହେଲା "ଦ ସନ୍ ଅଲ୍‌ସୋ ରାଇଜେସ୍" "ମେନ୍ ୱିଦାଉଟ୍ ଓମେନ"। ପ୍ରଥମ ପତ୍ନୀ ରିଚାର୍ଡସନ୍‌ଙ୍କ ସହିତ ବିବାହ ବିଛେଦ ପରେ ହେମିଂୱେ ପ୍ରସିଦ୍ଧିର ଶୀର୍ଷ ସ୍ଥାନରେ ପହଞ୍ଚିଥିବା ପତ୍ରିକା ବୋଗ୍‌ର ଲେଖିକା ପାଓଲିନ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ବିବାହ ପରେ ତାଙ୍କ ଜୀବନ ପୁନର୍ବାର ନାଟକୀୟ ଢଙ୍ଗରେ ଗମ୍ଭୀର ଅଶୃପାତ ଆଡକୁ ଅଗ୍ରସର ହେବାକୁ ଲାଗିଲେ, ଯାହାକି ଗୋଟାଏ ଦୁର୍ଭାଗ୍ୟ ଯେପରି ଗ୍ରାସ କଲାଭଳି ସେ ଅନୁଭବ କଲେ । ବିପର୍ଯ୍ୟୟର ହୃଦୟ ବିଦାରକ ସଂଘାତ ଆରମ୍ଭ ହୁଏ ତାଙ୍କ ଜନ୍ମଦାତା ପିତାଙ୍କ ଠାରୁ । ୧୯୨୯ରେ ଅସୁସ୍ଥ ପିତା କଲାଭେଁସ୍ ନିଜକୁ ନିଜେ ଗୁଳି କରି ଆତ୍ମହତ୍ୟା କଲେ । ଏହି ବୀଭତ୍ସ ଲୋମଟାଙ୍କୁରା ଦୃଶ୍ୟ ତାଙ୍କ ମନକୁ ଏପରି କ୍ଷତାକ୍ତ କରିଦେଲାଯେ, ସତେଯେପରି ଆଉ କ୍ଷଣଟିଏ ଏ ପୃଥିବୀ ଉପରେ ବଞ୍ଚିରହିବାକୁ ଇଚ୍ଛା କଲେନାହିଁ। ଯେଉଁ ବ୍ୟକ୍ତିମାନେ ତାଙ୍କ ସହିତ ଆତ୍ମୀୟତାର ସୂତ୍ରରେ ବାନ୍ଧି ହୋଇ ସେମାନଙ୍କର ବହୁ ଅନୁରୋଧ ପରେ ହେମିଂୱେ ବଞ୍ଚିରହିଲେ ବି ପ୍ରତ୍ୟେକ ଦିନ ପିତାଙ୍କର ସେହି ମୃତ୍ୟୁର ବୀଭତ୍ସ ଦୃଶ୍ୟକୁ ସ୍ମରଣ କରି ତାଙ୍କ ହୃଦୟରୁ ବହିବାରେ ଲାଗିଲା ଅବାରିତ ଅଶୃପାତ। ଯାହାକୁ ସେ ଯେତେ ଚେଷ୍ଟା କଲେ ବି ଭୁଲି ପାରିଲେ ନାହିଁ । ପିତାଙ୍କର ଏହି ହୃଦୟ ବିଦାରକ ଦେହାନ୍ତକୁ ଆଧାର କରି ସେ ଲେଖିଲେ ଏକ କାଳଜୟୀ ଉପନ୍ୟାସ "ଏ ଫେୟାର ୱେଲ ଟୁ ଆର୍ମସ"। ଏହି ଘଟଣା ଉପରେ ହେମିଂୱେ ଲେଖିଛନ୍ତି । ଯେଉଁ କଥାଟି ମୋତେ ବହୁବିଧ ଦ୍ୱନ୍ଦ୍ୱରେ ପକାଏ, ତାହା ହେଉଛି ମୁଁ ମୋ ବାପାଙ୍କ ପାଖକୁ ଏକ ଚିଠି ଲେଖିଥିଲି । ସେ ଚିଠିଟି ତାଙ୍କ ମୃତ୍ୟୁ ବେଳକୁ ଟେବୁଲ ଉପରେ ସେମିତି ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିଲା । ଯେଉଁ ଦିନକି ବାପା ମୋର ନିଜକୁ ନିଜେ ଗୁଳି କରି ପ୍ରାଣତ୍ୟାଗ କଲେ । ମୁଁ ଆଜିବି ନିଶ୍ଚିତ ଯେ ମୋ ବାପା ସେ ଚିଠିଟିକୁ ଯଦି ଥରୁଟିଏ ଖୋଲି ପଢିଥାନ୍ତେ ତେବେ ସେ କେବେହେଲେ ଆତ୍ମହତ୍ୟା କରିନଥାନ୍ତେ। ପିତୃ ବିଛେଦ ଦ୍ୱାରା ଅତିଶୟ ମାର୍ମିକ ସଂଘାତରେ ହୃଦୟରୁ ଦୁଃଖଦ ଅଶୃପାତ ଅନବରତ ବହି ଚାଲିବାର କିଛିଦିନ ପରେ ସେ ଏକ ମର୍ମାହତ ଘଟଣାକୁ ଉଦ୍ଧାର କରି ଲେଖିଛନ୍ତି । (କ୍ରମଶଃ)

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିରାମ ଓ ଏହାର ଭବିଷ୍ୟତ



ଡାକ୍ତର ରାଜକିଶୋର ପଣ୍ଡା
ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ ନଂ- ୮୧୪୪୦୪୨୯୯୭

ପ୍ରବନ୍ଧଟିକୁ ଲେଖିବା ବେଳକୁ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେବାପରେ, ଦୀର୍ଘକାଳୀନ ଶାନ୍ତି ସ୍ଥାପନା କରିବା ଉଦ୍ଦେଶ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ କାତାର୍‌ର ଦୋହାଠାରେ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି ।

ତେବେ ଏଠାରେ ପ୍ରଶ୍ନ ଉଠୁଛି କି, ଜୁନ୍ ୧୭ ତାରିଖରେ ଫ୍ରାନ୍ସର ଐତିହାସିକ ଭର୍ସାଲିସ୍ ଦୁର୍ଗଠାରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଶାନ୍ତି ଚୁକ୍ତି ଫଳପ୍ରଦ ହେବ ନା, ଏହା ଏକ ସାମୟିକ ଶାନ୍ତିର ବିରତି ଭାବରେ କାର୍ଯ୍ୟ କରି ପୁଣିଥରେ ଯୁଦ୍ଧକୁ ବାଟ କଢ଼ାଇ ନେବ?

ପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ କି, ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ନା ଇରାନକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିପାରିଲେ ନା, ସେଠାରେ କ୍ଷମତାର ବା ସତ୍ତାର ପରିବର୍ତ୍ତନ ଆଣିପାରିଲେ, ଯଦିଓ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମିନୀଙ୍କର ମୃତ୍ୟୁ ଘଟିଲା, ଫେବୃୟାରୀ ଅଠେଇଶି ତାରିଖରେ ଇସ୍ରାଏଲୀ ବିମାନ ଆକ୍ରମଣ ଦ୍ୱାରା ।

ଦ୍ୱିତୀୟରେ ଚୁକ୍ତି ଅନୁଯାୟୀ ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ ୩୦ ଦିନ ପାଇଁ ଖୋଲାଯିବ। ଏହି ସମୟସୀମା ଭିତରେ ଇରାନ ହୋରମୁଜ୍‌ର ମୁଖ୍ୟ ପରିବହନ ମାର୍ଗରେ ବିଛାଇଥିବା ମାଇନ୍‌ସ୍‌କୁ ଅପସାରଣ କରିବ ଓ ଆମେରିକା ମଧ୍ୟ ସେଠାରେ ନିଜର ଅବରୋଧ ବ୍ୟବସ୍ଥାକୁ ହଟାଇବ।

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକାର ଚିନ୍ତା ଯଦିଓ ଅବ୍ୟାହତ ରହିଛି, ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ଓ କୌଣସି ନିର୍ଣ୍ଣାୟକ ସମାଧାନରେ ପହଞ୍ଚିବା ପାଇଁ ଷାଠିଏ ଦିନ ସମୟସୀମା ଧାର୍ଯ୍ୟ କରାଯାଇଅଛି । ବାଲିଷ୍ଟିକ୍ ମିସାଇଲ ରଖିବା ପାଇଁ ଏ ମଧ୍ୟରେ ଇରାନକୁ ଅନୁମତି ମିଳିଛି, କାରଣ ଟ୍ରମ୍ପଙ୍କ ବିଚାର ଅନୁଯାୟୀ ଯଦି ଅନ୍ୟ ଦେଶ ଯେପରିକି ସାଉଦି ଆରବ ଓ କାତାର ଆଦି ବାଲିଷ୍ଟିକ୍ ରଖିପାରୁଛନ୍ତି, ତେବେ ଇରାନ୍ କାହିଁକି ନୁହେଁ?

ଗୁରୁତ୍ୱପୂର୍ଣ୍ଣ ଏହା ଯେ ଆମେରିକା, ଇରାନକୁ ପାଖାପାଖି ତିନିଶହ ବିଲିଅନ୍ ଡଲାର ଅର୍ଥ ସହାୟତା କରିବା ପାଇଁ ଘୋଷଣା କରିଛି । ପ୍ରଦାନ କରାଯାଉଥିବା ଅର୍ଥ ଯୁଦ୍ଧ ବିପର୍ଯ୍ୟସ୍ତ ଇରାନର ପୁନଃନିର୍ମାଣରେ ବିନିଯୋଗ କରାଯିବ । ଫ୍ରାନ୍ସରେ ଚାଲିଥିବା ଜି-୩ ଶିଖର ସମ୍ମିଳନୀ ମଧ୍ୟରେ ଆମେରିକାର ଗୁପ୍ତଚର ସଂସ୍ଥା ତରଫରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ଅନୁସାରେ ତୈଳ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ହୋର୍ମୁଜ୍‌କୁ ଇରାନ୍ ଯଦି ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ ଏହାର ଫଳାଫଳ ଗୋଟିଏ ପରମାଣୁ ବୋମାଠାରୁ ମଧ୍ୟ ଅଧିକ ବିପଜ୍ଜନକ ହେବ । ଏହାକୁ ବିଶ୍ଳେଷକମାନେ ଇରାନର "ଆର୍ଥିକ ପରମାଣୁ ଅସ୍ତ୍ର" ବୋଲି କହିଛନ୍ତି । ଉପରୋକ୍ତ ରିପୋର୍ଟଟି ଆହୁରି ମଧ୍ୟ ଦର୍ଶାଇଛି ଯେ, ସାମ୍ପ୍ରତିକ ସଂଘର୍ଷ ସତ୍ତ୍ୱେ, ଇରାନର ସାମରିକ ଶକ୍ତି ଦୁର୍ବଳ ହୋଇନାହିଁ ବରଂ ଏହା ଆହୁରି ଅଧିକ ବୃଦ୍ଧି ପାଇଛି । ଭବିଷ୍ୟତ ନିମନ୍ତେ ତେହେରାନ୍ ବିପୁଳ ପରିମାଣର କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଡ୍ରୋନ୍ ଆଦି ମହଜୁଦ୍ କରି ରଖିଛି ।

ତେଣୁ ହୋର୍ମୁଜ୍ ଉପରେ ଏହାର ନିୟନ୍ତ୍ରଣ, ନିଜର ଶକ୍ତିଶାଳୀ ବାଲିଷ୍ଟିକ ମିସାଇଲ ଓ ଆନ୍ତର୍ଜାତିକ ତୈଳ ବଜାରକୁ ଅବାରିତ ପ୍ରତ୍ୟାବର୍ତ୍ତନ ଆଦି ବର୍ତ୍ତମାନ ସମୟରେ ଇରାନକୁ ସବୁଠାରୁ ଶକ୍ତିଶାଳୀ ପଶ୍ଚିମ ଏସୀୟ ରାଷ୍ଟ୍ରରେ ପରିଣତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ମଧ୍ୟ ଇଙ୍ଗିତ କରୁଛି କି ମାସାଧିକ କାଳ ଧ୍ୱଂସଲୀଳା ଓ ବୈଶ୍ୱିକ ଅର୍ଥନୀତିକୁ ରସାତଳକୁ ନେବା ପରେ, ମଧ୍ୟପ୍ରାଚ୍ୟ ସଂଗ୍ରାମ ହେଉଛି ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱର ସବୁଠାରୁ ବୃହତ୍ ବୈଦେଶିକନୀତି ସମ୍ପର୍କିତ ବିଫଳତା।

ଏହି ବିଫଳତା ପରବର୍ତ୍ତୀ ସମୟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର କୂଟନୀତି ପ୍ରତି ନିହାତି ଭାବରେ ଯେ ଗମ୍ଭୀର ସମସ୍ୟା ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ଇରାନ ପରି ଦୁର୍ବଳ ରାଷ୍ଟ୍ର ବିରୋଧରେ ବିପୁଳ ବିଜୟ ହାସଲ କରିବାରେ ଆମେରିକାର ଅସାମର୍ଥ୍ୟ, ମଧ୍ୟପ୍ରାଚ୍ୟର ଅନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟିରେ ଏହାର ସ୍ଥାନକୁ ନିମ୍ନଗାମୀ କରିଛି । ଏହାଦ୍ୱାରା ଅନ୍ୟଦେଶମାନଙ୍କର ଆମେରିକା ଉପରେ ନିର୍ଭରଶୀଳତା ଆସନ୍ତା ସମୟରେ ହ୍ରାସ ପାଇବ। ଟ୍ରମ୍ପ ଏହି ଯୁଦ୍ଧରେ ନିଜର ମୁଖ୍ୟ ସହଯୋଗୀ ଇସ୍ରାଏଲ ସହ ମଧ୍ୟ ବିଶ୍ୱାସଘାତକତା କରିବା ରାସ୍ତାରେ ଅଛନ୍ତି । ସେ ତେଲ୍ ଅଭିଭ୍ ଉପରେ ଏଇଥିପାଇଁ ଚାପ ପ୍ରୟୋଗ କରିଥିଲେ କି, ନେତ୍ୟାନାହୁ ଲେବାନନ୍‌ର ଆତଙ୍କବାଦୀ ଗୋଷ୍ଠୀ ହେଜ୍‌ବୁଲ୍ଲା ଉପରେ ଆକ୍ରମଣ ବନ୍ଦ କରନ୍ତୁ । ଇସ୍ରାଏଲ୍‌ରେ ଆଗାମୀ ଅକ୍ଟୋବରରେ ହେବାକୁ ଯାଉଥିବା ନିର୍ବାଚନରେ ଇରାନ ଯୁଦ୍ଧର ବିଫଳତା ନେତ୍ୟାନାହୁଙ୍କୁ ମହଙ୍ଗା ପଡ଼ିପାରେ ।

ଏହା ମଧ୍ୟରେ ଇସ୍ରାଏଲର ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି କି, ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ନେଇ ଇରାନ୍‌ର ପ୍ରତିଶ୍ରୁତିକୁ କେତେ ଦୂର ବିଶ୍ୱାସ କରାଯାଇପାରିବ, ଯେବେ କି ଏହି ହେତୁ ହିଁ ଆମେରିକା ଅତୀତରେ ଇରାନ୍ ଉପରେ ଲଗାଇଥିବା ବିଭିନ୍ନ ଅର୍ଥନୈତିକ କଟକଣାକୁ ଏ ମଧ୍ୟରେ ପ୍ରତ୍ୟାହାର କରି ସାରିଲାଣି । ଏହି ଶାନ୍ତି ଚୁକ୍ତିର ସିଧାସଳଖ ପ୍ରଭାବ ଆନ୍ତର୍ଜାତିକ ସ୍ତରରେ ତୈଳଦର ଉପରେ ପଡ଼ିଛି । ତେବେ ଦେଖିବାର କଥା ହେଉଛି କି ତୈଳଦର ଯୁଦ୍ଧ ପୂର୍ବରୁ ଯେତିକି ଥିଲା, ସେତିକିରେ ପହଞ୍ଚୁଛି ନା ନାହିଁ ।

ଏହି ଯୁଦ୍ଧରେ ଗୋଟିଏ ଉଲ୍ଲେଖନୀୟ କଥା ଦେଖିବାକୁ ମିଳିଲା । ତାହା ହେଉଛି ପ୍ରଥମ ଥର ପାଇଁ ଇସ୍ରାଏଲ ପରି ଇରାନ ମଧ୍ୟ ଏହାର ସୀମା ବାହାରକୁ ମିଶାଇଲ ଆକ୍ରମଣ କରିବା । ଇସ୍ରାଏଲର ହେଜ୍‌ବୋଲ୍ଲା ଟାର୍ଗେଟ ଉପରେ ଆକ୍ରମଣର ଜବାବ୍ ଦେବାକୁ ଯାଇ ଇରାନ୍ ଏପରି ପଦକ୍ଷେପ ନେଇଛି । ଆଗାମୀ ସମୟରେ ଇରାନ ଇସ୍ରାଏଲ ସମ୍ପର୍କରେ ଏହି ମିଶାଇଲ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ତଥାକଥିତ ଶାନ୍ତିଚୁକ୍ତି, ସେଇ ଆମେରିକୀୟମାନଙ୍କ ସକାଶେ ମଧ୍ୟ ଧକ୍କା ସଦୃଶ ହୋଇଛି ଯେଉଁମାନେ ଏହି ଯୁଦ୍ଧକୁ ଆରମ୍ଭରୁ ସମର୍ଥନ କରି ଆସୁଥିଲେ । ଏମାନଙ୍କ ମଧ୍ୟରେ ଟ୍ରମ୍ପଙ୍କର ମାଗା (Make Aamerica Great Again) ସମର୍ଥକ ଗୋଷ୍ଠୀ ଅନ୍ୟତମ, ଯେଉଁମାନଙ୍କର ମତ ଅନୁସାରେ ବିଗତ ୪୭ବର୍ଷ ଧରି ଆମେରିକା ବିରୋଧରେ ଦଣ୍ଡାୟମାନ ଇରାନ୍ ବର୍ତ୍ତମାନ ଦେଶର ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ବିପଦରେ ପରିଣତ ହୋଇଛି । ସେମାନଙ୍କର ଏହି ଭୟକୁ ଯୁଦ୍ଧ ବିରାମ ନା ସମାପ୍ତ କରିଛି ନା ହ୍ରାସ କରିଛି ବରଂ ଇରାନର ପରମାଣୁ କାର୍ଯ୍ୟକ୍ରମର ଭବିଷ୍ୟତ ବର୍ତ୍ତମାନ ସମୟରେ ଅନିଶ୍ଚିତତାର ଘେରରେ । ଏହା ମଧ୍ୟ ହୋଇପାରେ କି ଇରାନ୍ ପରମାଣୁ ପ୍ରସଙ୍ଗରେ କଥାବାର୍ତ୍ତାକୁ ବିଳମ୍ବିତ କରାଇବ, ଯେଉଁ ପର୍ଯ୍ୟନ୍ତ ଟ୍ରମ୍ପ ପଦରୁ ହଟି ନାହାନ୍ତି ।

ଯଦି ଇରାନ୍‌କୁ ହୋର୍ମୁଜ୍ ଦେଇ ଯାଉଥିବା ଜାହାଜମାନଙ୍କଠାରୁ ଶୁଳ୍କ ଆଦାୟ କରିବା ପାଇଁ ଅନୁମତି ଦିଆଯାଏ, ତାହାହେଲେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରର ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପଥରେ ଅଗ୍ରସର ହେବେ । ଆହୁରି ମଧ୍ୟ ସଂପୃକ୍ତ ଅଞ୍ଚଳରେ ଇରାନର ଆର୍ଥିକ ଓ ରଣନୈତିକ ସାମର୍ଥ୍ୟରେ ବୃଦ୍ଧି ଘଟିବ ଯାହାକି ଯୁଦ୍ଧ ପୂର୍ବରୁ ତାହା ପାଖରେ ନଥିଲା । ଯଦି ଭବିଷ୍ୟତରେ ଶାନ୍ତି ଆଲୋଚନା ବିଫଳ ହୁଏ ଓ ଇରାନ ହୋରମୁଜ୍‌କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଏ, ତାହାହେଲେ ବିଭିନ୍ନ ଦେଶ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରିବା ହ୍ରାସ କରି ଚୀନ୍ ପ୍ରସ୍ତୁତ ସୋଲାର ପ୍ୟାନେଲ୍, ବୈଦ୍ୟୁତିକ ବାହନର ବହୁଳ ବ୍ୟବହାର କରିବାକୁ ବାଧ ହେବେ । ଏହାର ଅର୍ଥ ହେବ କି, ଗୋଟିଏ ନିର୍ଭରଶୀଳତାକୁ ତ୍ୟାଗ କରି ଆଉ ଗୋଟିଏ ନିର୍ଭରଶୀଳତାକୁ ଆପଣାଇବା । ବିଗତ ବର୍ଷ ରେୟାର୍ ଆର୍ଥ ମିନେରାଲ୍‌ସର ରପ୍ତାନୀ ଉପରେ ଚୀନ ଲଗାଇଥିବା ପ୍ରତିବନ୍ଧକ ସମଗ୍ର ବିଶ୍ୱକୁ ଦେଖାଇଦେଇଥିଲା କି, ବୈଶ୍ୱିକ ଆମଦାନୀ-ରପ୍ତାନୀ ବ୍ୟବସ୍ଥାରେ ବିଭିନ୍ନ ଚୋକ୍‌ପଏଣ୍ଟ (ସ୍ଥାନ ବିଶେଷ)ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ଇରାନ ମଧ୍ୟ ପ୍ରମାଣିତ କରିଦେଲା କି ହୋର୍ମୁଜକୁ ବନ୍ଦ କରି, ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସୈନ୍ୟ ବ୍ୟବସ୍ଥାକୁ ପଛକୁ ହଟିବା ପାଇଁ ସେ ବାଧ କରିପାରିଲା । ଯେଉଁ ଦେଶମାନଙ୍କର ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ ଉପରେ ନିୟନ୍ତ୍ରଣ ଅଛି, ସେମାନେ ଇରାନ ଭଳି ସଂପୃକ୍ତ ମାର୍ଗକୁ ବନ୍ଦ କରି ଭବିଷ୍ୟତରେ ନିଜର ସ୍ୱାର୍ଥ ସିଦ୍ଧି କରିପାରନ୍ତି ଏବଂ ଅତୀତରେ ମଧ୍ୟ ଏହା ହୋଇ ଆସିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମୁଦ୍ରିକ ବାଣିଜ୍ୟ ଅବାରିତ ଓ ବାଧାହୀନ ଭାବରେ ହେବାର ମୁଖ୍ୟ କାରଣ ହେଉଛି ଯୁକ୍ତରାଷ୍ଟ୍ରର ନୌବାହିନୀ ଜନିତ ସୁରକ୍ଷା ପ୍ରଦାନ । ମଧ୍ୟପ୍ରାଚ୍ୟ ସଙ୍କଟ ପରେ କିନ୍ତୁ ଆମେରିକାର ଶକ୍ତି ଓ ସାମର୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିକଟ ଅତୀତରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଏକ ବିବୃତି ଦେଇଥିଲେ କି, ପୂର୍ବ ଏସିଆର ସତୁରୀ ପ୍ରତିଶତ ଶକ୍ତି ଆବଶ୍ୟକତା ତାଙ୍କ ଦେଶର ନିୟନ୍ତ୍ରଣରେ ଥିବା ମଲକ୍‌କା ଷ୍ଟ୍ରେଟ୍ ଦେଇ ପରିବାହିତ ହେଉଛି । ଯଦିଓ ସେ ଏଭଳି ବିବୃତି ଦେବାର କିଛି ସମୟ ପରେ ଇଣ୍ଡୋନେସିଆର ବାଣିଜ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଥିଲା କି ମଲକ୍‌କାରେ ଶୁଳ୍କ ଆଦାୟ କରିବା ପାଇଁ କୌଣସି ଯୋଜନା ନାହିଁ, ରାଷ୍ଟ୍ରପତିଙ୍କ ବିବୃତିକୁ କିନ୍ତୁ ହାଲୁକା ଭାବରେ ନେଇହେବ ନାହିଁ । ଏହି ଧାରାରେ ଆଗକୁ ଚୀନ, ତାଇୱାନ୍ ପାର୍ଶ୍ୱରେ ବାଣିଜ୍ୟିକ ଜାହାଜର ନିୟନ୍ତ୍ରଣ ଓ ରୁଷ୍ ସାମୁଦ୍ରିକ ଇଣ୍ଟରନେଟ୍ କେବୁଲକୁ ନିୟନ୍ତ୍ରଣ କରି ବୈଶ୍ୱିକ ବାଣିଜ୍ୟ ପାଇଁ ବିଷମ ସମସ୍ୟା ସୃଷ୍ଟି କରିପାରନ୍ତି ।

ପରିଶେଷରେ ଏତିକି ଉଲ୍ଲେଖ କରିବି ଯେ ମଧ୍ୟପ୍ରାଚ୍ୟ ସଙ୍କଟର ଫଳାଫଳ ଯାହା ହେଉ ନା କାହିଁକି, ବିଶ୍ୱବାଣିଜ୍ୟ ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ ଓ ବାଣିଜ୍ୟ ବ୍ୟବସ୍ଥା ଯୁଦ୍ଧ ପୂର୍ବବର୍ତ୍ତୀ ସ୍ୱାଭାବିକ ଅବସ୍ଥାକୁ ଫେରିବାର ସମ୍ଭାବନା ଅତ୍ୟନ୍ତ କମ୍ ।


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସଞ୍ଜୀବତୀ

ଡ.ଚନ୍ଦ୍ରକଳା ନାୟକ

ହୃଦୟଟା ଏମିତି ଏକ ସଞ୍ଜୀବତୀ
ଯେ ଜଳୁଥାଏ ତୁଚ୍ଛା ନୀରବତାରେ
ଉଣ୍ଡି ହେଉଥାଏ ବହୁ ଦ୍ୱିଧାରେ
ପ୍ରଶ୍ନ ଓ ଉତ୍ତରର ଦୋଗଲା ପଣରେ
ଅନ୍ଧକାର ଭିତରେ ପ୍ରେମର ପ୍ରଦୀପଟିଏ
ଜାଳି।
ହୃଦୟଟା ଏମିତି ଏକ ସଞ୍ଜୀବତୀଟିଏ
ଯିଏ ଜଳି ବି ଅବ୍ୟକ୍ତ ରହିଯାଏ
ପ୍ରତି ପାଦରେ କରିବାକୁ ପଡେ ସନ୍ଧି
ଭାବନା ରାଇଜରେ ବିଚରଣ କରୁ କରୁ
ବିବେକର କଷଟିରେ ଆସ୍ତେ ପଡେ
ଆଉଜି।
ଦୋଷ ନକରି ବି ଦଣ୍ଡ ପାଏ ଏଠି
କଟୁ ବାକ୍ୟଟାରେ କ୍ଷତାକ୍ତ ହୁଏ
ବିଦାରିତ ହୁଏ କୋଣ ଅନୁକୋଣ
ତଥାପି ଜୀବନକୁ ସଜାଏ
ଅଭେଦ୍ୟ ଗିରୀରେ ପ୍ରବେଶ କରିବାକୁ ।
ହୃଦୟର ସଞ୍ଜୀବତୀଟା ଏମିତି ନିରାସକ୍ତ
ଯେ
ଆଶାର କଳ୍ପବଟ ମୂଳେ ବସି
ଜୀବନର ପରିକଳ୍ପନା କରେ
ଗଢି ତୋଳିବାକୁ ସ୍ୱପ୍ନର ମିନାର
ମନ ଅଗଣାରେ ପ୍ରେମ ରଙ୍ଗ ବୋଳି ।
ସେହି ହୃଦୟର ସଞ୍ଜୀବତୀଟା
ସବୁ ସୀମାକୁ ଲଂଘନ କରେ
ଗୁଣୁ ଗୁଣୁ କରି ମୂର୍ଚ୍ଛନା ତୋଳେ
ମନରୁ ଧୋଇଦିଏ ବହଳିଆ ଧୂଳିକୁ
ପରସ୍ତ ପରସ୍ତ ବସିଥିବା ଅଳନ୍ଧୁ ଗୁଡାକୁ ।


କଳଙ୍କର କାଳିମାକୁ କାମନାର ଗୋଧୂଳିରେ
ହଜାରେ ଥର ପଖାଳି ଦିଏ
ନିର୍ବାପିତ ମନର ଖୋଲା ପେଡିଟାରେ
ଅବ୍ୟକ୍ତ ଚେତନାର ଉର୍ଦ୍ଧ୍ୱକୁ ଉଠି
ଦୁଇ ହାତଟାରେ ତୋଳି ଧରେ ସଞ୍ଜୀବତୀଟାକୁ
ଆଶା ଓ ସ୍ୱପ୍ନର ଅଗଣା ଭିତରେ।




ଅଧ୍ୟାପିକା,
ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ


## ଜଗାପାଇଁ ମୁଠେଫୁଲ

ଦେବାଶିଷ ଚକ୍ରବର୍ତ୍ତୀ




**ଅଣସର**
ଅଣସର ପରେ ଦିଅଁ ପାଇଥାନ୍ତି
ନବ ଯୌବନ ଫେରି
ଦୁଶ୍ଚିନ୍ତା ଅଣସର ଅଭାବୀକୁ
ରହିଥାଏ ସଦା ଘେରି।



**ରତ୍ନବେଦୀ**
ଦିନ କେଇଟାରେ ଉଜଳି ଉଠଇ
ଉଜୁଡା ରତ୍ନବେଦୀ
ଉଜୁଡା ମନକୁ ସଜାଡ଼ି ପାରେନି
ହୀରା, ନୀଳା, ସୁନା, ଚାନ୍ଦି।







**ଚାରମାଳ**
ରଥରେ ଠାକୁର ବିଜେ ହେବେ ବୋଲି
ଚାରମାଳ ହୁଏ ଭିଡ଼ା
କୁର୍ସି ଦଖଲ ପାଇଁକି ଯେପରି
ଜନତା ହୁଅନ୍ତି ଲୋଡ଼ା।




**ଭେଟ**
ବରଷକ ପରେ ବଡଦାଣ୍ଡେ ସିନା
କାଳିଆର ମିଳେ ଭେଟ
ଭେଟ ମିଳେ ନାହିଁ ନେତାଙ୍କର କିନ୍ତୁ
ସରିଗଲେ ଭୋଟ୍ ନାଟ।



**ବଡ଼ଦାଣ୍ଡ**
ବଡ଼ଦାଣ୍ଡ ଶୋଭା ମଉଳି ଯାଅଇ
ରଥରେ ନଥିଲେ ଦିଅଁ
କ୍ଷମତା ନଥାଇ ଝାଉଁଳେ ଯେପରି
କ୍ଷମତା ରଙ୍କୁଣା ମୁହଁ।






ମଣ୍ଡୁଆ,
କେନ୍ଦୁଝର ଗଡ
ମୋ -୯୪୩୭୦୫୨୩୯୫


## ନିଶ୍ୱାସରେ ନନ୍ଦିଘୋଷ ତୁମେ

ମୈତ୍ରେୟୀ କମିଳା

ନାମମୟ ତୁମେ
ଶବ୍ଦମୟ ତୁମ ଆତ୍ମା
ପିଣ୍ଡ ଯେ ବ୍ରହ୍ମମୟ
ଆହେ ପ୍ରଭୁ ଭାବଗ୍ରାହୀ
ତୁମେ ଏ ଜାତିର ଆଦ୍ୟ ଓଁକାର
ଜୀବନ ଦର୍ଶନର ପୋଥି
ପୁରାଣର ମହାନ ପରମ୍ପରା
ପ୍ରାଣ ପ୍ରାଚୁର୍ଯ୍ୟ ଭରା ଏ ମାଟିର
ମହାନ ପର୍ବପର୍ବାଣି
ବିଶ୍ୱବସୁଙ୍କ ବିଶ୍ୱାସ ସାଉଁଟି
ଏ ଜାତି କେତେବେଳେ ମାନବରୁ
ମାଧବ
ପୁଣି କେତେବେଳେ ମାଧବରୁ ଆର୍ଯ୍ୟ
ଶବର
ତୁମେ କିନ୍ତୁ ନିର୍ଲିପ୍ତ ନିରାକାର
ସେହି ଆବାହମାନ କାଳରୁ
ରତ୍ନବେଦୀରୁ, ସ୍ନାନ ମଣ୍ଡପରୁ

ରଥ ଉପରୁ, ଆଡ଼ପ ମଣ୍ଡପରୁ
ଦିବାହୂ ପ୍ରସାରି ଆଖିରେ ଆଖିଏ
ଚାହାଣୀରେ ଭରିଦିଅ
ଜୀବନର ସବୁ ଖାଲ ଖମାର

ପ୍ରଳୟ ପ୍ରୟୋଧିର ହା ହା କାରରେ
ତୁମେ ଈଶ୍ୱରୀୟ ମହାମନ୍ତ୍ର
ତୁମେ ନିଶ୍ୱାସରେ ନନ୍ଦିଘୋଷ
ଚିନ୍ତା ଚେତନାର କଳ୍ପବଟ






ନବୀ ମୁମ୍ବଇ


## ପ୍ରେମ

ଡ. ଦୀପକ କୁମାର ମିଶ୍ର

ମୁଁ ଜାଣେ,
ତୁମେ ଏବେ ମୁକ୍ତି ଖୋଜୁଥିବା ପକ୍ଷୀଟିଏ ପରି
ଚଞ୍ଚୁ ମାରି କାଟିଚାଲିଛ
ଛୁରୀ ପରି ଘେରିଥିବା
ମଧ୍ୟବୟସ୍କା ମଧ୍ୟାହ୍ନର ପଞ୍ଜୁରିର ଲୁହା,
ଦୋ ଛକିରେ ଛିଡ଼ା ହୋଇଥିବା
ପଥିକଟିଏ ପରି
ଆଗକୁ ପାଦ ବଢ଼େଇ
ପୁଣି ଫେରିଚାହୁଁଛ ପଛକୁ, ପଛକୁ ।

ଦାୟିତ୍ୱ ଓ ଦ୍ୱନ୍ଦ୍ୱ ମଧ୍ୟରେ ଚାଲିଥିବା ଗୁପ୍ତ ବୈଠକରୁ
ସାବଧାନରେ ଦୁରେଇ ରହି ବି

ପଢୁଛ ଏବେ ଗୁପ୍ତ ମନ୍ତ୍ରଣାର ଚୁକ୍ତିପତ୍ରଟିକୁ
ପୁଣି କଲମର ମୁନ ଭାଙ୍ଗିଯିବାର ଯୁକ୍ତି ବାଢ଼ି
ମାଗୁଛ ଆଉ କିଛି ଅଧିକ ମହଲତ ।

ଅବଦମିତ ସ୍ୱାଭିମାନ ଏବେ ଫଣା ଟେକୁଚି,
ବିଷ ଯୋଗାଡ଼ କରୁଚି,
ଫୁତ୍କାରର ଫୁଆରରେ ଗଢୁଚି
ଏକ ନୂତନ ସୂର୍ଯ୍ୟାଲୋକ
ତଥାପି ଚୋଟ ଆଉ ଚୁମା ମଧ୍ୟରେ
ପାତର ଅନ୍ତର କରିବାକୁ ଆଗ୍ରହୀ
ତୁମର ଦୁର୍ବଳ ହୃଦୟ ।

ତୁମକୁ ବିଦାୟ ଦେବି ନା ଅଭିବାଦନ କରିବି
ଜଣା ନାହିଁ

ଅବଶ୍ୟ ସବିଶେଷ ତଥ୍ୟ ଆଧାରରେ
ଏତିକି କହିହେବ ଯେ
ତୁମର ପ୍ରସ୍ଥାନ ଓ ଗନ୍ତବ୍ୟର
ଅପାତତଃ ଗୋଟିଏ ହିଁ ଠିକଣା- 'ମୁଁ' ।




ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦


## ମଣିମା ଏତିକି ଶୁଣିମା

ସସ୍ମିତା ପଣ୍ଡା



ମଣିମା ହେ...
ତୁମ ଜରୁଆ ମୁହଁର ହୁନ୍ଦର
ସତେ କେଡେ ସୁନ୍ଦର
ସାରା ସଂସାର ତୁମ ମାୟାରେ ବଶ
ତୁମ ଲୀଳାକୁ କେମିତି ବୁଝିବ
ଏଇ ଛାର ମଣିଷ ।।

ଚନ୍ଦନରେ ତୁମେ କେଡେ ଆନନ୍ଦରେ
ଖେଳୁଥାଅ ଚାପ
ଜ୍ୟେଷ୍ଠରେ ସ୍ନାହାନ ସାରି
ଜ୍ୱରରେ କଂପୁଛ
ତୁମ ମାୟାରୁ ସମସ୍ତଙ୍କୁ
ମୁକୁଳାଇ ଦେଲେ କେମିତି ହୁଅନ୍ତା
କାଳେ ଏ ମଣିଷ ବୁଝିପାରନ୍ତା ।।

ହଜୁର୍ ମଣିମା...ହେ ବଡ଼ସାଆନ୍ତ...
ଯୁଗ ଆସୁଥାଉ ଯୁଗ ଫେରୁଥାଉ
ଏମିତି ଲୀଳା ଖେଳା ଚାଲିଥାଉ
ତୁମ ସୃଷ୍ଟି ଚାଲୁ ତୁମରି ଇଚ୍ଛାରେ
ତୁମେ ସ୍ନାହାନ କରୁଥାଅ
ଚାପ ଖେଳୁଥାଅ
ତୁମକୁ ଭକ୍ତ ଖୋଜୁଥାଉ
ତୁମେ କେବେ ଲୁଚିଯାଅ
କେବେ ଦେଖାଦେଇ
ନବଧା ଭକ୍ତିର ରସ ବାଣ୍ଟୁ ଥାଅ ।।




ତୁମେ କଣ ସେତକ କରିବ ?
ଏମିତି କରିଲେ ତୁମ ଲୀଳା ସବୁ
ସରିଯିବ
ହେଲେ ତୁମେ ...
ଏ କ୍ଷଣ ଭଙ୍ଗୁର ଜୀବନକୁ
କେତେ ବୁଝାଇବ
ଭକ୍ତ ଠାରୁ ନିଜକୁ ଦୂରେଇ
ଆଉ କେତେ କଷ୍ଟ ପାଇବ ।।





ଭବରୋଗର ବୈଦ୍ୟରାଜ
ଏତିକି ଗୁହାରି ଶୁଣିମା ହେ
ତୁମ ହସର ମୋଦକ ଟିକେ ଦେଇ
ଏ ବିଷୟାଜରକୁ ମୋର
କେବେ ଆଉ ଭଲକରି ଦେବ
ମୋ ଚେତନାରେ କେବଳ ତୁମବିନା
ଆଉ କିଛି ବି ନଥିବ
ଜନ୍ମଜନ୍ମାନ୍ତର ଯାଏ କେବଳ
ମୋର ତୁମକୁ ଅପେକ୍ଷା ଥିବ
ମଣିମା ହେ କେତେ ନୀରବରେ
ଭରସା ପାତିଛି ଆଶାକରେ
ମୋ ସବୁ ଦୋଷାତ୍ରୁଟିକୁ କ୍ଷମା ଦେଇ
ମୋ ଗୁହାରି ଶୁଣିବ ।।


ଅକ୍ଷର ଘର

## ଅଣସର ଅଭିସାର

ରମାକାନ୍ତ ଦାସ


ନୀଳାଚଳେ ଆଜି ନୀରବତା ସାଜି, ବସିଛି ଶୂନ୍ୟ ଦେଉଳ,
ଦାରୁବ୍ରହ୍ମ ସେ ଯେ, ଜରରେ ପଡ଼ିଲେ, ବାହୁନେ ମୋ ଭକ୍ତ କୁଳ।
ଶ୍ରୀମୁଖେ ସେହି ଚନ୍ଦନର ଲେପ, ଲାଗିଛି ଗୁପ୍ତେ ନିରାଳା,
ଅଣସର ପିଣ୍ଡି, ଅନ୍ଧାର ଘରଟି, ସେଠାରେ ଖେଳଇ ଲୀଳା।



ଦଇତାପତି ସେ, ସେବାକୁ ତତ୍ପର, ମେଣ୍ଟାଇବେ ପରା ଜର,
କଷାୟ, ପଣା, ଔଷଧ ସେ ଲାଗି, ଶୀତଳ ହେଉ ଶରୀର।
ବଡ଼ଦାଣ୍ଡ ଶୂନ୍ୟ, ରଥଯାତ୍ରା ପାଇଁ, ଝୁରଇ ଭକ୍ତର ଆଖି,
ପଟି ଦର୍ଶନେ, କାଟୁଛି କାଳକୁ, ପ୍ରଭୁଙ୍କ ରୂପଟି ଦେଖି।

ଦୁଃଖକୁ ନାଶି, ସୁଖକୁ ଦେବାରେ, ସେ ତ ଅଟନ୍ତି କାଳିଆ,
ଭକ୍ତର ଭାବରେ, ସେବାକୁ ଭିଜାଇ, କରୁଛନ୍ତି କି ମାୟା ?
ନବଯୌବନ, ଦର୍ଶନ ଦିଅନ୍ତୁ, ଫିଟାଇ କପାଟ ଦ୍ୱାର,
ଜୟ ଜଗନ୍ନାଥ, ନାମଟି ଗୁଞ୍ଜିବ, ଜଗତେ ପୁଣି ଥର।






ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


## ସମୟ ହାତରେ

ବିଜୟଲକ୍ଷ୍ମୀ ପାଣିଗ୍ରାହି

କାହା ଦେହର ଭୂଗୋଳରେ
ନିଜ ପାଇଁ ପୃଥିବୀଟେ ଗଢ଼ିବା
ସତରେ କେତେ ଅସହଜ !
ନିରୁତା ଏକ ବିଭୋର ଲଗ୍ନକୁ ଉତୁରି
ଝାଳନାଳର ସଂଧିକ୍ଷଣରେ
ଲୁହଲହୁର ଚିତ୍ରାଙ୍କନ କରି
ଚାରିକାନ୍ଥକୁ ଚିତ୍ରିତ କରିବା
କେତେ ଦୁରୁହ !
ସେଥିପାଇଁ ତ
ଦୁର୍ମୂଲ୍ୟ ଘର ଗଢିବା କଳା।


ଅଗଣିତ ରାତିର ଅସରନ୍ତି ପ୍ରହରରେ
ଅପରିବର୍ତ୍ତିତ ଥିବା
ସେହି ଗୋଟିଏ ହିଁ ସ୍ୱପ୍ନ ପାଇଁ ତ
କାହା ଓଠର ଗାରେ ହସ

ତ ଆଉ କେବେ
କାହା ଆଖିର ଧାରେ ଲୁହ ହେବାକୁ ହୁଏ।
ଏମିତି ବି
କବିତାର ଭାଷାରେ
ଅନୁବାଦ ହେଉଥାଏ
ପକ୍ଷୀମାନଙ୍କର କିଚିରି ମିଚିରି
ମେଘର ଫୁସଫାସ କାହାଣୀ
ଝଡର ରହସ୍ୟ
ବିଜୁଳିର ଅନ୍ୱେଷଣ
ଆଉ ବର୍ଷାର ଅବୁଝାପଣ
ଖାସ୍ କାହା ପାଇଁ... ?

କିଏ ଜଣେ ସମର୍ପଣରେ ପାଲଟିଯାଉଥାଏ
କାହା ପାଦ ତଳ ଘାସ
ତ ଆଉ କିଏ ଅନ୍ତରଙ୍ଗତାରେ
ପାଲଟୁଥାଏ କାହାର ଅଟଳ ବିଶ୍ୱାସ।

ସତରେ କେତେ ଜନ୍ମର ବୁଝାମଣା

ସଞ୍ଚିବାକୁ ପଡ଼ିବ କେଜାଣି
ଘରଟିଏ ଗଢ଼ିବାକୁ ?
ତା'ର ହିସାବ
ନା ତମ ପାଖରେ ...
ନା ମୋ ପାଖରେ....
ନା ଆମ ପାଖରେ...
ସବୁକିଛି ସମୟ ହାତରେ।




ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦


## ଦିନ ତ ଦିନ ଆଜିର ଦିନ

ଡକ୍ଟର ରବିନାରାୟଣ ସାହୁ

ଦିନ ତ ଦିନ ଆଜିର ଦିନ
ଆସିଛି ରଥ ଯାତ
ଭକତି ଭରେ ହରଷ ମନେ
ଟାଣିବା ଆସ ରଥ।

ଭାଇ ବଳିଆ ଜଗା କାଳିଆ
ଭଉଣୀ ଚାନ୍ଦ ମୁହିଁ
ବିଜୟ ଆଜି ତିନି ରଥରେ
ଜଗତ ହିତ ପାଇଁ।

ଭକତ ମେଳେ ଉଛୁଳି ଉଠେ
ପୁରୀର ବଡ଼ ଦାଣ୍ଡ
ଦେଖିବେ ବୋଲି ମୂରତି ତିନି
ସଭିଏଁ ଆଜି ରୁଣ୍ଡ।

ବାଜଇ ଘଣ୍ଟ ମହୁରୀ ବାଜା
ଶୁଭଇ ଭେରୀ ତୂରୀ
ଆସେ କାଳିଆ ଗହଳି କରି
ଭାଇ ଭଉଣୀ ଧରି।

ତା' ମନଲୋଭା ରୂପରୁ ସତେ
ମଣି ମୁକୁତା ଝରେ
ରଥର ଶୋଭା ଦେଖିଲେ ଦୂରୁ
ଖାଲି ପେଟଟା ପୂରେ।

ଛେରାପହଁରା ସାରିଲେ ରାଜା
ରଥ ଚାଲଇ ଗଡ଼ି
ଜନ ସମୁଦ୍ରେ ତିନୋଟି ରଥ
ଯାଏ ଆଗକୁ ମାଡି।

ନାହିଁ ତ ଏଠି ଜାତିର ଭେଦ
ଧରମ ଭେଦ ନାହିଁ
ସାମ୍ୟ ଏକତା ପ୍ରଚାର କରେ
ନିଜେ ଜଗତ ସାଇଁ।




ସମ୍ପାଦକ 'କଳାମାଣିକ'
ସ୍ମୃତି ନଗର, ବରଗଡ଼-୨୮
୯୮୬୧୦୮୯୩୪୮

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୦ ଜୁଲାଇ, ଶୁକ୍ରବାର, ୨୦୨୬


# କ୍ରିକେଟର ଅଭିଷେକ ଶର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଲେ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର୍ ଖେଳାଳି ଅଭିଷେକ ଶର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତ। ଅଭିଷେକ ଶର୍ମା ଏହି କଥାରେ ଚିନ୍ତିତ ଥିଲେ କି ସୋସିଆଲ ମିଡ଼ିଆରେ ତାଙ୍କ ଫଟୋ, ନାଁ ଏବଂ ପରିଚୟର ଅପବ୍ୟବହାର କରାଯାଉଛି ଏବଂ ଏହାକୁ ତୁରନ୍ତ ହଟାଯାଉ। ଏବେ ଏହା ଉପରେ ହାଇକୋର୍ଟ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଦିଲ୍ଲୀ ହାଇକୋର୍ଟ ଅଭିଷେକ ଶର୍ମାଙ୍କ ଫଟୋ, ନାଁ ଏବଂ ପରିଚୟର ଅପବ୍ୟବହାର କରିଥିବା ସୋସିଆଲ ମିଡ଼ିଆ ପୋଷ୍ଟ ଏବଂ ଅନଲାଇନ ଲିଙ୍କ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ କହିଛନ୍ତି କି ସେ ଏହି ବିଷୟରେ ଔପଚାରିକ ଆଦେଶ ପାସ୍ କରିବେ। କ୍ରିକେଟର ଅଭିଷେକ ଶର୍ମା। ପର୍ସନାଲିଟି ରାଇଟ୍ସର ସୁରକ୍ଷାର ଦାବିକୁ ନେଇ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଥିଲେ। ଅଭିଷେକ ଶର୍ମା। କୋର୍ଟରେ ଅଭିଯୋଗ କରିଥିଲେ କି ଲୋକ ତାଙ୍କ ଫଟୋ, ନାଁ ଏବଂ ପରିଚୟର ବିନା କୌଣସି ଅନୁମତିରେ ଅପ୍ୟବବହାର ଏବଂ କମର୍ଶିଆଲ ବ୍ୟବହାର କରୁଛନ୍ତି।

ଅଭିଷେକ ଶର୍ମା ଏହି ସମୟରେ ଇଂଲଣ୍ଡରେ ଟି-୨୦ ସିରିଜ ଖେଳୁଛନ୍ତି। ଯେଉଁଠାରେ ସେ ପ୍ରଥମ ଦୁଇ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିଲେ କିନ୍ତୁ ତୃତୀୟ ଟି-୨୦ ମ୍ୟାଚ୍‌ରେ ତାଙ୍କର ବ୍ୟାଟ୍ ଚାଲିପାରିନଥିଲା ଏବଂ ଟିମ୍ ଇଣ୍ଡିଆକୁ ପରାଜୟ ହେବାକୁ ପଡ଼ିଥିଲା। ଯାହାପରେ ଏବେ ଭାରତର ମୁଣ୍ଡ ଉପରେ ସିରିଜ ହରାଇବାର ବିପଦ ମାଡ଼ି ବସିଛି। ଅଭିଷେକ ଶର୍ମାଙ୍କୁ ଏବେ ବ୍ରିଷ୍ଟଲରେ ନିଜ ବ୍ୟାଟର କମାଲ୍ ଦେଖାଇବାକୁ ହେବ। କାରଣ ଯଦି ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ନ ଜିତେ ତେବେ ଏହି ସିରିଜ ବି ତା' ହାତରୁ ବାହାରିଯିବ। ଟିମ୍ ଇଣ୍ଡିଆ ଏହା ପୂର୍ବରୁ ଆୟରଲାଣ୍ଡ ବିପକ୍ଷରେ ବି ଟି-୨୦ ସିରିଜ ହରାଇ ସାରିଛି।

# ୟୁ-୧୯ : ଭାରତକୁ ୧ ୱିକେଟରେ ହରାଇ ୨-୧ରେ ସିରିଜ୍ କବ୍‌ଜା କଲା ଶ୍ରୀଲଙ୍କା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଆଉ ଏକ ସିରିଜ ପରାଜୟ ବରଣ କରିଛି। ଏଥର ଭାରତର ୧୯ ବର୍ଷରୁ କମ୍ ଦଳ ଶ୍ରୀଲଙ୍କା ବିପକ୍ଷରେ ଯୁବ ଦିନିକିଆ ସିରିଜ୍ ୧-୨ରେ ହାରିଯାଇଛି। ଶ୍ରୀଲଙ୍କା ଏକ ୱିକେଟରେ ନିର୍ଣ୍ଣାୟକ ଦିନିକିଆ ଜିତି ଟିମ୍ ଇଣ୍ଡିଆକୁ ଏକ ବଡ଼ ପରାଜୟ ବରଣ କରାଇଲା। ଏହା ଏକ ରୋମାଞ୍ଚକର ପ୍ରତିଯୋଗିତା ଥିଲା; ଶ୍ରୀଲଙ୍କା ଶେଷ ବଲରେ ବିଜୟ ହାସଲ କରିଥିଲା ଏବଂ କେବଳ ଗୋଟିଏ ୱିକେଟ ବାକି ଥିଲା। ଶେଷ ଓଭରରେ ତିନୋଟି ଡଟ୍ ବଲ ସତ୍ତ୍ୱେ ୧୧ ରନ ହୋଇଥିଲା।



ମ୍ୟାଚ୍‌ରେ, ଶ୍ରୀଲଙ୍କା ୧୯ ବର୍ଷରୁ କମ୍ ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଦଳ ସେମାନଙ୍କର ୫୦ ଓଭରରେ ୮ ୱିକେଟ ହରାଇ ମୋଟ ୨୯୦ ରନ କରିଥିଲା। ତୃତୀୟ ନମ୍ବରରେ ବ୍ୟାଟିଂ କରୁଥିବା ଭିକେ ଭିନୀଥ ଏକ ଚମତ୍କାର ଇନିଂସ ଖେଳି ୧୩ ଚୌକା ଏବଂ ୩ ଛକା ସହାୟତାରେ ୧୩୧ ରନ କରିଥିଲେ। ଏହା ବ୍ୟତୀତ, ଲକ୍ଷ୍ୟ ରାଜେଶ ରାଇଚନ୍ଦାନି ୬୧ ରନ କରିଥିଲେ। ଶ୍ରୀଲଙ୍କା ପାଇଁ ସେଥାମିକା ସେନେଭିରତ୍ନେ ୪ ୱିକେଟ ଦଖଲ କରି ଶ୍ରେଷ୍ଠ ବୋଲର ଥିଲେ।

ଶ୍ରୀଲଙ୍କା ବିଜୟ ପାଇଁ ୫୦ ଓଭରରେ ୯ ୱିକେଟ ହରାଇ ୨୯୧ ରନ କରି ଲକ୍ଷ୍ୟ ହାସଲ କରିଥିଲା। ଦଳକୁ ଶେଷ ଓଭରରେ ୧୧ ରନ ଆବଶ୍ୟକ ଥିଲା, ଯାହା ଚାମିକା ହୀନାଟିଗାଲା ପୂରଣ କରିଥିଲେ। ସେ ପ୍ରଥମେ ଏକ ଡଟ୍ ବଲ୍ ଖେଳିଥିଲେ, ତା'ପରେ ଦ୍ୱିତୀୟ ଡେଲିଭରିରେ ଚୌକା ମାରିଥିଲେ। ଆଉ ଦୁଇଟି ଡଟ୍ ବଲ ପରେ, ସେ ପଞ୍ଚମ ବଲରେ ଏକ ଛକା ମାରିଥିଲେ। ଶେଷ ଡେଲିଭରିରେ ମାତ୍ର ଗୋଟିଏ ରନ ଆବଶ୍ୟକ ଥିଲା, ସେ ତାଙ୍କ ଦଳ ପାଇଁ ବିଜୟ ସୁନିଶ୍ଚିତ କରିବା ପାଇଁ ସହଜରେ ଏହା କରିଥିଲେ।

ସପ୍ତମ ନମ୍ବରରେ ବ୍ୟାଟିଂ କରୁଥିବା ଚାମିକା ହୀନାଟିଗାଲା ସର୍ବାଧିକ ସ୍କୋରିଂ ଇନିଂସ ଖେଳିଥିଲେ, ୬୮ ବଲରେ ୮୪ ରନ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୭ ଚୌକା ଏବଂ ୨ ଛକା ଅନ୍ତର୍ଭୁକ୍ତ ଥିଲା। ସେନୁଜା ୱାକୁନାଗୋଡ଼ା ମଧ୍ୟ ୬୭ ରନର ଇନିଂସରେ ଅବଦାନ ରଖିଥିଲେ। ଭାରତ ପାଇଁ ଅନମୋଲଜିତ ସିଂହ ସର୍ବାଧିକ ୪ ୱିକେଟ ନେଇଥିଲେ। ଏହିପରି, ଶ୍ରୀଲଙ୍କା ୧୯ ବର୍ଷରୁ କମ ଦଳ ରୋମାଞ୍ଚକର ମ୍ୟାଚ ଜିତି ସିରିଜ କବଜା କରିଥିଲା। ଦଳ ପ୍ରଥମ ଯୁବ ଦିନିକିଆରେ ୪ ୱିକେଟ ବିଜୟ ସହିତ ସିରିଜ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ, ଶ୍ରୀଲଙ୍କା ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା, ପରବର୍ତ୍ତୀ ଦୁଇଟି ମ୍ୟାଚ ଜିତି ସିରିଜ କବଜା କରିଥିଲା। ଏବେ, ଦୁଇ ଦଳ ମଧ୍ୟରେ ଦୁଇଟି ଅଣଆନୁଷ୍ଠାନିକ ଟେଷ୍ଟ ମ୍ୟାଚ ଖେଳାଯିବ।

# ଅନ୍ଧକାର ଆଡକୁ ଯାଉଛି ଭାରତୀୟ କ୍ରିକେଟର ଭବିଷ୍ୟତ : ମହମ୍ମଦ କୈଫ



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ ଭାରତୀୟ କ୍ରିକେଟ୍ ଦଳର ବର୍ତ୍ତମାନର ରଣନୀତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ଦଳ ପରିଚାଳନା ଦ୍ୱାରା ନିଆଯାଇଥିବା ଅନେକ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ଇଂଲଣ୍ଡ ଗସ୍ତ ସମୟରେ ନିଆଯାଇଥିବା ନିଷ୍ପତ୍ତି ଦଳକୁ ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଠେଲି ଦେଉଛି ବୋଲି ସେ କହିଛନ୍ତି। ଇଂଲଣ୍ଡ ବିପକ୍ଷରେ ଲଗାତାର ଦୁଇଟି ମ୍ୟାଚ୍ ହାରିବା ପୂର୍ବରୁ, ଟିମ୍ ଇଣ୍ଡିଆ ଆୟର୍ଲାଣ୍ଡ ବିପକ୍ଷରେ ୦-୨ରେ ଟି-୨୦ ସିରିଜ୍ ହାରିଥିଲା।

କୈଫ କହିଛନ୍ତି, ଆୟର୍ଲାଣ୍ଡ ଗସ୍ତ ସମୟରେ ଟିମ୍ ଇଣ୍ଡିଆ ଉଭୟ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଟିମ୍ ମ୍ୟାନେଜମେଣ୍ଟ ମେଘୁଆ ପରିସ୍ଥିତି ସତ୍ତ୍ୱେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆୟର୍ଲାଣ୍ଡ ବିପକ୍ଷରେ ପରାଜୟ ପରେ ଦଳ ଚାପଗ୍ରସ୍ତ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିଲା, ଯାହା ଫଳରେ ସେମାନେ ପରିସ୍ଥିତିର ସଠିକ ମୂଲ୍ୟାଙ୍କନ ନ କରି ନିଷ୍ପତ୍ତି ନେଇଥିଲେ। କୈଫ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦେବା ନିଷ୍ପତ୍ତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଆୟର୍ଲାଣ୍ଡରେ ଭଲ ବୋଲିଂ କରିବା ପରେ ପ୍ରସିଦ୍ଧଙ୍କୁ ଇଂଲଣ୍ଡ ସିରିଜ ପାଇଁ କାହିଁକି ବାଦ୍ ଦିଆଯାଇଥିଲା ବୋଲି ସେ କହିଛନ୍ତି।

ସଞ୍ଜୁ ସାମସନଙ୍କୁ ବାଦ ଦେବା ସମ୍ପର୍କରେ କୈଫ ସୌରଭ ଗାଙ୍ଗୁଲିଙ୍କ ଉଦାହରଣ ଦେଇଥିଲେ। ସେ ମନେ ପକାଇଥିଲେ ଯେ, ୨୦୦୩ ବିଶ୍ୱକପ ସମୟରେ ଭାରତରେ ଓପନର ଭାବରେ ସଚିନ, ସୌରଭ ଏବଂ ସେହ୍ୱାଗ ଉପଲବ୍ଧ ଥିଲେ ଏବଂ 'ଦାଦା' (ଗାଙ୍ଗୁଲି) ନିଶ୍ଚିତ କରିଥିଲେ ଯେ ତିନି ଜଣଙ୍କ ପାଇଁ ସ୍ଥାନ ଅଛି; ଜଣେ କେବଳ ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ବାଦ୍ ଦେଇପାରିବେ ନାହିଁ। ସେମାନଙ୍କ ପାଇଁ ସ୍ଥାନ ପ୍ରସ୍ତୁତ କରିବାକୁ ପଡିବ। କୈଫ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଏକ ତ୍ରୁଟି ମଧ୍ୟ ଦର୍ଶାଇ କହିଛନ୍ତି, ଶ୍ରେୟସ ଆଇପିଏଲରେ କେବଳ ଗୋଟିଏ ପରାଜୟ ପରେ ପ୍ଲେଇଂ ଇଲେଭେନ ପରିବର୍ତ୍ତନ କରୁଥିଲେ। ଏହି ପଦ୍ଧତି ଭୁଲ ଏବଂ ଏହା ଦ୍ୱାରା ଟିମ୍ ଇଣ୍ଡିଆ ଏପର୍ଯ୍ୟନ୍ତ ସଫଳତା ହାସଲ କରିପାରିନାହିଁ।

ଶ୍ରେୟସଙ୍କୁ ସିଧାସଳଖ ଟିମ୍ ଇଣ୍ଡିଆର ଅଧିନାୟକ ଭାବରେ ନିଯୁକ୍ତ କରିଥିବା ଲୋକଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠାଯିବା ଉଚିତ। ପ୍ରଥମେ ତାଙ୍କୁ ଦଳରେ ସାମିଲ କରି ଏବଂ ତା'ପରେ ତାଙ୍କୁ ଆହୁରି ଦାୟିତ୍ୱ ଦେବା ଭଲ ହୋଇଥାନ୍ତା ବୋଲି କୈଫ କହିଛନ୍ତି।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଲେ ସୌରଭ ଗାଙ୍ଗୁଲି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ଦିଗ୍‌ଗଜ ବାମହାତୀ ବ୍ୟାଟର ସୌରଭ ଗାଙ୍ଗୁଲିଙ୍କ ନାମରେ ଆଉ ଏକ ବଡ଼ ସଫଳତା ଯୋଡ଼ି ହୋଇଯାଇଛି। ଗାଙ୍ଗୁଲିଙ୍କ ୫୪ତମ ଜନ୍ମଦିନର ବିଶେଷ ଅବସରରେ ଏହି ଖବର ସାମ୍ନାକୁ ଆସିଛି ଯେ ତାଙ୍କୁ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଏହି ସମ୍ମାନ ପରେ ଦାଦା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଜର ଖୁସି ବ୍ୟକ୍ତ କରିଛନ୍ତି ଏବଂ ଏହି ସମ୍ମାନ ପାଇଁ ଆଇସିସି ଏବଂ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ବିଶେଷ ଧନ୍ୟବାଦ ଜଣାଇଛନ୍ତି।

ସୌରଭ ଗାଙ୍ଗୁଲି ନିଜର ଆଧିକାରିକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ, 'ହଲ୍ ଅଫ୍ ଫେମ୍‌ରେ ସାମିଲ କରିଥିବାରୁ ଆଇସିସି ଏବଂ ଅଧ୍ୟକ୍ଷ ଜୟ ଶାହଙ୍କୁ ବହୁତ ବହୁତ ଧନ୍ୟବାଦ, ଏହା ମୋ ପାଇଁ ଏକ ବଡ଼ ସମ୍ମାନ।' ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ, 'ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା କିଛି ମନୋନୀତ ଭାରତୀୟଙ୍କ ମଧ୍ୟରୁ ଜଣେ ହେବା ଏବଂ ବିଶ୍ୱର କିଛି ମହାନ ଖେଳାଳିଙ୍କ ଅଂଶ ହେବା ପ୍ରକୃତରେ ଏକ ଅଦ୍ଭୁତ ଅନୁଭୂତି।' ତେବେ ଆଇସିସି ପକ୍ଷରୁ ଏହି ନିଷ୍ପତ୍ତିକୁ ନେଇ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ।



ଆଇସିସି ହଲ୍ ଅଫ୍ ଫେମ୍ କ୍ରିକେଟର ସେହି ମହାନ ଖେଳାଳିମାନଙ୍କର ଅସାଧାରଣ ସଫଳତାକୁ ସେଲିବ୍ରେଟ୍ କରେ, ଯେଉଁମାନେ ଏହି ଖେଳର ଇତିହାସକୁ ଏକ ନୂଆ ରୂପ ଦେଇଛନ୍ତି। ଆଇସିସିର ନିୟମ ଅନୁଯାୟୀ, ଯେକୌଣସି ଖେଳାଳି ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଅତିକମ୍‌ରେ ପାଞ୍ଚ ବର୍ଷ ପରେ ହିଁ ଏହି ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ହୋଇଥାନ୍ତି। ଏହି ପ୍ରତିଷ୍ଠିତ ସମ୍ମାନର ଆରମ୍ଭ ଜାନୁଆରୀ ୨୦୦୯ରେ ଆଇସିସିର ଶତାବ୍ଦୀ ସମାରୋହର ଏକ ଅଂଶ ଭାବରେ କରାଯାଇଥିଲା ଏବଂ ସେବେଠାରୁ ଏହା ଖେଳର ମହାନ ଖେଳାଳିମାନଙ୍କୁ ସମ୍ମାନିତ କରିଆସୁଛି। ସୌରଭ ଗାଙ୍ଗୁଲି ମଧ୍ୟ ଏବେ ଏହି ସ୍ୱତନ୍ତ୍ର ଏଲିଟ୍ ଲିଷ୍ଟର ଏକ ଅଂଶ ପାଲଟିଛନ୍ତି।

ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟକୁ ସେହି ସମୟରେ ସମ୍ଭାଳିଥିଲେ, ଯେତେବେଳେ ଦଳ ନିଜର ସବୁଠାରୁ ଅଶାନ୍ତ ଏବଂ କଠିନ ପରିସ୍ଥିତି ଦେଇ ଗତି କରୁଥିଲା। ଏହି ବାମହାତୀ ବ୍ୟାଟର ଦଳର ସମ୍ପୂର୍ଣ୍ଣ ମାନସିକତାକୁ ବଦଳାଇ ଦେଇଥିଲେ ଏବଂ ଖେଳାଳିମାନଙ୍କ ମଧ୍ୟରେ ବିଦେଶୀ ମାଟିକୁ ଯାଇ ଲଢ଼େଇ କରିବାର ଶକ୍ତି, ଆକ୍ରମଣାତ୍ମକ ଶୈଳୀ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ।

କଭର ଅଞ୍ଚଳରେ ନିଜର ଚମତ୍କାର ଏବଂ କଳାତ୍ମକ ସଟ୍ ପାଇଁ 'ଗଡ୍ ଅଫ୍ ଅଫ୍‌ସାଇଡ୍' ଭାବେ ଜଣାଶୁଣା ଗାଙ୍ଗୁଲି, ଭାରତ ପାଇଁ ଖେଳିଥିବା ୪୨୪ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୋଟ ୧୮,୫୭୫ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୩୮ଟି ଶତକ ଏବଂ ୧୦୭ଟି ଅର୍ଦ୍ଧଶତକ ସାମିଲ ଅଛି। ସେ ୧୧୩ଟି ଟେଷ୍ଟ ମ୍ୟାଚ୍‌ରେ ୭୨୧୨ ରନ୍ ଏବଂ ୩୧୧ଟି ଦିନିକିଆ ମ୍ୟାଚ୍‌ରେ ୧୧୩୬୩ ରନ୍ କରିଛନ୍ତି। ଏହା ତାଙ୍କୁ ପ୍ରତ୍ୟେକ ଫର୍ମାଟ୍‌ରେ ଭାରତର ଅନ୍ୟତମ ମହାନ ବ୍ୟାଟର ଭାବେ ଗଢ଼ିତୋଳିଛି।

ଜଣେ ଅଧିନାୟକ ଭାବରେ ଗାଙ୍ଗୁଲି ୧୯୬ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇଥିଲେ। ଯେଉଁଥିରୁ ଦଳ ୯୭ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଐତିହାସିକ ସଫଳତା ମିଳିଥିଲା, ଯେଉଁଥିରେ ଷ୍ଟିଭ୍ ୱାଙ୍କ ଅପରାଜେୟ ଅଷ୍ଟ୍ରେଲୀୟ ଦଳ ବିରୁଦ୍ଧରେ ୨୦୦୧ର ପ୍ରସିଦ୍ଧ ବର୍ଡର-ଗାଭାସ୍କର ଟ୍ରଫି ବିଜୟ, ୨୦୦୪ରେ ପାକିସ୍ତାନ ମାଟିରେ ଭାରତର ପ୍ରଥମ ଟେଷ୍ଟ ସିରିଜ୍ ବିଜୟ ଏବଂ ୨୦୦୦ ଆଇସିସି ନକଆଉଟ୍ ଟ୍ରଫି ଓ ୨୦୦୩ ଆଇସିସି କ୍ରିକେଟ୍ ବିଶ୍ୱକପର ଫାଇନାଲ ପର୍ଯ୍ୟନ୍ତ ଯାତ୍ରା ସାମିଲ ଅଛି। ଜଣେ ସଫଳ ଅଧିନାୟକ ଏବଂ ବ୍ୟାଟର ହେବା ବ୍ୟତୀତ ଗାଙ୍ଗୁଲିଙ୍କ ସବୁଠାରୁ ବଡ଼ ବିଶେଷତ୍ୱ ଏହା ଥିଲା ଯେ ସେ କ୍ରିକେଟରମାନଙ୍କର ଏଭଳି ଏକ ସମ୍ପୂର୍ଣ୍ଣ ପିଢ଼ି ପ୍ରସ୍ତୁତ କରିଥିଲେ ଯିଏ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟକୁ ନୂଆ ଉଚ୍ଚତାରେ ପହଞ୍ଚାଇଥିଲା। ଏମ୍.ଏସ୍ ଧୋନି, ଯୁବରାଜ ସିଂହ, ହରଭଜନ ସିଂହ, ଜାହିର ଖାନ୍, ଇରଫାନ୍ ପଠାନ୍, ଗୌତମ ଗମ୍ଭୀର ଏବଂ ବୀରେନ୍ଦ୍ର ସେହ୍ୱାଗଙ୍କ ଭଳି ଯୁବ ତଥା ଉଦୀୟମାନ ଚେହେରାମାନଙ୍କ ଉପରେ ଗାଙ୍ଗୁଲି ନିଜର ସମ୍ପୂର୍ଣ୍ଣ ଭରସା ପ୍ରକଟ କରିଥିଲେ। ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ପ୍ରତିଭାବାନ ସାଜିଥିବା ଏହି ସମସ୍ତ ଖେଳାଳି ଆଗକୁ ଯାଇ ଟିମ୍ ଇଣ୍ଡିଆର ସବୁଠାରୁ ବଡ଼ ମ୍ୟାଚ୍ ବିଜେତା ପାଲଟିଥିଲେ ଏବଂ ଭାରତର ଅନେକ ଆଇସିସି ଟାଇଟଲ୍ ଜିତିବା ଅଭିଯାନରେ ଏମାନେ ସବୁଠାରୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ବର୍ଷେ ନପୂରୁଣୁ ଭୁଶୁଡ଼ିଲା ପୋଲର ଗାର୍ଡ ୱାଲ୍ : ରାସ୍ତାରେ ଫାଟକୁ ନେଇ ଜନଅସନ୍ତୋଷ

**ଥୁଆମୂଳ ରାମପୁର, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ ଓଡ୍ରୀ ଗ୍ରାମପଞ୍ଚାୟତର ଦୋଳଗୁଡ଼ା ଠାରେ ବ୍ୟାପକ ସରକାରୀ ଅନୁଦାନ ହରିଲୁଟ୍‌ର ଚିତ୍ର ସାମ୍ନାକୁ ଆସିଛି। ମାତ୍ର ୫ ମାସ ତଳେ ନିର୍ମିତ ପୋଲର ପ୍ରୋଟେକ୍ସନ ୱାଲ୍ ସାମାନ୍ୟ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହା ସହ ନୂତନ ପିଚୁ ରାସ୍ତାରେ ଫାଟ ସୃଷ୍ଟି ହୋଇ ମାଟି ତଳକୁ ଧସିଯାଇଛି। ବିଭାଗୀୟ ଯନ୍ତ୍ରୀ ଓ ଠିକା ସଂସ୍ଥାର ଲାଭଖୋର ମନୋଭାବ ଯୋଗୁଁ ଏଭଳି ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।



ପିଡବ୍ଲ୍ୟୁଡି ଅଧୀନରେ ଡୁମେରପଦର ଠାରୁ ଗୋପୀନାଥପୁର ସିକାତୁଜି ଡଙ୍ଗାଘାଟ ପର୍ଯ୍ୟନ୍ତ ଏହି ମୁଖ୍ୟ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ଏକ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପୋଲ ପାର୍ଶ୍ୱରେ ମାଟି ପକାଇବା ପରେ ତାକୁ ସଠିକ୍ ଭାବେ କମ୍ପାକ୍ସନ ନକରି, କେବଳ ଡବ୍ଲ୍ୟୁଏମ୍‌ଏମ୍ ବିଛାଇ ସିଧାସଳଖ ପିଚୁ ଢାଳି ଦିଆଯାଇଛି। ଫଳରେ ବର୍ଷା ଜଳରେ ଭିତର ମାଟି ଦବିଯାଇ ଗାର୍ଡ ୱାଲ୍ ଭାଙ୍ଗିଛି। ଏହି ବିପଦପୂର୍ଣ୍ଣ ଉଚ୍ଚ ସ୍ଥାନରେ କଂକ୍ରିଟ୍ କାର୍ଯ୍ୟ ପାଇଁ ମାତ୍ର ୮ ରୁ ୧୦ ଏମଏମ ରଡ୍ ବ୍ୟବହାର କରାଯାଇଥିବା ଗ୍ରାମବାସୀ ଦେଖାଇଛନ୍ତି।

ଓଡ୍ରୀ-ଗୋପୀନାଥପୁର ଅଞ୍ଚଳରେ ନିର୍ମାଣ ହେଉଥିବା ପ୍ରାୟ ସବୁ ନୂତନ ରାସ୍ତା ଓ ବ୍ରିଜର ନକ୍ସାକୁ ନେଇ ପ୍ରଶ୍ନ ଉଠିଛି। ଯେଉଁଠି ଉଚ୍ଚା ଓ ବଡ଼ ବ୍ରିଜ୍ ଆବଶ୍ୟକ ସେଠି ଛୋଟ ଏବଂ ଯେଉଁଠି ଛୋଟ ଦରକାର ସେଠି ବଡ଼ ବ୍ରିଜ୍ ନିର୍ମାଣ କରାଯାଇଛି। ଏପରିକି ପୁରୁଣା ବ୍ରିଜ୍ ସହ ନୂଆ ବ୍ରିଜ୍‌କୁ ଅତି ବିପଜ୍ଜନକ ଭାବେ ଯୋଡ଼ାଯାଇଛି। କାମ ଚାଲିଥିବା ସମୟରେ ଜନସାଧାରଣ ବାରମ୍ବାର ବିରୋଧ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କିମ୍ବା ଠିକା ସଂସ୍ଥା ଏହାକୁ କର୍ଣ୍ଣପାତ କରିନଥିଲେ। ଏହି ନିମ୍ନମାନର କାମ ପାଇଁ ପିଡବ୍ଲ୍ୟୁଡି ଯନ୍ତ୍ରୀ ଓ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି ସ୍ଥାନୀୟ ସମିତି ସଭ୍ୟ ରାମ ମାଝୀ, ମହାଦେବ ଦାଦସେନା, ହରି ନେହେରୁଙ୍କ ସମେତ ଦୋଳଗୁଡ଼ା ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ପିଡବ୍ଲ୍ୟୁଡି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମିନିକେତନ କାର୍ଜିଙ୍କୁ ପଚାରିବାରୁ ସେ କହିଛନ୍ତି ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶେଷ ହୋଇନାହିଁ, ଏବେ ବି କାମ ଚାଲୁ ରହିଛି। ସରକାରୀ ନିୟମ ଓ ଟେଣ୍ଡର ଅନୁସାରେ ହିଁ ସବୁ କାର୍ଯ୍ୟ ହେଉଛି ଏବଂ ଭାଙ୍ଗିଥିବା ୱାଲ୍‌ରେ ୧୨ ରୁ ୧୮ ଏମଏମ ରଡ୍ ବ୍ୟବହାର କରାଯାଇଛି। ତେବେ ପୋଲ ପାଖରେ ଥିବା ଜମିର ମାଲିକ ଚାଷ ପାଇଁ ସେଠାରୁ ମାଟି କାଟି ଦେଇଥିବାରୁ ଅତଡ଼ା ଧସି ଗାର୍ଡ ୱାଲ୍‌ଟି ଭାଙ୍ଗିଯାଇଛି। ବ୍ରିଜ୍ ପାଖରେ ବାଇପାସ୍ ରାସ୍ତା ପାଇଁ ବ୍ୟବସ୍ଥା ନଥିବାରୁ ଶୀଘ୍ର କାମ ଶେଷ କରିବାକୁ ପଡ଼ିଥିଲା। ମୁଁ ନିଜେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବି ଏବଂ ଠିକା ସଂସ୍ଥା ଦ୍ୱାରା ତୁରନ୍ତ ଏହାର ପୁନଃ ନିର୍ମାଣ କରାଇବି ବୋଲି କହିଛନ୍ତି। ତେବେ ବିଭାଗୀୟ ଯନ୍ତ୍ରୀ ଚାଷୀଙ୍କ ଉପରେ ଦୋଷ ଲଦି ନିଜ ଦାୟିତ୍ୱରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ, ପ୍ରଶ୍ନ ଉଠୁଛି ଯେ ସାମାନ୍ୟ ବର୍ଷାରେ ଯଦି କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ଏଭଳି ଭାବେ ଧୂଳିସାତ ହୋଇଯାଉଛି, ତେବେ ଆଗକୁ ଆସୁଥିବା ପ୍ରବଳ ବର୍ଷା ଦିନରେ ଏହି ରାସ୍ତା ଓ ପୋଲର ସ୍ଥାୟୀତ୍ୱ କେତେ? ପ୍ରଶାସନ ଏହା ଉପରେ କି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଦେଖିବାକୁ ବାକି ରହିଲା।

# ୨୩ ବର୍ଷ ହେଲା ବଦଳିପାରୁନି ବାହାନା ଓ ସାପୁଆ ନାଳର ଚିତ୍ର : ଯୋଜନାରେ ଅଟକିଛି ପୁନରୁଦ୍ଧାର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବର୍ଷେ କି ଦୁଇ ବର୍ଷ ନୁହଁ ଦୀର୍ଘ ୨୩ ବର୍ଷ ହେଲା ବ୍ରହ୍ମପୁର ସହର ଦେଇ ଯାଇଥିବା ସାପୁଆ ନାଳ ଓ ବାହାନା ନାଳର ପୁନରୁଦ୍ଧାର ପୂର୍ଣ୍ଣାଙ୍ଗ ରୂପ ନେଇପାରୁନି। ଯୋଜନା ହାତକୁ ନିଆଯାଉଛି। ଅନୁଦାନ ବି ଘୋଷଣା ହେଉଛି। କିନ୍ତୁ ଏହା କେବଳ ସଫେଇ ଓ କାଁ ଭାଁ ପୁନରୁଦ୍ଧାର ଭିତରେ ସୀମିତ ହୋଇ ରହିଛି। କିନ୍ତୁ ଦୁଇ ନାଳର ସମସ୍ୟାର ସାୟୀ ସମାଧାନର ବାଟ ବାହାରୁନି। ଆଉ ଆଜି ବି ସହରରେ ଅସରାଏ ବର୍ଷା ହେଲେ କୃତ୍ରିମ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଉଛି। ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ ନିକଟରୁ ବାହାରିଥିବା ବାହାନା ନାଳ ବ୍ରହ୍ମପୁର ମହାନଗର ଉତ୍ତର ଦିଗରୁ ବିଭିନ୍ନ ଅଞ୍ଚଳ ଦେଇ ସମୁଦ୍ରରେ ମିଶିଛି। ସେହିପରି ଦକ୍ଷିଣ ଦିଗରେ ଥିବା ସାପୁଆ ନାଳ ସହ ଦେଇ ଯାଇ ନଥିଲେ ମଧ୍ୟ ସହରର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଅତ୍ୟଧିକ ବର୍ଷା ହେଲେ ଉକ୍ତ ନାଳର ପାଣି ସହର ଭିତରକୁ ପ୍ରବେଶ କରୁଛି। କିନ୍ତୁ ବାହାନାନାଳ ଭଳି ସାପୁଆ ନାଳରେ କୌଣସି ସମସ୍ୟାନାହିଁ। ୩୫ କିଲୋମିଟର ପରିବ୍ୟାପ୍ତ ବାହାନାନାଳସହର ଭିତରେ ୨୮ କିଲୋମିଟର ଅତିକ୍ରମ କରିଛି। ୨୮ କିଲୋମିଟର ମଧ୍ୟରେ ନାଳର ତିନି ଅଂଶ କୁକୁଡ଼ାଖଣ୍ଡି ତହସିଲ, ବ୍ରହ୍ମପୁର ତହସିଲ ଓ କନିଷି ତହସିଲ ଅଧୀନରେ ରହିଛି। କିନ୍ତୁ ନାଳ ଉପରେ ଜବରଦଖଲ ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛି। ଏହାଛଡ଼ା ନାଳର ଦୁଇ ପାର୍ଶ୍ୱରେ ପାଚେରୀ ନିର୍ମାଣ ନେଇ ଡ୍ରେନେଜ୍ ବିଭାଗ ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳ ସହ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୨୬ ଆର୍ଥିକ ବର୍ଷରେ ଏହି ପାଚେରୀ କାମ ସରିବା କଥା। ତେବେ ପ୍ରଥମ ଟେଣ୍ଡରକୁ ବୈଷୟିକ ତ୍ରୁଟି ଦେଖି ବାତିଲ୍ କରାଯାଇଥିବା ବେଳେ ପୁଣିଥରେ କରାଯାଇଥିଲା। ଏହାକୁ ନେଇ ବିବାଦ ଦେଖାଦେବା ପରେ ତାହା ସମ୍ପ୍ରତି କୋର୍ଟରେ ବିଚରାଧୀନ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ବାହାନାନାଳ କାଠଗଡ଼ାରେ ରହିଥିବା ବେଳେ ପ୍ରକଳ୍ପ କାମ ଆଉ ଆଗକୁ ବଢ଼ିପାରୁନାହିଁ। କେବଳ ଦଳ ସଫେଇ ଭିତରେ ଉନ୍ନୟନ କାମ ସୀମିତ ହୋଇ ରହିଛି। ସେହିପରି ଜବରଦଖଲ ଉଚ୍ଛେଦକୁ ବି ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ନାଳ ସଂକୀର୍ଣ୍ଣ ହେବାରେ ଲାଗିଛି। ଫଳରେ ନର୍ଦ୍ଦମା ପାଣି ନିଷ୍କାସନ ହୋଇପାରୁନି। ବର୍ଷା ହେଲେ ସାହି ଓ ଗଳିକନ୍ଦି ଜଳାର୍ଣ୍ଣବ ପାଲଟୁଛି। କେତେକ ସ୍ଥାନରେ ନୂତନ ଭାବେ ପୋଲ ନିର୍ମାଣ କରାଯାଇଛି। କିନ୍ତୁ ଜଳ ନିଷ୍କାସନ ପ୍ରତି ଗୁରୁତ୍ୱ ଦିଆଯାଉନି। ୨୦୦୩ରେ ସହରରେ ପ୍ରବଳ ବର୍ଷା ଯୋଗୁଁ କୃତ୍ରିମ ବନ୍ୟା ଯୋଗୁଁ ଡ଼ଙ୍ଗା ଯୋଗେ ବୁଡ଼ି ଅଞ୍ଚଳବାସୀଙ୍କୁ ଜଳବନ୍ଦିରୁ ଉଦ୍ଧାର କରାଯାଇଥିଲା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଏହି ସ୍ଥିତି ବିଷୟରେ ଅବଗତ ହେବା ପରେ ନାଳର ପୁନରୁଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଦୁଇ ନାଳକୁ ଜଳ ସମ୍ପଦ ବିଭାଗ ଅଧିନରୁ ବାହାର କରି ଡ୍ରେନେଜ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ବାହାନା ନାଳ ଓ ସାପୁଆ ନାଳର ପୁନରୁଦ୍ଧାର ନେଇ ସହରରେ ଡ୍ରେନେଜ୍ ବିଭାଗର ଏକ ସ୍ୱତନ୍ତ୍ର ଡିଭିଜନ୍ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ। ୨୦୦୪ରେ ସହରରେ ଡ୍ରେନେଜ୍ ବିଭାଗର ଏକ ସ୍ୱତନ୍ତ୍ର ଡିଭିଜନ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲା କିନ୍ତୁ ୨୩ ବର୍ଷ ହେଲାଣି ବାହାନାନାଳ ଓ ସାପୁଆ ନାଳର ଚିତ୍ର ବଦଳି ପାରିନି।

# ଉରୁବେଲି ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ବସ୍ ସେବା ଯୋଗାଇ ଦେବାକୁ ଦାବି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ସୁବିଧାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟି ୩୨୬ ନମ୍ବର ଜାତୀୟ ରାଜପଥର ପୁଷ୍ପୁଗୁଡ଼ା ଛକଠାରୁ ପ୍ରାୟ ୪ରୁ ୫ କିଲୋମିଟର ଦୂରରେ ଥିବାରୁ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ଚାଲି ଚାଲି ବିଦ୍ୟାଳୟକୁ ଯିବାକୁ ପଡୁଛି। ବିଦ୍ୟାଳୟରେ ପ୍ରାୟ ୨୮୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ନିକଟସ୍ଥ ଗ୍ରାମରୁ ଆସୁଛନ୍ତି। ଅନ୍ୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ବସ୍ କିମ୍ବା ଅଟୋରେ ପୁଷ୍ପୁଗୁଡ଼ା ଛକ ପର୍ଯ୍ୟନ୍ତ ଆସି, ସେଠାରୁ ପୁଣି ୪ କିଲୋମିଟରରୁ ଅଧିକ ରାସ୍ତା ଚାଲି ବିଦ୍ୟାଳୟରେ ପହଞ୍ଚୁଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଶ୍ରେଣୀ ଚାଲୁଥିବା ବେଳେ ବସ୍ ସୁବିଧା ନଥିବାରୁ ଅନେକ ଛାତ୍ରଛାତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚି ପାରୁନାହାନ୍ତି। ପ୍ରତିଦିନ ଦୀର୍ଘ ରାସ୍ତା ଚାଲିବାକୁ ପଡୁଥିବାରୁ ସେମାନଙ୍କ ପାଠପଢ଼ା ଓ ଉପସ୍ଥାନ ଉଭୟ ପ୍ରଭାବିତ ହେଉଛି। ଏହି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକପ୍ରତିନିଧିମାନେ। ଏନେଇ କାଲିମେଲା ବିଡିଓ ପ୍ରଦୀପ କୁମାର କର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବସ୍ ସେବାର ବର୍ତ୍ତମାନର ରୁଟ୍ ଏହି ରାସ୍ତା ଦେଇ ନଥିବାରୁ ବସ୍ ଚଳାଚଳ ହେଉନାହିଁ। ତେବେ ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରି ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନ ଦେଇଛନ୍ତି। ଅନ୍ୟପଟେ ପୁଷ୍ପୁଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମା ରାବା, ସ୍ଥାନୀୟ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉରୁବେଲି ଓ ଆଖପାଖ ଗ୍ରାମଗୁଡ଼ିକୁ ଜାତୀୟ ରାଜପଥ ସହ ସଂଯୋଗ କରିବା ସହିତ ତୁରନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି।

# ବର୍ଷାରେ ପୁଟୁପଡ଼ାରୁ ମଡେଲ ଡିଗ୍ରୀ କଲେଜ ରାସ୍ତା ବିପର୍ଯ୍ୟସ୍ତ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ପୁଟୁପଡ଼ାରୁ ମଡେଲ ଡିଗ୍ରୀ କଲେଜକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଦିନକୁ ଦିନ ବେହାଲ ହୋଇ ପଡ଼ିଛି। ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ସେଥିରେ ପାଣି ଜମି ରହୁଛି। ଫଳରେ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, ସ୍ଥାନୀୟ ବାସିନ୍ଦା ଓ ଯାନବାହନ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ରାସ୍ତାର ମରାମତି କରାଯାଇ ନଥିବାରୁ ବର୍ଷା ହେଲେ ଏହାର ଅବସ୍ଥା ଆହୁରି ଖରାପ ହୋଇଯାଉଛି। ବିଶେଷକରି କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଓ ଦୁଇଚକିଆ ଯାନ ଚାଳକମାନେ ଦୁର୍ଘଟଣାର ଆଶଙ୍କା ମଧ୍ୟରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କୁ ତୁରନ୍ତ ରାସ୍ତାର ମରାମତି କରି ଯାତାୟାତ ଉପଯୋଗୀ କରିବାକୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

# ଓଡ଼ିଶା ମତ୍ସ୍ୟଜୀବୀଙ୍କୁ ଅଣଦେଖା ଅଭିଯୋଗ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ସମୁଦ୍ର ଅଶାନ୍ତ ବେଳେ ସୀମା ପାର ହେଉଛନ୍ତି ଆନ୍ଧ୍ର ମତ୍ସ୍ୟଜୀବୀ। ସମୁଦ୍ର ଅଶାନ୍ତ ପାଇଁ ଓଡ଼ିଶାର ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଉଥିବା ବେଳେ ଆନ୍ଧ୍ର ମତ୍ସ୍ୟଜୀବୀଙ୍କୁ ପ୍ରଶାସନ ଜ୍ୱାଇଁ ପୁଅ ଭଳି ଚର୍ଚ୍ଚା କରୁଥିବା ଅଭିଯୋଗ ହେଉଛି। ସମୁଦ୍ର ଭିତରକୁ ମାଛ ମାରିବାକୁ ନ ଯାଇ ପାରି ହାତ ବାନ୍ଧି ବସୁଥିବା ବେଳେ ଆନ୍ଧ୍ର ମତ୍ସ୍ୟଜୀବୀମାନେ ସୀମା ପାର କରି ଲୁଟି ନେଉଛନ୍ତି ସାମୁଦ୍ରିକ ସମ୍ପଦ।

ଏହି ବେଆଇନ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ କେବେ ବୋଲି ପ୍ରଶ୍ନ କରିଛନ୍ତି ଆର୍ଯ୍ୟପଲ୍ଲୀ ଅଞ୍ଚଳର ମତ୍ସ୍ୟଜୀବୀ। ଲଘୁଚାପ ଜନିତ ବର୍ଷା ପାଇଁ ସମୁଦ୍ରର ଉଚ୍ଚ ଜୁଆର ଆସୁଛି, ଫଳରେ ସମୁଦ୍ର ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଏସଆରସି ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାପାଇଁ ବାରଣ ରହିଛି ଏବଂ ଡଙ୍ଗାରେ ସମୁଦ୍ରକୁ ଯାଇ ମାଛ ଧରିବା ପାଇଁ ନିଷେଧ ରହିଛି। ଏପରିକି ଗଞ୍ଜାମ ମତ୍ସ୍ୟବିଭାଗ ପକ୍ଷରୁ ମଧ୍ୟ ସଚେତନତା କରାଯାଇଛି। ସରକାରଙ୍କ ନିୟମ ମାନି ଓଡ଼ିଶାର ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯାଉ ନାହାନ୍ତି ସତ, କିନ୍ତୁ ସୀମା ପାର ହୋଇ ଆନ୍ଧ୍ରରୁ ଆସି ସାମୁଦ୍ରିକ ସମ୍ପଦ ନେଇଯାଉଛନ୍ତି ସେଠାକାର ମତ୍ସ୍ୟଜୀବୀ। ସେମାନଙ୍କ ଉପରେ ହେଉନାହିଁ କୌଣସି କାର୍ଯ୍ୟାନୁଷ୍ଠାନ, ଏପରିକି ସେମାନଙ୍କୁ ଏଠି ସୁରକ୍ଷା ମଧ୍ୟ ଦିଆଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମତ୍ସ୍ୟଜୀବୀ ନେତା ଏମ. ଦିଲ୍ଲୀପ। ଗଞ୍ଜାମ ଜିଲ୍ଲାରେ ସମୁଦ୍ର ଉପକୂଳବର୍ତ୍ତୀ ୨୭ ଖଣ୍ଡ ସାମୁଦ୍ରିକ ଗାଁ ରହିଛି। ସେମାନଙ୍କ ଜୀବିକା କହିଲେ ଦୈନିକ ସମୁଦ୍ରକୁ ଯାଇ ମାଛ ଧରିଲେ ପରିବାର ଚଳେ। ପାଣିପାଗ ବିଭାଗ ଓ ଏସଆରସି ପକ୍ଷରୁ ରାଜ୍ୟରେ ବର୍ଷା ହେବାକୁ ଥିବାରୁ ସମୁଦ୍ର ଅଶାନ୍ତ ରହିବ, ପବନର ବେଗ ଅଧିକ ରହିବା ସହ ଜୁଆର ମଧ୍ୟ ଅଧିକ ରହିବ ତେଣୁ ମତ୍ସ୍ୟଜୀବୀଙ୍କ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ବାରଣ ରହିଛି। ଯାହାଫଳରେ ସମୁଦ୍ର ଅଶାନ୍ତ ସମେତ ପ୍ରଶାସନିକ ନିୟମକୁ ମାନି ସ୍ଥାନୀୟ ମତ୍ସ୍ୟଜୀବୀ ଜୀବନକୁ ବାଜି ନଲଗାଇ ସମୁଦ୍ରକୁ ଯାଉ ନାହାନ୍ତି, ହେଲେ ଏହାର ସୁଯୋଗ ନେଇ ଆନ୍ଧ୍ରପ୍ରଦେଶର କାକିନଡ଼ା ଅଞ୍ଚଳରୁ ବହୁ ଟ୍ରଲର ଶହ ଶହ ମତ୍ସ୍ୟଜିବିମାନେ ଓଡ଼ିଶା ସୀମା ପାର କରି ଭିତରକୁ ପଶି ଆସି ବେଆଇନ ଭାବେ ମାଛ ଦରି ନେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ସେମାନଙ୍କ ପାଇଁ କ'ଣ ନିୟମ ଅଲଗା ରହିଛି କି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି।

ସେମାନଙ୍କ ବେଆଇନ ପ୍ରବେଶ ଓ ମାଛ ମାରିବା ଘଟଣା ଏବେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ସରକାରୀ ନିୟମ ମାନି ମତ୍ସ୍ୟଜୀବୀମାନେ ନିଜ ନିଜ ଡଙ୍ଗାକୁ କୂଳରେ ବାନ୍ଧି ରଖନ୍ତି। ଆନ୍ଧ୍ରର ମତ୍ସ୍ୟଜୀବୀମାନେ ଶକ୍ତିଶାଳୀ ମୋଟର ଏବଂ ପ୍ରତିବନ୍ଧଜ ଜାଲ



ବ୍ୟାବାହର କରି ଅଳ୍ପ ସମୟ ମଧ୍ୟରେ ପ୍ରଚୁର ମାଛ ଧରି ଚାଲିଯାଆନ୍ତି। ଯେତେବେଳେ ପାଣିପାଗ ସ୍ୱାଭାବିକ ହେବ ସେମାନଙ୍କୁ ଆଶାନୁରୂପ ମାଛ ମିଳୁନାହିଁ। ସେମାନଙ୍କ ରୋଜଗାର ହ୍ରାସ ହେଉଛି। ଯଦି ସେମାନେ ଅଧିକ ଲଘୁଚାପ ହେଲେ ସମୁଦ୍ରରେ ଫସି ଯାଆନ୍ତି ସେତେବେଳେ ପ୍ରଶାସନ ସେମାନଙ୍କ ସୁରକ୍ଷା ଯୋଗାଇ ଦେଇଥାନ୍ତି। ଗତ କିଛି ଦିନ ତଳେ ଆନ୍ଧ୍ରର କାକିନଡ଼ାର ୩୪ଟି ଟ୍ରଲର ଅଶାନ୍ତ ସମୁଦ୍ରରେ ଫସି ଯିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସୁରକ୍ଷା ଦିଆଯାଇଥିଲା କିନ୍ତୁ ଆମେ ଯଦି ବାରଣ ସତ୍ତ୍ୱେ ସମୁଦ୍ରକୁ ଯାଇଥାନ୍ତୁ ତୁରନ୍ତ ଡଙ୍ଗା ଲାଇସେନ୍ସ ବାତିଲ କରାଯାଇଥାନ୍ତା, କାହିଁକି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯଦି ସେମାନେ ବେନିୟମ ଭାବେ ସୀମା ପାର କରି ଆସୁଛନ୍ତି ସେମାନଙ୍କ ବୋଟ୍, ଜାଲ ଏବଂ ମାଛକୁ ଜବତ କରିବାକୁ ଦାବୀ ହୋଇଛି। ମେରାଇନ ପୁଲିସର ପାଟ୍ରୋଲିଂ କଡ଼ାକଡ଼ି କରାଯାଉ। ଓଡ଼ିଶା ସୀମାରେ ଆନ୍ଧ୍ର ବୋଟର କାହିଁକି ଦାଦାଗିରି କାହିଁକି ଚୁପ୍ ପ୍ରଶାସନ ବୋଲି ପ୍ରଶ୍ନ କରିଛନ୍ତି ଆର୍ଯ୍ୟପଲ୍ଲୀ ମତ୍ସ୍ୟଜୀବୀ।

ନୀଳ ସମୁଦ୍ରର ଅଥଳ ଗର୍ଭ କେବଳ ସାମୁଦ୍ରିକ ଜୀବଙ୍କ ବାସସ୍ଥଳୀ ନୁହେଁ, ବରଂ ପକୂଳ ଓଡ଼ିଶାର ହଜାର ହଜାର ମତ୍ସ୍ୟଜୀବୀ ପରିବାରର ଜୀବନ ଓ ଜୀବିକାର ମେରୁଦଣ୍ଡ। କିନ୍ତୁ ଆଜି ଏହି ନୀଳ ସମୁଦ୍ରର ଜଳରାଶି ଉପରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ମାଡ଼ି ଆସୁଛି। ଆନ୍ଧ୍ରପ୍ରଦେଶର ଶତାଧିକ ମତ୍ସ୍ୟଜୀବୀ ଆମ ଅଞ୍ଚଳକୁ ଆସି କୋଟି କୋଟି ଟଙ୍କାର ସାମୁଦ୍ରିକ ସମ୍ପଦ ଲୁଟ୍ କରି ନେଇଯାଉଛନ୍ତି। ଏପରିକି ପଡ଼ୋଶୀ ରାଜ୍ୟ ମତ୍ସ୍ୟଜୀବୀମାନେ ମଧ୍ୟ ସ୍ୱୀକାର କରିଛନ୍ତି ସେମାନେ ୧୫ ଦିନ ହେଲା ଓଡ଼ିଶାର ପୁରୀ ସମେତ ବିଭିନ୍ନ ଅଞ୍ଚଳକୁ ଆସି ମାଛ ଧରିଥାନ୍ତି। ଏପରିକି ଗୋଟିଏ ଗୋଟିଏ ବୋଟରେ ବେଳେ ବେଳେ ୧୦ ଲକ୍ଷରୁ ଅଧିକା ଟଙ୍କାର ମାଛ ପଡ଼ିଥାଏ ବୋଲି କହିଛନ୍ତି। ଓଡ଼ିଶା ସମୁଦ୍ର ଜଳରାଶିରେ ପାଟ୍ରୋଲିଂ କମ୍ ଥିବାରୁ ଏହାର ସୁଯୋଗ ନିଏ ପଡ଼ୋଶୀ ଆନ୍ଧ୍ର। ସ୍ଥାନୀୟ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ କୁହାଯାଉଥିଲେ ସୁଧା ବେଆଇନ ଅନୁପ୍ରବେଶ ଉପରେ ରୋକ ଲଗାଇବାରେ ବିଫଳ। ଯାହାକି ଓଡ଼ିଶା ଜଳସୀମାରେ ଆନ୍ଧ୍ର ଟ୍ରଲରଙ୍କ ରାଜୁତି। ଆନ୍ଧ୍ରର ଏହି ବେଆଇନ ପ୍ରବେଶରେ କେବେ ଜଗିବ ଓଡ଼ିଶା ପ୍ରଶାସନ ତାହା ଦେଖିବାକୁ ବାକି ରହିଲା।



# ୫୦ ନିୟୁତ ମତ୍ସ୍ୟଜୀବୀଙ୍କ ଜୀବିକା ସୁଦୃଢ଼ ହେବ : ରାଜ୍ୟପାଳ

## ଓଡ଼ିଶାର ନୀଳ ଅର୍ଥନୀତି ସମୃଦ୍ଧ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା' ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଭବ୍ୟ ଜାତୀୟସ୍ତରର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର (ଏଲଓଏ)'ର ଜାତୀୟ ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବାବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍ଚ-ମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବିରାଟ ସୁଯୋଗ ଆଣିଦେବ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ।

ଏହି ପବିତ୍ର ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକୁମେଣ୍ଟ (୨୦୨୬-୨୦୩୬)'କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ (ଏନସିଇଏଲ) ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଜାହାଜର ମାଲିକମାନଙ୍କୁ ସ୍ୱତନ୍ତ୍ର ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି, ଯାହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ୍) ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଉଚ୍ଚ-ମୂଲ୍ୟବାନ ମାଛ ଧରିବା ପାଇଁ ଅନୁମତି ମିଳିପାରିବ।

ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଅତି ଚମତ୍କାର ଭାବେ ଓଡ଼ିଆ ଭାଷାରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ ଓଡ଼ିଶାର ସାଂସ୍କୃତିକ ଓ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସର ସ୍ମୃତି ଚାରଣ କରି କହିଥିଲେ, ଓଡ଼ିଶାର ଐତିହାସିକ ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ଏହି ମାଟିର ବୀର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଆଜିର ଏହି ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ସେହି ପୁରାତନ ଗୌରବକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପୁନର୍ଜୀବିତ କରିବାକୁ ଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରି ଉପରାଷ୍ଟ୍ରପତି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଦେଶର ସାମୁଦ୍ରିକ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି, ତାହା ଅଭୁତପୂର୍ବ। ଆମର ମତ୍ସ୍ୟଜୀବୀ ସମୁଦାୟ ନିଜର କଠିନ ପରିଶ୍ରମ ବଳରେ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ଶକ୍ତିଶାଳୀ କରୁଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ସାମୁଦ୍ରିକ ଖାଦ୍ୟ ସମଗ୍ର ଦେଶ ଓ ବିଶ୍ୱକୁ ପ୍ରୋଟିନ୍ ଯୋଗାଇବାରେ ସବୁଠାରୁ ପ୍ରମୁଖ ଉତ୍ସ ସାଜିଛି। ଏହି ପରିପ୍ରେକ୍ଷୀରେ ଆଜିର ବୈଷୟିକ ଓ ବୈଜ୍ଞାନିକ ଅବଦାନ ଆମ ମତ୍ସ୍ୟଜୀବୀ ଭାଇଭଉଣୀମାନଙ୍କ ପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ଲାଭଦାୟକ ସାବ୍ୟସ୍ତ ହେବ। ଶ୍ରୀ ରାଧାକୃଷ୍ଣନ୍ କହିଛନ୍ତି ଯେ, 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫' ଅଧୀନରେ ଅନୁମୋଦନ ପତ୍ର (ଏଲଓଏ) ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତର ଯୋଗ୍ୟ ଅଟେ, ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ।

# ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଆଦେଶକ୍ରମେ ପେନସନ ଦିଅ : ପୂର୍ବ ସଂଗଠନ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଡିଏଲଆର,ଏନଏମଆର ଓ ୱାର୍କଚାର୍ଜଡ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସିଥିବାରୁ ଓସିଏସ(ପି)ରୁଲ୍ସ୧୯୯୨ ନିୟମ ଆଧାରରେ ଏମାନେ ପେନସନ ପାଇବାକୁ ହକଦାର ବୋଲି ପେନସନ ସମ୍ବନ୍ଧୀୟ ବିଭିନ୍ନ ମକଦ୍ଦମାକୁ ହାଇକୋର୍ଟ ବିଚାର କରି ସରକାରଙ୍କୁ ଆଦେଶ ଦେଇଥିଲେ ମଧ୍ୟ ବିଭାଗୀୟ ସଚିବ କୋର୍ଟଙ୍କ ଆଦେଶକୁ ମାନୁ ନାହାନ୍ତି ବୋଲି 'ଓଡ଼ିଶା ପୂର୍ବ ଅବସରପ୍ରାପ୍ତ ୱାର୍କଚାର୍ଜଡ /ରେଗୁଲାର କର୍ମଚାରୀ ସଂଘ ' ଗୁରୁତର ଅଭିଯୋଗ କରିଛି। ସଂଘର ସଭାପତି ଅରୁଣ କେଶରୀ ପରିଡା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ୩୫ ରୁ ୪୦ ବର୍ଷ ସେବା ଦେଇ କର୍ମଚାରୀମାନେ ଚାକିରୀରୁ ଅବସର ଗ୍ରହଣ କରୁଛନ୍ତି। ପେନସନ ପାଇବା ତାଙ୍କର ହକ ପ୍ରାପ୍ୟ ହୋଇଥିଲେ ମଧ୍ୟ ସରକାର ପେନସନ ଦେଉ ନାହାନ୍ତି। ବରଂ ସରକାର ମକଦ୍ଦମା ଖୋର ହୋଇ ପେନସନ ନଦେବା ପାଇଁ ହାଇକୋର୍ଟ ଦେଇଥିବା ପେନସନ ସମ୍ବନ୍ଧୀୟ ଆଦେଶ ବିରୋଧରେ ସୁପ୍ରିମକୋର୍ଟରେ ଏସଏଲପି ରୁଜୁ କରି ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। ଆଉ ମଧ୍ୟ ସରକାର ରୁଜୁ କରିଥିବା ଏସଏଲପିକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେବି ବିଭାଗୀୟ ସଚିବ ପେନସନ ନଦେଇ ବିଭିନ୍ନ ଆଳରେ ସମୟ ଗଡ଼ାଉଛନ୍ତି। ଏପରିକି ସଚିବମାନେ କୋର୍ଟ ଅବମାନନା ମକଦ୍ଦମାର ସମ୍ମୁଖୀନ ହେଉଥିବାରୁ ସରକାରଙ୍କ ପକ୍ଷରୁ ନିଯୁକ୍ତ ସରକାରୀ ଓକିଲ କୋର୍ଟରେ ବାରମ୍ବାର ସମୟ ମାଗିବା ଏହା ମଧ୍ୟ ଏକ ଜ୍ୱଳନ୍ତ ଉଦାହରଣରେ ପରିଣତ ହୋଇଛି। ପେନସନ ସମ୍ବନ୍ଧୀୟ ମାମଲା କୋର୍ଟରେ ରୁଜୁ କରିବା ପାଇଁ ଜଣେ ଆବେଦନକାରୀଙ୍କୁ ଏକାଧିକବାର ମକଦ୍ଦମା କରିବାକୁ ପଡୁଛି। ପ୍ରଥମତଃ, ହାଇକୋର୍ଟଙ୍କ ଆଦେଶକୁ ବିଭାଗୀୟ ସଚିବ ନବ ନିଯୁକ୍ତ ସହାୟକ ବିଧି ନିର୍ଦ୍ଦେଶକଙ୍କ ମତାନୁସାରେ ପ୍ରାୟତଃ ଖାରଜ କରୁଛନ୍ତି। ଦ୍ୱିତୀୟତଃ ହାଇକୋର୍ଟଙ୍କ ଆଦେଶ ବିରୋଧରେ ବିଧି ବିଭାଗର ଅନୁମୋଦନକ୍ରମେ ରିଟ ଅପିଲ ବା ରିଭ୍ୟୁ କରାଯାଉଛି । ସରକାର ନିଜଆଡୁ କରିଥିବା ଅପିଲ ବା ରିଭ୍ୟୁରେ ହାରିବା ପରେ ସୁପ୍ରିମକୋର୍ଟରେ ଏସଏଲପି ରୁଜୁ କରି ମଧ୍ୟ ହାରୁଛନ୍ତି । ଜଣେ କର୍ମଚାରୀ ଚାକିରୀରୁ ଅବସର ନେବା ପରେ ପରିଣତ ବୟସରେ ବଞ୍ଚିବା ପାଇଁ ପେନସନ ପାଇବା ତାର ହକ ପ୍ରାପ୍ୟ ବୋଲି ଅତି କମରେ କୋର୍ଟରେ ପାଞ୍ଚ/ଛ' ଥର ମକଦ୍ଦମାର ସମ୍ମୁଖୀନ ହେବାକୁ ପଡୁଛି। ସେଥିପାଇଁ ମଧ୍ୟ ହଜାର ହଜାର ଟଙ୍କା ଜଣେ କର୍ମଚାରୀକୁ ବ୍ୟୟ କରିବାକୁ ପଡୁଛି। ମକଦ୍ଦମା ଲଢ଼ିବା ଚିନ୍ତାରେ କର୍ମଚାରୀ ଜୀବନ ହରାଇବାକୁ ବାଧ୍ୟ ହେଉଛି। ବିଜେପି ସରକାର ଲୋକପ୍ରିୟ, ବିକାଶମୂଳକ ରାଷ୍ଟ୍ର ଗଠନ କରିବା ପାଇଁ ଯଦି ତତ୍ପର, ବିଭିନ୍ନ ଯୋଜନା କରି ଗରିବ ବର୍ଗର ଲୋକଙ୍କୁ ଯଦି ବଞ୍ଚିବାର ଅଧିକାରକୁ ସାବ୍ୟସ୍ତ କରିପାରୁଛି, ତେବେ ଉପରୋକ୍ତ ବର୍ଗର କର୍ମଚାରମାନେ ପରିଣତ ବୟସରେ ବଂଚିବାର ଅଧିକାରକୁ ସରକାର କାହିଁକି କୁଠାରଘାତ କରୁଛି। ସେମାନଙ୍କ ହକ ପ୍ରାପ୍ୟ ପେନସନ କାହିଁକି ସରକାର ପ୍ରଦାନ କରୁନାହାନ୍ତି, କ'ଣ ପାଇଁ ଉଚ୍ଚ ସ୍ତରୀୟ ବୈଠକ ଡକାଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଉ ନାହାନ୍ତି ବୋଲି ତିରିଶଟି ଜିଲ୍ଲାର ପ୍ରତିନିଧିମାନେ ବିଭିନ୍ନ ପ୍ରଶ୍ନ ଉଠାଇ ସରକାରଙ୍କ ଦୁରୁପଯୋଗ ଆଭିମୁଖ୍ୟ ପ୍ରତି କଡ଼ା ସମାଲୋଚନା କରିଛନ୍ତି। ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଆଦେଶ ପ୍ରତି ସରକାର ବିଚାରଶୀଳ ହୋଇ ଏକ ମାସ ମଧ୍ୟରେ ପେନସନ ପ୍ରଦାନ କରନ୍ତୁ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଆଇନ ମନ୍ତ୍ରୀ ଏ ଦିଗରେ ବିଚାର ବିମର୍ଶ ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ପେନସନ ପ୍ରଦାନ ନିମନ୍ତେ ଏକ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ସଂଘ ଦାବି କରିଛି।

# ଫିଟନେସ୍ ସାର୍ଟିଫିକେଟ୍ ବିନା ଚଳାଚଳ କରୁଥିବା ଗାଡ଼ି ଉପରେ କଡ଼ା ଆକ୍ସନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ବାରମ୍ବାର ଚଳାଚଳ କରୁଥିବା ବାଣିଜ୍ୟିକ ଯାନବାହନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଓଡ଼ିଶା ପରିବହନ କମିଶନର-କମ୍-ଚେୟାରମ୍ୟାନ, ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି। ଜୁଲାଇ ୬, ୨୦୨୬ ତାରିଖରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆରଟିଓ ଓ ଡେପୁଟି କମିଶନର୍ସ ଟ୍ରାନ୍ସପୋର୍ଟଙ୍କୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, କେବଳ ଇ-ଚାଲାଣ କାଟିବାରେ ଏହି ଅଭିଯାନ ସୀମିତ ରହିବ ନାହିଁ। ବରଂ ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଯାନକୁ ଟୋଲ୍ ପ୍ଲାଜାରେ ଅଟକାଇ ଜବତ କରାଯିବ, ମୋଟର ଭେହିକଲ୍ ଆକ୍ଟର ଧାରା ୨୦୭ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ଆରସି ସସ୍ପେନସନ୍ କିମ୍ବା ବାତିଲ୍ ଏବଂ ପରମିଟ୍ ସସ୍ପେନସନ୍ କିମ୍ବା ବାତିଲ୍ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯିବ।

ଇ-ଡିଟେକ୍ସନ୍ ପୋର୍ଟାଲର ୧ ଏପ୍ରିଲ୍ ୨୦୨୬ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତର ତଥ୍ୟ ଅନୁସାରେ, ରାଜ୍ୟର ୩୧ଟି ଟୋଲ୍ ପ୍ଲାଜାରେ ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ଚଳାଚଳ କରୁଥିବା ଗାଡ଼ି ବିରୋଧରେ ମୋଟ ୪୩,୬୯୬ଟି ଇ-ଡିଟେକ୍ସନ୍ ଚାଲାଣ ସୃଷ୍ଟି ହୋଇଛି। ଏଥିରେ ୧୧,୪୦୧ଟି ସ୍ୱତନ୍ତ୍ର ଗାଡ଼ି ସାମିଲ ଥିବାବେଳେ, ୬,୬୩୫ଟି ଗାଡ଼ି ଏକାଧିକ ଥର ଧରାପଡ଼ିଛି। ବାରମ୍ବାର ନିୟମ ଭଙ୍ଗ କରୁଥିବା ଗାଡ଼ି ବିରୋଧରେ ମୋଟ ୩୮,୯୩୦ଟି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୨,୧୯୧ଟି ଗାଡ଼ି ୫ ଥର କିମ୍ବା ତା'ଠାରୁ ଅଧିକ, ୯୬୦ଟି ଗାଡ଼ି ୧୦ ଥର କିମ୍ବା ତା'ଠାରୁ ଅଧିକ,୩୫୯ଟି ଗାଡ଼ି ୨୦ ଥର କିମ୍ବା ତା'ଠାରୁ ଅଧିକ ଏବଂ ୩୭ଟି ଗାଡ଼ି ୫୦ ଥରରୁ ଅଧିକ ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ଧରାପଡ଼ିଛି। କେତେକ ଗାଡ଼ି ୮୨, ୮୦, ୭୯, ୭୬ ଓ ୭୫ ଥର ପର୍ଯ୍ୟନ୍ତ ଧରାପଡ଼ିଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି।

ରିପୋର୍ଟ ଅନୁସାରେ ସର୍ବାଧିକ ଉଲ୍ଲଂଘନ ଚିହ୍ନଟ ହୋଇଥିବା ଟୋଲ୍ ପ୍ଲାଜା ମଧ୍ୟରେ ବାଣ୍ଡାଲୋ-ମଙ୍ଗୁଳି ଟୋଲ୍ ପ୍ଲାଜାରେ ୫,୨୮୧, ପିପିଲିରେ ୪,୮୧୬, ସେରଗଡ଼ରେ ୩,୭୬୯, ଗୁଡ଼ିପଡ଼ା-ଗଙ୍ଗାପଡ଼ାରେ ୨,୮୦୭, ସମ୍ବଲପୁର-ବରଗଡ଼ ଟୋଲ୍ ପ୍ଲାଜାରେ ୨,୩୩୮, ଭଗଡା-ନାରାୟଣପୁରରେ ୨,୧୪୧, କନ୍ଧାରେ ୧,୬୨୯ ଏବଂ ଗୁରାପାଲିରେ ୧,୫୭୯ ମାମଲା ରହିଛି। ପରିବହନ କମିଶନର ସ୍ପଷ୍ଟ କରିଛନ୍ତି ଯେ, ଏହା କୌଣସି ଆକସ୍ମିକ କିମ୍ବା ବିଚ୍ଛିନ୍ନ ଘଟଣା ନୁହେଁ। ବହୁ ଯାନମାଲିକ ଇ-ଚାଲାଣ ପାଇବା ପରେ ମଧ୍ୟ ଫିଟନେସ୍ ସାର୍ଟିଫିକେଟ୍ ନବୀକରଣ ନକରି ସଡ଼କରେ ଗାଡ଼ି ଚଳାଉଛନ୍ତି, ଯାହା ମୋଟର ଭେହିକଲ୍ ଆକ୍ଟର ଉଲ୍ଲଂଘନ ସହ ସଡ଼କ ସୁରକ୍ଷା ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ସୁପ୍ରିମକୋର୍ଟଙ୍କ ପରମେଶ ଭାସିନ - କେନ୍ଦ୍ର ସରକାର ମାମଲାର ରାୟକୁ ଦର୍ଶାଇ କୁହାଯାଇଛି ଯେ, କେବଳ ଚାଲାଣ କାଟିବା ଦ୍ୱାରା ଅପରାଧର ଅବସାନ ଘଟେନାହିଁ ଏବଂ ଏହା ଗାଡ଼ିକୁ ସେହି ଅବୈଧ ଅବସ୍ଥାରେ ଚଳାଚଳ କରିବାର ଅନୁମତି ମଧ୍ୟ ଦିଏ ନାହିଁ। ନୂତନ ନିର୍ଦ୍ଦେଶ ଅନୁସାରେ, ୧୦ ଥର କିମ୍ବା ତା'ଠାରୁ ଅଧିକ ଧରାପଡ଼ିଥିବା ଗାଡ଼ି ବିରୋଧରେ ୭ ଦିନ, ୫ରୁ ୯ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୧୫ ଦିନ, ଏବଂ ୨ରୁ ୪ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୩୦ ଦିନ ମଧ୍ୟରେ ନୋଟିସ୍ ଜାରି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସାରିବାକୁ ଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟୋଲ୍ ପ୍ଲାଜାରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ୍ କରାଯିବ ଏବଂ ଧରାପଡୁଥିବା ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍, ଆରସି, ପରମିଟ୍, ବୀମା ଓ ଟ୍ୟାକ୍ସ ସ୍ଥିତି ତୁରନ୍ତ ଯାଞ୍ଚ କରାଯିବ। ଫିଟନେସ୍ ସାର୍ଟିଫିକେଟ୍ ନଥିଲେ ଗାଡ଼ିକୁ ଧାରା ୨୦୭ ଅନୁଯାୟୀ ଜବତ କରାଯିବ ଏବଂ ବୈଧ ଦସ୍ତାବେଜ ଦାଖଲ ନକରିବା ପର୍ଯ୍ୟନ୍ତ ମୁକ୍ତ କରାଯିବ ନାହିଁ।

ଏହାଛଡ଼ା ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଯାନର ରେଜିଷ୍ଟ୍ରେସନ୍ ସସ୍ପେନ୍ସନ୍ କିମ୍ବା ବାତିଲ ପାଇଁ ମୋଟର ଭେହିକଲ୍ ଆକ୍ଟର ଧାରା ୫୩, ୫୪ ଓ ୫୫ ଅନୁଯାୟୀ ପଦକ୍ଷେପ ଏବଂ ପରିବହନ ଯାନର ପରମିଟ୍ ସସ୍ପେନ୍ସନ୍ କିମ୍ବା ବାତିଲ୍ ପାଇଁ ଧାରା ୮୬ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ କୁହାଯାଇଛି। ଅନ୍ୟ ରାଜ୍ୟର ଗାଡ଼ି ହେଲେ ସଂପୃକ୍ତ ରାଜ୍ୟର ପରିବହନ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସୂଚନା ପଠାଇବାକୁ ନିର୍ଦ୍ଦେଶ ରହିଛି।

ପରିବହନ କମିଶନର କହିଛନ୍ତି, ଇ-ଡିଟେକ୍ସନ୍ ବ୍ୟବସ୍ଥାର ଉଦ୍ଦେଶ୍ୟ କେବଳ ଚାଲାଣ କାଟିବା ନୁହେଁ, ବରଂ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା। ତେଣୁ ବାରମ୍ବାର ଫିଟନେସ୍ ସାର୍ଟିଫିକେଟ୍ ବିନା ଚଳାଚଳ କରୁଥିବା ଯାନ ବିରୋଧରେ ସମସ୍ତ ଆରଟିଓ ଏବଂ ଏନଫୋର୍ସମେଣ୍ଟ ଅଧିକାରୀ ତୁରନ୍ତ ଏବଂ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଡ଼ାନାସୀ କୃଷକ ବଜାର ଅଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ କଟକଣା

**କଟକ,ନ୍ୟୁଜ୍‌ବ୍ୟୁରୋ**

କଟକ ସଦର ତହସିଲ ଅନ୍ତର୍ଗତ ବିଡାନାସୀ କୃଷକ ବଜାର ଓ ବିଡାନାସୀ ପୁଲିସ ଷ୍ଟେସନ ଅଞ୍ଚଳରେ ଭାରୀ ବାଣିଜ୍ୟିକ ଯାନ ଓ ଅନ୍ୟାନ୍ୟ ଭାରୀ ଯାନର ନିୟମିତ ଚଳାଚଳ ଯୋଗୁଁ ସାଧାରଣ ଜନତା, ସ୍ଥାନୀୟ ବାସିନ୍ଦା ଓ କୃଷକ ବଜାରକୁ ଆସୁଥିବା ବ୍ୟବସାୟୀ ଓ ଦୈନିକ ବଜାର କରିବାକୁ ଆସୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦ୍ରୁତ ଗତିରେ ତଥା ବିପଦଜନକ ଭାବେ ଭାରୀ ଯାନ ଚଳାଚଳ କାରଣରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି ଏବଂ ଯାତାୟାତ ବାଧାପ୍ରାପ୍ତ ହେଉଛି। ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଆର.ଟି.ଏ. ଅଧ୍ୟକ୍ଷ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ , ମୋଟର ଯାନ ଆଇନ, ୧୯୮୮ ଓ ଓଡ଼ିଶା ମୋଟର ଯାନ ନିୟମାବଳୀ, ୧୯୯୩ ଅନୁଯାୟୀ ବିଡାନାସୀ କୃଷକ ବଜାର ଭିତର ରାସ୍ତାରେ ଭାରୀ ବାଣିଜ୍ୟିକ ଯାନ ଓ ଅନ୍ୟ ସମସ୍ତ ଭାରୀ ଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ଏହି କଟକଣା ଅନୁଯାୟୀ କୃଷକ ବଜାର ଭିତର ରାସ୍ତାରେ ବାଣିଜ୍ୟିକ ଭାରିଯାନ ସମେତ ଅନ୍ୟ କୌଣସି ଭାରିଯାନ ଚଳାଚଳ ବନ୍ଦ ରହିବ। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଭାରୀ ଯାନଗୁଡ଼ିକ ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ଏହି ଅଞ୍ଚଳରେ ଆବଶ୍ୟକୀୟ ସୂଚନା ଫଳକ, ସତର୍କ ସୂଚନା ବୋର୍ଡ ଓ ଟ୍ରାଫିକ ସଙ୍କେତ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଟକଣା ୦୮ ଜୁଲାଇ, ୨୦୨୬ ସକାଳ ୫ ଘଟିକା ଠାରୁ ୦୭ ଅଗଷ୍ଟ, ୨୦୨୬ ପର୍ଯ୍ୟନ୍ତ( ୨୪ ଘଣ୍ଟିଆ ) ବଳବତ୍ତର ରହିବ। ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଓ କୃଷକ ବଜାରରେ ସୁରୁଖୁରୁରେ ବ୍ୟବସାୟ ପରିଚାଳନା ପାଇଁ ସମସ୍ତ ଚାଳକ ଓ ସାଧାରଣ ଲୋକଙ୍କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

**ଆଶୀର୍ବାଦ ଯୋଜନାରେ ଆର୍ଥୀକ ସହାୟତା ପ୍ରସଙ୍ଗ**

# କୋଭିଡ୍‌ରେ ଅନାଥ ହୋଇଥିବା ପିଲାଙ୍କ ଭତ୍ତା ମିଳିବ କେବେ: ବିଜେଡି

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

କୋଭିଡ ମହାମାରୀ ସମୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ବାପାମାଆ ଛେଉଣ୍ଡ ପିଲାମାନେ ଗତ ମାର୍ଚ୍ଚ ମାସରୁ ଆର୍ଥୀକ ସହାୟତା ପାଇନାହାନ୍ତି। ବୟସ୍କ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନରେ ବିଫଳ ହୋଇଥିବା ସରକାର, ଛୋଟ ଛୋଟ ଅନାଥ ଶିଶୁଙ୍କ ପ୍ରତି ମଧ୍ୟ ଅମାନବୀୟ ଭାବେ ମାସିକ ଭତ୍ତା ଦେବାରେ ବିଫଳ ହେବାକୁ ନେଇ ବିଜେଡି ନିନ୍ଦା କରିଛି।

ଏକ ପ୍ରେସ୍ ବିବୃତ୍ତିରେ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି, କୋଭିଡ ମହାମାରୀ ସମୟରେ ରାଜ୍ୟର ୫୦ ହଜାରରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଶିଶୁ ନିଜ ବାପାମାଆଙ୍କୁ ହରାଇ ଅନାଥ ହେଉଥିଲେ। ସେମାନଙ୍କ ଲାଳନପାଳନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଶୀର୍ବାଦ ଯୋଜନା ପ୍ରଚଳନ କରି ରାଜ୍ୟ ସରକାରଙ୍କ ତରଫରୁ ମାସିକ ଆର୍ଥୀକ ସହାୟତା ପ୍ରଦାନର ବ୍ୟବସ୍ଥା କରିଥିଲେ। କୋଭିଡରେ ଉଭୟ ବାପାମାଆଙ୍କୁ ହରାଇଥିବା ପିଲାମାନେ ମାସିକ ୨.୫ ହଜାର ଏବଂ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିଲେ ମାସିକ ୧.୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଏହି ମାସିକ ସହାୟତା ଅର୍ଥ ଅନାଥ ଶିଶୁମାନଙ୍କୁ ଲାଳନପାଳନ କରୁଥିବା ତାଙ୍କ ସଂପର୍କୀୟ ବା ସେ ରହୁଥିବା ଅନୁଷ୍ଠାନଙ୍କୁ ସିଧାସଳଖ ଆକାଉଣ୍ଟ ପ୍ରଦାନ କରାଯାଉଥିଲା। ଗତ ମାର୍ଚ୍ଚ ମାସଠାରୁ ଏହି ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରା ନ ଯିବାରୁ ଏହି ପିଲାମାନଙ୍କ ଲାଳନ ପାଳନରେ ଘୋର ସଂକଟ ସୃଷ୍ଟି ହେଉଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାରୀ ସହାୟତା ବନ୍ଦ ହୋଇଥିବାରୁ ବର୍ତ୍ତମାନ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ସରକାର ତୁରନ୍ତ ବକେୟା ଅର୍ଥ ରାଶି ସହ ମାସିକ ଭତ୍ତା ପ୍ରଦାନ କରିବାକୁ ବିଜେଡି ଦାବି କରିଛି।

# କଟକରେ ଜୋରଦାର ହେଉଛି ଗାଡ଼ି ଚେକିଂ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକରେ ଗାଡ଼ି ଚେକିଂ ଜୋରଦାର। ବିନା ଫିଟନେସର ଗାଡ଼ି, ବୀମା ଓ ବିନା ପରମିଟ୍‌ରେ ଚାଲୁଥିବା ଗାଡ଼ିକୁ ଜବତ କରିବାକୁ ଏସଟିଏ ନିର୍ଦ୍ଦେଶ ପରେ କଡ଼ାକଡ଼ି ଚେକିଂ। ଏ ପର୍ଯ୍ୟନ୍ତ ୫୬ ଗାଡ଼ି ଜବତ କରିଛି କଟକ ଆରଟିଓ। ଅଟୋ, ଟ୍ରାକ୍ଟର, ବାଇକ୍, ମାଲବୁହା ଗାଡି ଜବତ କରାଯାଇଛି। ଉଭୟ କମର୍ସିଆଲ ଓ ଘରୋଇ ଗାଡ଼ିକୁ ଚେକିଂ କରାଯାଉଛି। ଯେଉଁ ଗାଡ଼ି ଫିଟନେସ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ଗାଡ଼ିକୁ ଜବତ କରାଯାଉଛି । ଅଭ୍ୟାସଗତ ଉଲଙ୍ଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଏସଟିଏ। ଏକାଧିକଥର ଏହି ନିୟମ ଉଲ୍ଲଂଘନ କରିଥିବା ଗାଡ଼ିଗୁଡ଼ିକୁ ଜବତ କରିବାକୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ପରିବହନ ପ୍ରାଧିକରଣ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଟି କୋଟି ...

ମଧୁସେବିତ ଦାସଙ୍କୁ ଇ-ମେଲ ପଠାଇଥିଲେ। ଜିବିସି ଚେୟାରମ୍ୟାନ୍ ପଦବୀରେ ନୂଆ କରି ଅବସ୍ଥାପିତ ହୋଇଥିବାରୁ, ଅନ୍ତତଃ ସେ ଶାସ୍ତ୍ରୀୟ ବିଧିବିଧାନ ଏବଂ କୋଟି କୋଟି ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଗତବର୍ଷ ୧୯ ତାରିଖରେ ତତ୍କାଳୀନ ଜିବିସି ଚେୟାରମ୍ୟାନ୍ ରଖିଥିବା ଜବାବ ଉପରେ ପୁନର୍ବିଚାର କରିବେ ବୋଲି ବିଶ୍ୱାସ ଥିଲା। ସେଇ କଥା ହିଁ ଚିଠିରେ ଉଲ୍ଲେଖ କରି ଗଜପତି ମହାରାଜା, ଉକ୍ତ ଫଇସଲା ଉପରେ ପୁନର୍ବିଚାର କରି ଶାସ୍ତ୍ର ଓ ମୂଳପୀଠର ରଥଯାତ୍ରା ପରମ୍ପରାକୁ ଅନୁକରଣ କରିବାକୁ ନିବେଦନ କରିଥିଲେ। ଶେଷରେ ସେ ମଧ୍ୟ ନିରାଶ କରିଛନ୍ତି।

### ଭାରତ-ଅଷ୍ଟ୍ରେଲିଆ...

ସୁରକ୍ଷା ଓ ଡିଜିଟାଲ୍ ସ୍ଥିତିସ୍ଥାପକତା କ୍ଷେତ୍ରରେ ମିଳିତ ଗବେଷଣା ଏବଂ ପ୍ରଯୁକ୍ତି ସହଯୋଗକୁ ବଢ଼ାଯିବ। ଏହି ଚୁକ୍ତିଗୁଡ଼ିକ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ସହ ଇଣ୍ଡୋ-ପ୍ରଶାନ୍ତ ଅଞ୍ଚଳରେ ଉଭୟ ଦେଶର କୌଶଳଗତ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

### ୧୧ରେ ଜଳାବତରଣ...

ମହେନ୍ଦ୍ରଗିରି ନୌସେନାରେ ସାମିଲ ପରେ ଭାରତର ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ। ଭାରତୀୟ ନୌସେନାର ଷଷ୍ଠ ପ୍ରୋଜେକ୍ଟ ୧୭ଇ ଷ୍ଟେଲ୍ଥ ଫ୍ରିଗେଟ୍ 'ମହେନ୍ଦ୍ରଗିରି' ନିର୍ମାଣରେ ପ୍ରାୟ ୭୫ ପ୍ରତିଶତ ସ୍ୱଦେଶୀ ଉପକରଣ ଓ ପ୍ରଯୁକ୍ତି ବ୍ୟବହାର କରାଯାଇଛି। ଏହା 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆହୁରି ସୁଦୃଢ଼ କରିବା ସହ ଭାରତୀୟ ନୌସେନାର ସାମୁଦ୍ରିକ ସୁରକ୍ଷା କ୍ଷମତାକୁ ମଧ୍ୟ ଅଧିକ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି।

### ବିକଶିତ ଭାରତ ...

ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଥିବା ବେଳେ ବିଜ୍ଞାନର ସାମର୍ଥ୍ୟ ହିଁ ଏହାର ସ୍ଥାୟୀ ସମାଧାନ ବାହାର କରିପାରିବ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ବୈଜ୍ଞାନିକ ଦକ୍ଷତା ଏବେ କୌଣସି ବିକଳ୍ପ ନୁହେଁ, ବରଂ ଏହା ଆମ ପ୍ରଗତିର ମୂଳଦୁଆ। ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ଜିଜ୍ଞାସାକୁ ସଦାସର୍ବଦା ଜାଗ୍ରତ ରଖି ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ସହ ନିଜ ଜ୍ଞାନକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଜି ଆପଣମାନେ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପାଉନାହାନ୍ତି, ବରଂ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱକୁ ନିଜ କାନ୍ଧକୁ ନେଉଛନ୍ତି। ବିଶ୍ୱରେ ସମସ୍ତ ସମସ୍ୟାର ସମାଧାନ କେବଳ ବିଜ୍ଞାନ ମାଧ୍ୟମରେ ହିଁ ସମ୍ଭବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ନାତକମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଆଜି ଉତ୍ତୀର୍ଣ୍ଣ ହେଉଥିବା ଯୁବପିଢ଼ି ବିଜ୍ଞାନ, ଗବେଷଣା ଏବଂ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ବିଶେଷ ଅବଦାନ ରଖୁଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଗତି ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ। ଆମର ଯୁବ ଗବେଷକ ଓ ସ୍ନାତକମାନେ କେବଳ ଡିଗ୍ରୀ ହାସଲ କରିନାହାନ୍ତି, ବରଂ ଦେଶର ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି । ସେ ଆହୁରି କହିଥିଲେ ଯେ, ଆମର ଯୁବ ବୈଜ୍ଞାନିକମାନେ ସେମାନଙ୍କର ଜ୍ଞାନକୁ ସମାଜର ତୃଣମୂଳ ସ୍ତରର ସମସ୍ୟାର ସମାଧାନ ପାଇଁ ବିନିଯୋଗ କରିବା ଉଚିତ୍। ଅନୁଷ୍ଠାନର ଶିକ୍ଷାଦାନର ପଦ୍ଧତି ଓ ଗବେଷଣା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଥିବାରୁ ସେ ଏହାକୁ ପ୍ରଶଂସା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାଇଜରକୁ ଏକ ଅନନ୍ୟ ଅନୁଷ୍ଠାନ ଭାବେ ବର୍ଣ୍ଣନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ଏହି କ୍ୟାମ୍ପସକୁ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏବଂ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଗସ୍ତ କରିବା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷାରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ପାଉଥିବା ବିଷୟରେ ସୂଚନା ଦେଇ ନାଇଜର ଭୁବନେଶ୍ୱରରେ ଏହି ହାର ୪୦ ପ୍ରତିଶତ ଛୁଇଁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଦେଶର ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ପ୍ରମାଣପତ୍ର ଗ୍ରହଣ କରିବା ପ୍ରତ୍ୟେକ ସ୍ନାତକଙ୍କ ପାଇଁ ଏକ ଚିରସ୍ମରଣୀୟ ମୁହୂର୍ତ୍ତ। ଏହା କେବଳ ପ୍ରମାଣପତ୍ର ବାଣ୍ଟିବାର ଦିବସ ନୁହେଁ, ବରଂ ଏକ ଗୌରବମୟ ସେବା ଓ ପରମ୍ପରାକୁ ଆଗାମୀ ପିଢ଼ିର ହାତରେ ସମର୍ପଣ କରିବାର ଏକ ପବିତ୍ର ଅବସର। ଏହି ଉତ୍ସବରେ ପରମାଣୁ ଶକ୍ତି ବିଭାଗର ସଚିବ ଡ. ଅଜିତ କୁମାର ମହାନ୍ତି, ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ ଏବଂ ଅନୁଷ୍ଠାନର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

### ମଧ୍ୟରାତ୍ରିରେ ଗର୍ଜିଲା...

ଅଧିକାରୀମାନେ କହିଛନ୍ତି ଯେ, ଆକ୍ରମଣରେ ବିମାନବନ୍ଦରର ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏପ୍ରିଲ ମାସ ପରେ ପ୍ରଥମ ଥର ଆମେରିକା ଇରାନରେ ସେତୁଗୁଡ଼ିକୁ ଟାର୍ଗେଟ କରିଛି। ଉତ୍ତର- ପୂର୍ବ ଗୋଲେସ୍ତାନ ପ୍ରଦେଶର ଏକ ରେଳ ସେତୁ ଉପରେ ଆକ୍ରମଣ ହୋଇଥିବା ଇରାନ ଜାତୀୟ ଗଣମାଧ୍ୟମ ରିପୋର୍ଟ କରିଛି। ଅନ୍ୟପକ୍ଷରେ ମସହଦକୁ ଯାଉଥିବା ଦୁଇଟି ସେତୁକୁ ଟାର୍ଗେଟ କରାଯାଉଥିବା ଆଇଆରଜିସି କହିଛି।

### ଲଘୁଚାପ ପ୍ରଭାବ...

ଧରଣର ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ବୌଦ୍ଧ ଓ ମୟୂରଭଞ୍ଜ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ଓ ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

### ଭାରତରେ ଲଞ୍ଚ୍ ...

ପଡ଼େ। ଏହାଦ୍ୱାରା ସେମାନଙ୍କ ରକ୍ତ ଶର୍କରରା ନିୟନ୍ତ୍ରଣାଧୀନ ରହିପାରେ। ନୋଭୋ ନୋରଡିସ୍କ କହିଛି, ଭାରତରେ ପ୍ରତିଦିନ ଇଞ୍ଜେକ୍ସନ୍ ନେବାର ଭୟ ଯୋଗୁ ଇନସୁଲିନ୍ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଏହି ଭୟ ଯୋଗୁ ମଧୁମେହ ରୋଗୀମାନେ ସାଧାରଣତଃ ୭ରୁ ୯ ବର୍ଷ ବିଳମ୍ବରେ ଇନସୁଲିନ୍ ଚିକିତ୍ସା ଆରମ୍ଭ କରୁଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି। ଭାରତରେ ବର୍ତ୍ତମାନ ପ୍ରାୟ ୧୦.୧ କୋଟି ଲୋକ ଡାଇବେଟିସ୍‌ରେ ପୀଡ଼ିତ ଥିବା ବେଳେ ଆଉ ୧୩.୬ କୋଟି ଲୋକ ପ୍ରି-ଡାଇବେଟିସ୍ ଅବସ୍ଥାରେ ଅଛନ୍ତି। ଦେଶରେ ୯ ଲକ୍ଷରୁ ଅଧିକ ଲୋକ ଟାଇପ୍-୧ ଡାଇବେଟିସ୍‌ରେ ପୀଡ଼ିତ। ଏହାର ଚିକିତ୍ସା ପାଇଁ ଇନସୁଲିନ ଥେରାପୀ ଆବଶ୍ୟକ। ସେହିପରି ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତଙ୍କୁ ମଧ୍ୟ ଇନସୁଲିନ୍ ଆବଶ୍ୟକ ହୁଏ। ଭାରତରେ ସବୁଠାରୁ ଅଧିକ ବିକ୍ରି ହେଉଥିବା ୫ଟି ଇନସୁଲିନ୍ ବ୍ରାଣ୍ଡ ମଧ୍ୟରୁ ୪ଟି ନୋଭୋ ନୋରଡିସ୍କ ଦ୍ୱାରା ନିର୍ମିତ। ଏହା ମଧ୍ୟରେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା ମିକ୍ସଟାର୍ଡ ଓ ରାଇଜୋଡେଗ୍ ରହିଛି। ପ୍ରତିଦିନ ନିଆଯାଉଥିବା ପାରମ୍ପରିକ ଇନସୁଲିନ୍ ବଦଳରେ ଆୱିକ୍ଲିକୁ ସପ୍ତାହକୁ ମାତ୍ର ଥରେ ଫ୍ଲେକ୍ସଟଚ୍ ପେନ୍ ଡିଭାଇସ୍ ମାଧ୍ୟମରେ ଦିଆଯିବ। ଏହା ଫଳରେ ଚିକିତ୍ସା ପ୍ରଣାଳୀ ସହଜ ହେବ ଓ ଇନସୁଲିନ୍ ଆରମ୍ଭ କରିବାକୁ ଭୟ କରୁଥିବା ରୋଗୀମାନେ ମଧ୍ୟ ଶୀଘ୍ର ଚିକିତ୍ସା ଆରମ୍ଭ କରିପାରିବେ। ଅନୱାର୍ଡ୍ସ- ୧ କ୍ଲିନିକାଲ୍ ପରୀକ୍ଷାର ତଥ୍ୟ ଅନୁଯାୟୀ, ଆୱିକ୍ଲି ପ୍ରତିଦିନ ଦିଆଯାଉଥିବା ଇନସୁଲିନ୍ ଗ୍ଲାର୍ଜିନ୍ ଟ୧୦୦ ତୁଳନାରେ ରକ୍ତରେ ଦୀର୍ଘମିଆଦୀ ଶର୍କରା ଅଧିକ କମାଇବାରେ ସଫଳ ହୋଇଛି। ଏହା ସହ ରୋଗୀଙ୍କ ରକ୍ତରେ ଶର୍କରା ନିୟନ୍ତ୍ରିତ ରହିବା ସମୟ ମଧ୍ୟ ବଢ଼ିଛି। ଏହା ମଧ୍ୟ ବେଶ ସୁରକ୍ଷିତ। କମ୍ପାନୀର ଭାରତ ମୁଖ୍ୟ ନିର୍ଦ୍ଦେଶକ ବିକ୍ରାନ୍ତ ଶ୍ରୋତ୍ରିୟା କହିଛନ୍ତି, ଏହି ଲଞ୍ଚ ଭାରତର ଡାଇବେଟିସ୍ ଚିକିତ୍ସା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ। ସପ୍ତାହକୁ ଥରେ ଇନସୁଲିନ୍ ନେବା ବ୍ୟବସ୍ଥା ରୋଗୀଙ୍କ ମାନସିକ ଓ ଶାରୀରିକ ଚାପକୁ କମାଇବ।

# ମେଡ଼ିକାଲ ଯିବା ବାଟରେ ଖରାପ ହେଲା ଆମ୍ବୁଲାନ୍ସ: ଚାଲିଗଲା ନାବାଳିକାଙ୍କ ଜୀବନ

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ତୁଳାପଡାର ରିୟା ନାଏକ (୧୧) ନାମକ ଜଣେ ଛାତ୍ରୀଙ୍କୁ ପେଟ ଯନ୍ତ୍ରଣା ହେବାରୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଗୁରୁତର ହେବାରୁ ତାଙ୍କୁ ଅକ୍ସିଜେନ ଲଗାଇ ୧୦୮ ଆମ୍ବୁଲାନ୍ସ ଜରିଆରେ ଭବାନୀ ପାଟଣା ଜିଲ୍ଲା ମୁଖ୍ୟ ମେଡିକାଲକୁ ନିଆ ଯାଉଥିଲା। ହେଲେ ବାଟରେ ପଞ୍ଚର ହେବାରୁ ୧୦୮ ଆମ୍ବୁଲାନ୍ସଟି ଅଟକି ଯାଇଥିଲା। ତେବେ ଦୁର୍ଭାଗ୍ୟବଶତ ଆମ୍ବୁଲାନ୍ସର ଜରୁରୀକାଳୀନ ଷ୍ଟେୟାର ଚକ ମଧ୍ୟ ପୂର୍ବରୁ ଖରାପ ରହିଥିଲା। ଯାହାଫଳରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗୁରୁତର ରୋଗୀ ରିୟା ସେଠାରେ ୩ ଘଣ୍ଟା ଧରି ଅଟକି ରହିଥିଲେ। ପରେ ଭବାନୀପାଟଣାରୁ ଆଉ ଏକ ଆମ୍ବୁଲାନ୍ସ ଜରିଆରେ ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ରିୟାଙ୍କୁ ମୃତ ଘୋଷଣା କରିଥିଲେ।

# ଗଣିତରେ ପିଏଚ୍‌ଡି ହାସଲ କଲେ ପ୍ରଫେସର ଡ. ଅମରେନ୍ଦ୍ର କୁମାର ପଟ୍ଟନାୟକ

**କପ୍ତିପଦା, ନ୍ୟୁଜ୍‌ବ୍ୟୁରୋ**



କପ୍ତିପଦାସ୍ଥିତ ନୂଆସାହି କଲେଜର ଗଣିତ ବିଭାଗର ଅଧ୍ୟାପକ ପ୍ରଫେସର ଡ. ଅମରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଇନ୍ଦୋରସ୍ଥିତ ଡ. ଏ.ପି.ଜେ. ଅବଦୁଲ କଲାମ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଣିତ ବିଷୟରେ ସମ୍ମାନଜନକ ପିଏଚ୍.ଡି. ଉପାଧି ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ଶିକ୍ଷାଜଗତ ସହ ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ସୃଷ୍ଟି କରିଛି।

ଡ. ପଟ୍ଟନାୟକ ବିନିମୟଶୀଳ ରିଙ୍ଗ ଉପରେ ସଂଜ୍ଞାପିତ କ୍ଲାସିକାଲ୍ ଗ୍ରୁପ୍‌ମାନଙ୍କର ନିଲପୋଟେଣ୍ଟ ଉପଗ୍ରୁପଗୁଡ଼ିକ ଶୀର୍ଷକ ଗବେଷଣା ବିଷୟ ଉପରେ ସଫଳ ଅନୁସନ୍ଧାନ କରି ଏହି ଉଚ୍ଚ ଶିକ୍ଷାଗତ ସଫଳତା ଅର୍ଜନ କରିଛନ୍ତି। ତାଙ୍କର ଏହି ଗବେଷଣା ସ୍ୱାମୀ ବିବେକାନନ୍ଦ ପି.ଜି. କଲେଜ, ନରସିଂହପୁରର ପ୍ରଫେସର ଡ. ଅନିମେଶ କୁମାର ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା।

ତାଙ୍କର ଗବେଷଣା ସନ୍ଦର୍ଭ ଭାଭା ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଶ୍ୟାମ ପାଟକରଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଛି, ଯାହା ତାଙ୍କର ଗବେଷଣାର ମାନ ଓ ମୌଳିକତାର ପ୍ରମାଣ ବହନ କରେ।

ଡ. ପଟ୍ଟନାୟକ ନିଜର ଏହି ସଫଳତାର ଶ୍ରେୟ ଭଗବାନ ଶ୍ରୀ ଗୋପାଳଜୀଙ୍କ ଆଶୀର୍ବାଦକୁ ଅର୍ପଣ କରିବା ସହ ପିତା ପୀତାମ୍ବର ପଟ୍ଟନାୟକ, ମାତା କୁମୁଦିନୀ ପଟ୍ଟନାୟକ ଏବଂ ସମଗ୍ର ପରିବାରର ନିରନ୍ତର ପ୍ରେରଣା ଓ ସହଯୋଗ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଡ. ପଟ୍ଟନାୟକ ଜେଇଇ ପରୀକ୍ଷାର୍ଥୀମାନଙ୍କ ପାଇଁ ରଚିତ 'ଫାଉଣ୍ଡେସନ ଅଫ ମ୍ୟାଥମେଟିକ୍ସ' ପୁସ୍ତକର ଲେଖକ ଭାବେ ସାରା ଦେଶର ଛାତ୍ରଛାତ୍ରୀଙ୍କ ନିକଟରେ ପରିଚିତ। ତାଙ୍କର ଏହି ପୁସ୍ତକ ଗଣିତ ଶିକ୍ଷା କ୍ଷେତ୍ରରେ ବିଶେଷ ଲୋକପ୍ରିୟତା ହାସଲ କରିଛି।

ଡ. ପଟ୍ଟନାୟକଙ୍କ ଏହି ଗୌରବମୟ କୃତିତ୍ୱ ପାଇଁ ଆଇ.ଟି.ଏସ୍.ର ଚେୟାରମ୍ୟାନ୍ ତପନ ବିହାରୀ ଭଞ୍ଜ ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଗବେଷଣା ଏବଂ ଶିକ୍ଷା କ୍ଷେତ୍ରରେ ଆହୁରି ଅନେକ ସଫଳତା ଅର୍ଜନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated 06.07.2026.
1. **REPESH KUMAR SUNA,** permanent resident At- Dolamandap Sahi, Po/Ps- Debagarh, Dist- Debagarh, Odisha-768108, declare that I have changed my name from **RUPESH KUMAR SUNA** to **REPESH KUMAR SUNA** Henceforth, I shall be known as **REPESH KUMAR SUNA** for all purposes.

**Repesh Kumar Suna**

**GOVERNMENT OF ODISHA**
(e-PROCUREMENT NOTICE)
OFFICE OF THE SUPERINTENDING ENGINEER,
G.P.H DIVISION NO. I, BHUBANESWAR, ODISHA,
INVITATION FOR BIDS (IFB)

13001/1134/2627

Bid Identification No. **SEGPH1BBSR-02 of 2026-27 Dt. 08.07.2026**

The **Superintending Engineer, G.P.H. Division No-I, Bhubaneswar** on behalf of Governor of Odisha invites **percentage rate** bid in single cover system to be received in **online mode** only for the works detailed in the table below.

| Sl. No. | Name of the Work | Value of the Work (Rs) | Concerned T.I.A | Security Amount (Rs.) (Online) | Cost of Bid Document (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair and renovation of Girl's toilet, drainage system and water line connection at Odisha Adarsh Vidyalaya, Tingiria under Raruan Block in Mayurbhanj District (PH Works) | 24,62,727.00 | E.E., GPH Division No-I, Bhubaneswar | 24,630.00 | 6000.00 | "B" & "C" Class | 02 (Two) Months |

04 Date & Time of availability of bid document In the portal : From 11.00 Hrs. of 17.07.2026 to 17.00 Hrs. of 29.07.2026
05 Last date of bids in the portal : UP TO 17.00 Hrs. of 29.07.2026
06 Date & Time of opening of bids : At 14.30 Hrs. of 30.07.2026
07 Name and Address of the Officer Inviting Bid : Superintending Engineer, G.P.H. Division-I, Bhubaneswar
Further details can be seen from the e-Procurement portal "https://www.tendersodisha.gov.in"

Sd/- (Er. Sudhanshu Shekhar nayak)
Executive Engineer
G.P.H. Division No-I, Bhubaneswar

OIPR-13001/13218/1/26-27/0003

ଭୁବନେଶ୍ୱର, ୧୦ ଜୁଲାଇ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଖାତାକୁ ଫେରିଲା ସତ୍ୟବାଦୀ ତହସିଲର ୬୯୩ ଏକର ଜମି

ପୁରୀ,୯।୭

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ଏବଂ ମାର୍ଫତଦାରଙ୍କ ନାମରେ ରେକର୍ଡ଼ଭୁକ୍ତ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କାର୍ଯ୍ୟରେ ଆଉ ଏକ ସଫଳତା ମିଳିଛି। ଏହିକ୍ରମରେ ସତ୍ୟବାଦୀ ତହସିଲରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ରେକର୍ଡଭୁକ୍ତ ଜମିର ଅରିଜିନାଲ୍ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ସଂଶୋଧନ କାର୍ଯ୍ୟ କରାଯାଇଛି। ସତ୍ୟବାଦୀ ତହସିଲରେ ମୋଟ ୩୮ଟି ଖାତାର ରେକର୍ଡ ସଂଶୋଧନ କରାଯାଇଛି। ଯାହା ଫଳରେ ସତ୍ୟବାଦୀର ବିଭିନ୍ନ ମୌଜା ଅନ୍ତର୍ଗତ ମୋଟ ୬୯୩.୧୦୬ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଭାବେ ଏହି ଜମି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହୋଇଛି।



ସତ୍ୟବାଦୀ ତହସିଲଦାର ଏହି ସମ୍ପର୍କିତ ଏକ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ପୂର୍ବରୁ ୪୫୮.୮୯୬ ଏକର ଜମିର ରେକର୍ଡ ସଂଶୋଧନ କରାଯାଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଲ୍ୟାଣ୍ଡ ସେଲ୍ ଆରମ୍ଭ ହେବା ପରେ ନୂତନ ଭାବେ ଆଉ ୨୩୪.୨୧ ଏକର ଜମିର ରେକର୍ଡ ସଂଶୋଧନ ହୋଇଛି।

ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଏବଂ ଆଇନଗତ ସୁରକ୍ଷା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ନିକଟରେ ଖୋର୍ଦ୍ଧା ଜିଲ୍ଲାର ୪୭୦୦ ଏକରରୁ ଊର୍ଦ୍ଧ୍ୱ ଜମିର ରେକର୍ଡ ସଂଶୋଧନ ମହାପ୍ରଭୁଙ୍କ ନାମରେ କରାଯାଇଛି। ସେହିଭଳି ପିପିଲି ତହସିଲରେ ମଧ୍ୟ ୮୨ଟି ଖାତାରେ ଥିବା ୭୭.୨୦ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସୁରକ୍ଷା ତଥା ରାଜସ୍ୱ ପ୍ରଶାସନରେ ସ୍ୱଚ୍ଛତା ବଜାୟ ରଖିବା ସହ ଭବିଷ୍ୟତରେ ଜମି ସମ୍ବନ୍ଧୀୟ ବିବାଦ ରୋକିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଅଛି। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ଏବଂ ରାଜ୍ୟ ସରକାର ଏହି ଦିଗରେ ତତ୍ପର ଅଛନ୍ତି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି।



ଦିନିକିଆ ଓଡ଼ିଶା ଗସ୍ତ ସାରି ଫେରିବା ଅବସରରେ ଭୁବନେଶ୍ୱର ବିମାନ ବନ୍ଦରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଉପ-ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଲୋକଭବନରେ ସ୍ୱତନ୍ତ୍ର ଆତିଥେୟତା

ଭୁବନେଶ୍ୱର,୯।୭

ନ୍ୟୁଜ୍‌ବ୍ୟୁରୋ

ଗୁରୁବାର ଦିନ ଭାରତର ଉପ-ରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନଙ୍କ ଦିନିକିଆ ଓଡ଼ିଶା ଗସ୍ତ ଅବସରରେ ଉପ-ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଲୋକଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଏକ ଔପଚାରିକ ଭୋଜି ଆୟୋଜିତ ହୋଇଥିଲା।




ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ପଞ୍ଚାୟତି ରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ୍ ଲଲନ ସିଂହ, କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ମତ୍ସ୍ୟପାଳନ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ପ୍ରଫେସର ଏସ.ପି. ସିଂହ ବାଘେଲ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ,ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ, ଡିଜିପି ୱାଇ.ବି. ଖୁରାନିଆଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଉପ-ରାଷ୍ଟ୍ରପତି ଏବଂ ବିଶିଷ୍ଟ ଅତିଥିଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀବଳଭଦ୍ରଙ୍କ ପବିତ୍ର ରଥର ହସ୍ତନିର୍ମିତ ରୂପାର ତାରକସି ପ୍ରତିକୃତି (ସିଲଭର ଫିଲିଗ୍ରୀ) ଉପହାର ପ୍ରଦାନ କରିଥିଲେ। ଏହି ସ୍ମାରକଗୁଡ଼ିକ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଉତ୍କୃଷ୍ଟ କାରିଗରୀ ଏବଂ କଟକର କାଳଜୟୀ କଳା ପରମ୍ପରାକୁ ପ୍ରତିଫଳିତ କରୁଛି।

# ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ଯକ୍ଷ୍ମା ମୁକ୍ତି କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୯।୭

ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ "ପ୍ରୋଆକ୍ଟିଭ୍ ଗଭର୍ଣ୍ଣାନ୍ସ ଆଟେମ୍ପ୍ଟ ଫର ୟିଲ୍ଡିଂ ରେଜଲଟ୍ସ ଆଣ୍ଡ ଆଡଭାନ୍ସିଂ ସୋସିଆଲ୍ ସେକ୍ଟର (ପ୍ରୟାସ)"ର ଦ୍ୱିତୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମ୍ବନ୍ଧୀୟ ପ୍ରମୁଖ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରାଯାଇ ଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଅଶ୍ୱତୀ ଏସ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର-ତଥା-ଶାସନ ସଚିବ ଏନ୍. ତିରୁମାଲା ନାୟକ ଏବଂ ନିର୍ଦ୍ଦେଶକ, ସମାଜ କଲ୍ୟାଣ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାୱାରୀ ମାତୃମୃତ୍ୟୁ, ବିଭିନ୍ନ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ସଂସ୍ଥାଗତ ନବଜାତ ମୃତ୍ୟୁ ଏବଂ ରାଜ୍ୟସ୍ତରୀୟ ଟିମ୍‌ଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନରୁ ମିଳିଥିବା ତଥ୍ୟ ଉପରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ମାସ ମଧ୍ୟରେ ନିୟମିତ କ୍ଷେତ୍ର ପରିଦର୍ଶନ ଏବଂ ପ୍ରତିକାରାତ୍ମକ ପଦକ୍ଷେପ ଯୋଗୁଁ ମାତୃ-ନବଜାତ ଶିଶୁ ମୃତ୍ୟୁ ସଂଖ୍ୟା ହାର ହ୍ରାସ ପାଇଥିବା ସମୀକ୍ଷାରୁ ଜଣାପଡ଼ିଛି। ରେଫରାଲ୍ ପ୍ରୋଟୋକଲ୍‌ର ଅନୁପାଳନ, ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନିଯୋଜନ, ହସ୍ପିଟାଲ ପରିଚାଳନା, ଔଷଧ ଓ ଆବଶ୍ୟକ



ସାମଗ୍ରୀର ଉପଲବ୍ଧତା ସହ ପ୍ରସୂତି କକ୍ଷ, ଅସ୍ତ୍ରୋପଚାର ଏବଂ ନବଜାତକ ସେବା କକ୍ଷ ଆଦିରେ ସଂକ୍ରମଣ ନିବାରଣ ବ୍ୟବସ୍ଥାରେ କୌଣସି ପ୍ରକାରର ଅବହେଳା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜିଲ୍ଲାପାଳମାନଙ୍କୁ ସିଡିଏମ୍‌ଓ ତଥା ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ କରିବା, ହସ୍ପିଟାଲ ପରିଦର୍ଶନ କରି କାର୍ଯ୍ୟାନ୍ୱୟନରେ ରହୁଥିବା ତ୍ରୁଟି ଚିହ୍ନଟ କରିବା ଏବଂ ତୁରନ୍ତ ସଂଶୋଧନ ମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ଜିଲ୍ଲାପାଳ ମାନଙ୍କୁ ଜିଲ୍ଲାସ୍ତରରେ ପ୍ରତିମାସରେ ଏ ସଂପର୍କିତ ସମୀକ୍ଷା ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହ ରାଜ୍ୟ ସ୍ତରୀୟ ଟିମ୍ ଜିଲ୍ଲାଗୁଡ଼ିକ ପରିଦର୍ଶନ କରି ନିଆଯାଇଥିବା ସଂଶୋଧନମୂଳକ ପଦକ୍ଷେପର ଅନୁଧ୍ୟାନ କରିବେ।

ବୈଠକରେ ଯକ୍ଷ୍ମା ନିରାକରଣ ପଦକ୍ଷେପ ଓ ସଚେତନତାକୁ ଏକ ପ୍ରମୁଖ କାର୍ଯ୍ୟସୂଚୀ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାଗୁଡ଼ିକୁ ପ୍ରତ୍ୟେକ ବ୍ଲକ୍ ପାଇଁ ଜଣେ ଲେଖାଏଁ ପ୍ରଥମ ଶ୍ରେଣୀ ପାହ୍ୟାର ଅଧିକାରୀଙ୍କୁ ନିୟୋଜିତ କରି 'ଟିବି ମୁକ୍ତ ଭାରତ ଅଭିଯାନ'ର କାର୍ଯ୍ୟାନ୍ୱୟନ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'ପ୍ରୟାସ' ସମୀକ୍ଷା ବୈଠକରେ ୨୦୨୪-୨୫ର ସ୍କୁଲ ଶିକ୍ଷା ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ଆଧାରରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ପାଇଁ ପଦକ୍ଷେପ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ସ୍କୁଲରୁ ଡ୍ରପ୍ ଆଉଟ୍ ରୋକିବା ପାଇଁ ଶିକ୍ଷକ, ଅଭିଭାବକ, ଗୋଷ୍ଠୀ ସମୁଦାୟ ଓ ସମ୍ପୃକ୍ତ ବିଭାଗମାନଙ୍କର ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା ଓ ଶିଶୁ ବିକାଶ ସଂପର୍କିତ ସମୀକ୍ଷାରେ ସମାଜ ମଙ୍ଗଳ ନିର୍ଦ୍ଦେଶିକା, ଶିଶୁ କୁ-ପୋଷଣ ହ୍ରାସ ସଂପର୍କରେ ଉପସ୍ଥାପନ କରି ଆବଶ୍ୟକ ପଦକ୍ଷେପ ନେଇ ଜିଲ୍ଲାପାଳ ମାନଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ସମନ୍ୱିତ, କ୍ଷେତ୍ରଭିତ୍ତିକ ଏବଂ ଫଳାଫଳମୁଖୀ ପଦକ୍ଷେପ ଗ୍ରହଣ କରି ସ୍ୱାସ୍ଥ୍ୟ, ଶିକ୍ଷା ଓ ପୋଷଣ ସୂଚକାଙ୍କରେ ଉନ୍ନତି ଆଣିବା ସହ ରାଜ୍ୟର ସାମାଜିକ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ପରିବର୍ତ୍ତନ ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ ଦେଇଥିଲେ।

# ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଗଲା ଆମ ବସ୍

କଟକ,୯।୭

ନ୍ୟୁଜ୍‌ବ୍ୟୁରୋ

ପୁଣି ଦୁର୍ଘଟଣା କଲା ଆମ ବସ୍। କଟକ ବାଦାମବାଡ଼ି ମଲାଚଣ୍ଡିଆ ଛକ ନିକଟରେ ଏକ ବାଇକ୍ ଉପରେ ଚଢ଼ିଲା ଆମ ବସ୍। ୧୮ ନମ୍ବର୍ ରୁଟ୍‌ରେ ଯାଉଥିବା ବସ୍‌ଟି ନେତାଜୀ ବସ୍ ଟର୍ମିନାଲ ମଧ୍ୟକୁ ପ୍ରବେଶ କରିବା ବେଳେ ବାମ ପଟେ ଏକ ବାଇକ୍‌କୁ ଧକ୍କା ଦେବା ସହ ଆରୋହୀଙ୍କୁ ପ୍ରାୟ ୫୦ ଫୁଟ ଘୋଷାଡ଼ି ଆଣିଥିଲା।



ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଜଣେ ପ୍ରତ୍ୟକ୍ଷଦର୍ଶୀ ଚେତାଶୂନ୍ୟ ହୋଇ ଯାଇଥିଲେ। ଏହାପରେ ବସ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

ଗୋଟିଏ ପଟେ ବସ୍ ତଳେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ଫସି ରହିଥିବା ବେଳେ ସ୍ଥାନୀୟ ଶତାଧିକ ବାସିନ୍ଦାମାନେ ବିଳମ୍ବ ନକରି ବସ୍‌କୁ ଟେକି ଆହତଙ୍କୁ ଉଦ୍ଧାର କରିଥିଲେ। ବାଦାମବାଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୯/୦୭/୨୦୨୬
୧,୬୭,୯୮୪/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

## ପାର୍କିଂ ହୋଇଥିବା ଟ୍ରକ୍ ଉପରକୁ ମାଡ଼ିଗଲା ଦ୍ରୁତଗାମୀ କାର୍ : ୫ ମୃତ

ଭୋପାଳ,୯।୭

ମଧ୍ୟପ୍ରଦେଶର ଉମରିୟା ଜିଲ୍ଲାରେ ଏକ ପାର୍କିଂ ହୋଇଥିବା ଟ୍ରକ୍ ଉପରକୁ କାର୍ ମାଡ଼ି ଯିବା ଫଳରେ ଏଥିରେ ୩ ମହିଳା ଏବଂ ଜଣେ ଶିଶୁଙ୍କ ସମେତ ଗୋଟିଏ ପରିବାରର ୫ ଜଣଙ୍କର ମୃତ୍ୟୁ ହୋଇଯାଇଛି। ସିଭିଲ୍ ଲାଇନ୍ସ ଥାନା କ୍ଷେତ୍ରାଧିକାର ମଧ୍ୟରେ ଆସୁଥିବା ଭରୁଲା ଗ୍ରାମ ନିକଟରେ ଗୁରୁବାର ଭୋର୍ ପ୍ରାୟ ୩.୩୦ ସମୟରେ ଦୁର୍ଘଟଣା ହୋଇଛି। ରାସ୍ତାକଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରକ୍‌କୁ ଏକ ଏର୍ଟିଗା କାର୍ ପିଟି ଦେବା ଫଳରେ କାର୍‌ରେ ଥିବା ୪ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ଜଣେ ମହିଳା ଏହି ଘଟଣାରେ ଗୁରୁତର ଆହତ ହୋଇଛନ୍ତି ଏବଂ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି।

# କୋଟିପତି ଫରେଷ୍ଟ ରେଞ୍ଜରଙ୍କୁ ଗିରଫ କଲା ଭିଜିଲାନ୍ସ

କଟକ,୯।୭

ନ୍ୟୁଜ୍‌ବ୍ୟୁରୋ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳର ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ପକ୍ଷରୁ ରବୀନ୍ଦ୍ର କୁମାର ନାୟକଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବା ବେଳେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସେଥିରେ ୨ଟି ଘର, ଯାହା ମଧ୍ୟରୁ ଗୋଟିଏ ୭,୦୩୮ ବର୍ଗଫୁଟ୍ ବିଶିଷ୍ଟ ଚାରି ମହଲା ବିଳାସପୂର୍ଣ୍ଣ ଭବନ, ୬ଟି ଦାମୀ ପ୍ଲଟ୍, ୨୮୩ ଗ୍ରାମ୍ ସୁନା, ୨.୧୪ ଲକ୍ଷ ନଗଦ ଟଙ୍କା, ୭୬ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଗୋଟିଏ ଚାରି ଚକିଆ ଗାଡ଼ି ସାମିଲ ରହିଛି। ଯାହାକୁ ସେ ସଠିକ୍ ଭାବରେ ବ୍ୟାଖ୍ୟା କରିପାରି ନଥିଲେ। ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ କଟକ ଭିଜିଲାନ୍ସ ପିଏସ୍ ମାମଲା ନଂ.୨୫/୨୦୨୬ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବିନ୍ଦ୍ର କୁମାର ନାୟକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକ ଭିଜିଲାନ୍ସ ଜାଲରେ ଫଶିଛନ୍ତି। ଆୟ



ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା। କଟକ ଜିଲ୍ଲା ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳିରେ ୭୦୩୮ ବର୍ଗ ଫୁଟ୍ ଜମିରେ ତାଙ୍କର ଏକ ୪ ମହଲା କୋଠା ଠାବ ହୋଇଛି। ସେହିପରି ବାଙ୍କୀରେ ଆଉ ଏକ କୋଠା ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାସହ କଟକ ଜିଲ୍ଲା ବାରଙ୍ଗରେ ୬ଟି ମୂଲ୍ୟବାନ ଜମି ରହିଥିବାବେଳେ ତାଙ୍କ ଘରୁ ନଗଦ ଦୁଇ ଲକ୍ଷ ୧୪ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ବ୍ୟାଙ୍କରେ ୭୩ ଲକ୍ଷ ଟଙ୍କା ରହିଛି। ଏହାସହ ତାଙ୍କ ଘରୁ ବହୁ ପରିମାଣର ସୁନାଗହଣା ଜବତ କରାଯାଇଛି। ଘରେ କେବଳ ୧୮ ଲକ୍ଷ ଟଙ୍କାର ସୌଖୀନ ଜିନିଷ ରଖିଛନ୍ତି। ତାଙ୍କ ପାଖରେ ଏକ ଦାମୀ କାର୍ ରହିଛି। ସେ ୧୯୮୮ ମସିହାରେ ମାତ୍ର ଏକ ହଜାର ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୨୧ ମସିହାରେ ସେ ରେଞ୍ଜର ପଦକୁ ପଦୋନ୍ନତି ପାଇଥିଲେ। ସରକାରୀ ଚାକିରି କାଳ ମଧ୍ୟରେ କିପରି ବହୁ କୋଟି ଟଙ୍କାର ମାଲିକ ହୋଇଗଲେ ତାହାକୁ ନେଇ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ପ୍ରଶ୍ନ କରିଛନ୍ତି। ତାଙ୍କ ଚାକିରି କାଳ ମଧ୍ୟରେ ସେ ବାଲୁଗାଁ ବନଖଣ୍ଡ, ଚନ୍ଦକା ବନଖଣ୍ଡ, ଭୁବନେଶ୍ୱର ବନଖଣ୍ଡ, ମହାନଦୀ ବନଖଣ୍ଡ, ନୟାଗଡ଼ ବନଖଣ୍ଡ ଇତ୍ୟାଦି କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି; କିନ୍ତୁ ଏହି ସମୟ ମଧ୍ୟରେ ସେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ସର୍ଚ୍ଚ ୱାରେଣ୍ଟ ବଳରେ ତାଙ୍କ ଗ୍ରାମରେ ଥିବା ଘର, ମୁଣ୍ଡଳିରେ ଥିବା ୪ ମହଲା ଘରେ ଚଢ଼ଉ ହୋଇଛି। ଏହାସହ କେନ୍ଦ୍ରାପଡ଼ା କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କଟକ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନେଇଯାଇଛି। ତାଙ୍କ ଠାରୁ ଆହୁରି ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢ଼ଉରେ ୫ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଓ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ।

# ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗି ୨୮ ଜଣଙ୍କ ମୃତ୍ୟୁ

ବେଜିଂ,୯।୭

ଚୀନ୍‌ର ପୂର୍ବ ଫୁଜିଆନ ପ୍ରଦେଶରେ ଗୁରୁବାର ଏକ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଛି ଏବଂ ଏହି ଘଟଣାରେ ୨୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଜିନଜିଆଙ୍ଗ ସହରରେ ଜିଆଙ୍ଗତୋଉ ଗ୍ରାମରେ ଥିବା ଏକ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଥିଲା। ସଙ୍ଗେସଙ୍ଗେ ନିଆଁ ଚାରିଆଡ଼କୁ ବ୍ୟାପିଯିବାରୁ ଅନେକ ଲୋକ ଜୀବନ୍ତ ଦଗ୍ଧ ହୋଇଗଲେ। ତୁରନ୍ତ ଘଟଣା ସ୍ଥଳରେ ଅଗ୍ନି ନିର୍ବାପକ ଏବଂ ଇମର୍ଜେନ୍ସି ଟିମ୍ ମୁତୟନ ହୋଇଥିଲେ। କିନ୍ତୁ ଫ୍ୟାକ୍ଟ୍ରି ଭିତରେ ଅତି ଭୟଙ୍କର ସ୍ଥିତି ପାଇଁ ଉଦ୍ଧାରକାରୀ ଦଳ କୋଠା ଭିତରକୁ ପଶି ପାରିନଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ କୋଠାର ଗ୍ରାଉଣ୍ଡ ଫ୍ଲୋର୍ ଯେଉଁଠାରେ ଜୋତା ତିଆରି ସାମଗ୍ରୀ ରଖାଯାଇଥିଲା ସେଠାରୁ ହିଁ ନିଆଁ ଲାଗିଥିଲା। ଜୋତା ତିଆରି ସାମଗ୍ରୀ ରଖାଯାଇଥିବାରୁ ନିଆଁ ସଙ୍ଗେସଙ୍ଗେ ଚାରିଆଡ଼କୁ ବ୍ୟାପିଯାଇଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଉକ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅନ୍‌ଲାଇନ ଗେମ୍ ଖେଳି ଛାତ୍ର ପାଲଟିଲେ ଅକର୍ମଣ୍ୟ

ଆଗରପଡ଼ା,୯।୭:ନ୍ୟୁଜ୍‌ବ୍ୟୁରୋ

ଅନ୍‌ଲାଇନରେ ପାଠ ପଢ଼ିବା ପାଇଁ ପୁଅକୁ ବାପା ଦେଇଥିଲେ ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍। ମାତ୍ର ପାଠ ପଢୁପଢୁ ପୁଅ ପଡ଼ିଗଲା ଅନ୍‌ଲାଇନ ଗେମ୍ ନିଶାରେ। ପୁଅ ପାଇଁ ମାରାତ୍ମକ ହୋଇଯାଇଥିଲା ନିଶିଦ୍ଧ ବ୍ଲୁ-ହ୍ୱେଲ ଗେମ୍। ବାରମ୍ବାର ଏହି ଗେମ୍ ଖେଳି ପୁଅ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲା। ସୌଭାଗ୍ୟବଶତଃ ସେ ବଞ୍ଚିଯାଇଛି ସତ ହେଲେ ଅକର୍ମଣ୍ୟ ପାଲଟିଯାଇଛି। ସେ ସ୍ମୃତିଶକ୍ତି ହରାଇ ବସିଛି। ଏହିପରି ଏକ ଅଘଟଣ ଘଟିଛି ଭଦ୍ରକ ଜିଲ୍ଲା ଆଗରପଡ଼ା ନିକଟ ଆଡ଼ିଆ ପଞ୍ଚାୟତ ଓଲଡ଼ାଙ୍ଗ ଗ୍ରାମରେ। ବାପା ବେଙ୍ଗାଲୁରୁରେ ଚାକିରି କରିଥିବାରୁ ପୁଅ ଅଂଶୁମାନ (୧୧) ସେଠାରେ ଏକ ସ୍କୁଲରେ ପଢୁଥିଲା। ସେ ଜଣେ ମେଧାବୀ ଛାତ୍ର ଥିଲା। ଗେମର ଟାସ୍କ ପୂରଣ କରିବାକୁ ଯାଇ ଅଂଶୁମାନ ୨୦୨୨ ଫେବୃୟାରୀରେ ନିଜ ବାପାଙ୍କ ବେଲ୍ଟରେ ଫାଶି ଲଗାଇ ଝୁଲି ପଡ଼ିଥିଲା। ତାକୁ ଉଦ୍ଧାର କରାଯାଇ ଦୀର୍ଘ ୩ ମାସ ଆଇସିୟୁରେ ରଖାଯାଇଥିଲା। ହେଲେ ସେ କେବଳ ବାପା, ମା' ଛଡ଼ା ଆଉ କିଛି କହିପାରୁ ନାହିଁ। ପୁଅର ଚିକିତ୍ସା ପାଇଁ ବାପା ମା' ସର୍ବସ୍ୱାନ୍ତ ହୋଇସାରିଛନ୍ତି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସମଗ୍ର ଦେଶକୁ ଛୁଇଁଲା ମୌସୁମୀ : ମୋଟ ୧୯୫.୫ ମିମି ବର୍ଷା ରେକର୍ଡ

ନୂଆଦିଲ୍ଲୀ,୯।୭

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକଠାରୁ ଗୋଟିଏ ଦିନ ବିଳମ୍ବରେ ଜୁଲାଇ ୯ ଗୁରୁବାର ସୁଦ୍ଧା ସମଗ୍ର ଭାରତକୁ ସ୍ପର୍ଶ କରିଛି। ଏ ପର୍ଯ୍ୟନ୍ତ ଦେଶରେ ମୋଟ ୧୯୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି, ଏହି ପରିମାଣର ବର୍ଷା ସ୍ୱାଭାବିକଠାରୁ କମ୍। ବର୍ତ୍ତମାନ ସୁଦ୍ଧା ୨୩୦.୪ ମିମି ବର୍ଷା ହେବା କଥା। କିନ୍ତୁ ସମ୍ପ୍ରତି ମୌସୁମୀଜନିତ ବର୍ଷା ବୃଦ୍ଧି ପାଇଥିବାରୁ ଏହା ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ପାଇଁ ଲାଭକାରୀ ହେବ ବୋଲି କୁହାଯାଉଛି।



ପାଣିପାଗ ବିଭାଗର ସୂଚନା ଅନୁସାରେ, ଜୁନ୍ ମାସରେ ମୌସୁମୀ ବର୍ଷା ୪୦ ପ୍ରତିଶତ କମ୍ ରହିଥିଲା। ମାତ୍ର ୯୯.୫ ମିମି ବର୍ଷା ହୋଇଥିଲା। କିନ୍ତୁ ଜୁଲାଇରେ ଅଳ୍ପଦିନ ଭିତରେ ତାହା ବୃଦ୍ଧି ପାଇ ୧୯୫.୫ ମିମିରେ ପହଞ୍ଚିଛି, ଯାହା ଦୁଇଗୁଣରୁ ଅଧିକ। ଉତ୍ତର, ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାରତର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି। କେତେକ ରାଜ୍ୟରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ସାଧାରଣରୁ ଅଧିକ ବର୍ଷା ରେକର୍ଡ କରାଯାଇଛି।

ଆଇଏମ୍‌ଡି କହିଛି, ଚଳିତ ବର୍ଷ ମୌସୁମୀର ପ୍ରଗତି କୃଷି କ୍ଷେତ୍ର ପାଇଁ ଅନୁକୂଳ ରହିଛି। ଭଲ ବର୍ଷା ଯୋଗୁଁ ଧାନ, ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଖରିଫ ଫସଲର ବୁଣାକାମ ଦ୍ରୁତ ଗତିରେ ଚାଲିଛି। ଜଳଭଣ୍ଡାରଗୁଡ଼ିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ଜଳସେଚନ ଓ ପାନୀୟ ଜଳ ଯୋଗାଣ ପାଇଁ ଲାଭଦାୟକ ହେବ। ତେବେ ପାଣିପାଗ ବିଭାଗ ସତର୍କ କରିଛି ଯେ, ଆଗାମୀ କିଛି ଦିନ ମଧ୍ୟରେ ଉତ୍ତର-ପଶ୍ଚିମ, ମଧ୍ୟ ଓ ପୂର୍ବ ଭାରତର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇ ପାରେ। ଏହା ଫଳରେ ସହରାଞ୍ଚଳରେ ଜଳବନ୍ଦୀ, ନଦୀର ଜଳସ୍ତର ବୃଦ୍ଧି ଓ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ରହିଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପୂର୍ବ ପ୍ରସ୍ତୁତି ରଖିବା ପାଇଁ ପରାମର୍ଶ ଦିଆଯାଇଛି। ବିଶେଷଜ୍ଞଙ୍କ ମତରେ, ଚଳିତ ବର୍ଷ ମୌସୁମୀର ସନ୍ତୋଷ ଜନକ ଅଗ୍ରଗତି କୃଷି ଉତ୍ପାଦନ ବୃଦ୍ଧି ସହ ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିପାରେ। ଯଦି ଆଗାମୀ ସପ୍ତାହଗୁଡ଼ିକରେ ବର୍ଷାର ବଣ୍ଟନ ସନ୍ତୁଳିତ ରହେ, ତେବେ ଖରିଫ ଫସଲର ଉତ୍ପାଦନ ଭଲ ହେବାର ସମ୍ଭାବନା ରହିଛି। ସେହିପରି ଜଳଭଣ୍ଡାର ପୂର୍ଣ୍ଣ ହେଲେ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଓ ସେଚନ ବ୍ୟବସ୍ଥାରେ ମଧ୍ୟ ସକାରାତ୍ମକ ପ୍ରଭାବ ପଡ଼ିବ। ତେବେ ପ୍ରବଳ ବର୍ଷାପ୍ରବଣ ଅଞ୍ଚଳରେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ଲୋକଙ୍କୁ ପରାମର୍ଶ ଦେଇଛି।

# ବଢ଼ିଲା ପିଆଜ ଦର : ଦୁଇ ଦିନ ଭିତରେ ୩୦ରୁ ବଢ଼ି ୪୫ରେ ବିକ୍ରି ହେଉଛି

ଭୁବନେଶ୍ୱର,୯।୭:ନ୍ୟୁଜ୍‌ବ୍ୟୁରୋ

ବଢ଼ିଲା ପିଆଜ ଦର। ଗତ ୨ ଦିନ ଭିତରେ ଦର ୩୦ ରୁ ବଢ଼ି ୪୦ ଓ ୪୫ ଟଙ୍କାରେ ବିକ୍ରି ହେଉଛି। ପିଆଜର ସାଧାରଣ ଭାବେ ସବୁଦିନ ରୋଷେଇ ଘରେ ଆବଶ୍ୟକତା ରହିଛି। ତେଣୁ ୧କିଲୋ ଜାଗାରେ ଅଧା କିଲୋ କିଣିବାକୁ ପଡୁଛି। ଦୈନନ୍ଦିନ ଜୀବନରେ ସବୁ ନିତ୍ୟ ବ୍ୟବହାର ଜିନିଷର ଦାମ୍ ବଢ଼ିଲେ ଯେତିକି ବାଧୁଛି ତା'ଠାରୁ ଅଧିକ କଷ୍ଟ ଆଳୁ ପିଆଜର ଦାମ୍ ବୃଦ୍ଧି ବୋଲି କୁହନ୍ତି ଗ୍ରାହକ।

ଏଥିରେ ଦୋକାନୀର ବିଶେଷ ଲାଭ ନାହିଁ। ବେପାରୀ କିଲୋ ପିଛା ୩୩ ଟଙ୍କାରେ କିଣୁଥିବାବେଳେ ପରିବହନ ବାବଦକୁ ୫ ଟଙ୍କା ଓ ବସ୍ତାରେ ଆସୁଥିବା ପିଆଜ ଅଧେ ପଚା ପଡୁଥିବା ଯୋଗୁଁ ସେହି ପିଆଜ ବଛା ବାବଦକୁ ୧ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଦୋକାନୀ କିଲୋ ପିଛା ୪୦ ଟଙ୍କାରେ ବିକିଲେ ୧ଟଙ୍କା ଲାଭ ପାଉଛି। ବର୍ତ୍ତମାନ ସମୟରେ ପିଆଜ ଦାମ୍ ଟିକେ ଉଚ୍ଚା ରୁହେ। ନୂଆ ପିଆଜ ଆସିବାକୁ ଆହୁରି ସମୟ ଅଛି। ଏ ସବୁ ପିଆଜ କୋଲ୍ଡ ଷ୍ଟୋରେଜ୍ ପିଆଜ। ତେଣୁ ଦାମ୍ ଅଧିକ ରହିବ, ଆଗକୁ ଆହୁରି ଅଧିକ ହୋଇପାରେ। ଯୁଦ୍ଧ ଓ ବର୍ଷା ଏହି ଦୁଇଟି ଅବସ୍ଥା ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରୁଛି ବୋଲି କୁହନ୍ତି ଆଳୁ ପିଆଜ ସଂଘ ସଭାପତି ଶକ୍ତି ଶଙ୍କର ମିଶ୍ର।

ସେ ଆହୁରି କହିଛନ୍ତି, ଅଦିନିଆ ବର୍ଷା ଯୋଗୁଁ ନାସିକ ଜିଲ୍ଲାରେ ଫସଲ ୨୦% ନଷ୍ଟ ହେଇଛି। ଅନ୍ୟପକ୍ଷରେ ଏମପିର ଇନ୍ଦୋରରେ ପିଆଜ ନଷ୍ଟ ହୋଇଛି। ଅହମ୍ମଦନଗରରେ ପିଆଜ ଅଛି, ଅହମ୍ମଦନଗରରେ ବର୍ତ୍ତମାନ ହୋଲସେଲରେ ୨୨ଟଙ୍କାରୁ ୨୮ଟଙ୍କା ରହିଛି। ୩୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏଠି ବର୍ତ୍ତମାନ ହୋଲସେଲରେ ୩୦ରୁ ୩୨ଟଙ୍କା ବିକ୍ରି ହେଉଛି। ଯେହେତୁ ପାଇକାରୀ ଦର ବଢିଛି, ଖୋଲା ବଜାରରେ ବଢିବା ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ପାଇକାରୀ ୩୦ ଟଙ୍କା ବଜାରରେ ୫୦ ଟଙ୍କା ହେବ। ଆମେ କ'ଣ କରିପାରିବା ଚାଷୀ ତ ଚାଷ କରୁନାହିଁ ଓଡ଼ିଶାରେ। ବାହାର ରାଜ୍ୟରୁ ଆସିଲେ ଆମେ ଖାଇବା। ବାହାର ରାଜ୍ୟରେ ଦର ବଢିଲେ ଦର ବଢିବା ସ୍ୱାଭାବିକ।

# ଖେଳୁ ଖେଳୁ ପୋଖରୀରେ ବୁଡ଼ିଗଲେ ଦୁଇ ଛାତ୍ର

ରେଢ଼ାଖୋଲ,୯।୭

ନ୍ୟୁଜ୍‌ବ୍ୟୁରୋ

ଦୁଇ ଛାତ୍ରଙ୍କ ସଲୀଳ ସମାଧି। ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ବଡ଼ହିନ୍ଦୋଳ ଗ୍ରାମରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ପାଣିରେ ବୁଡି ଯିବା ଯୋଗୁଁ ୨ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ରମାନେ ହେଲେ ଶ୍ରୀକାନ୍ତ ମୁଣ୍ଡାଙ୍କ ୬ବର୍ଷର ପୁଅ ସିଦ୍ଧାନ୍ତ ମୁଣ୍ଡା ଓ ଅଭି ମୁଣ୍ଡାଙ୍କ ୭ବର୍ଷର ପୁଅ କୁଆଁର ମୁଣ୍ଡା। ଦୁହେଁ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ।

ସୂଚନାନୁଯାୟୀ, ସ୍କୁଲ ଛୁଟି ହେବା ପରେ ସିଦ୍ଧାନ୍ତ ମୁଣ୍ଡା ଓ କୁଆଁର ମୁଣ୍ଡା ସାଙ୍ଗ ହୋଇ ଘରକୁ ଫେରୁଥିଲେ। ସେମାନେ ଘରକୁ ନଆସି ଗ୍ରାମ ନିକଟ ଜମିରେ ଖୋଳା ଯାଇଥିବା ଏକ ପୋଖରୀକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଉଭୟ ଛାତ୍ରଙ୍କ ବାପା ମା' ବାହାରକୁ କାମ କରିବାକୁ ଯାଇ ରାତିରେ ଘରକୁ ଫେରିବା ପରେ ପୁଅ ଘରେ ନଥିବା ଦେଖିଥିଲେ। ପରିବାର ଲୋକମାନେ ଆଖପାଖରେ ଖୋଜା ଖୋଜି କରିବା ପରେ ପୋଖରୀରେ ସେମାନେ ଭାସୁଥିବା ଦେଖିଥିଲେ। ଉଭୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁଇ ଛାତ୍ରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।